NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20
8+16 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

SUNDAY
6 JULY 2025
ରବିବାର
୬ ଜୁଲାଇ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 52 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୫୨ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର୍' ସହ

## ଜନ୍ମବେଦୀରୁ ବାହୁଡ଼ିଲେ ଚତୁର୍ଦ୍ଧାବିଗ୍ରହ

# ସିଂହଦ୍ୱାର ସମ୍ମୁଖରେ ଲାଗିଲା ତିନି ରଥ



### ନୀତି ନିର୍ଘଣ୍ଟର ୧ଘଣ୍ଟା ୧୦ ମିନିଟ୍ ପୂର୍ବରୁ ପହଣ୍ଡି ଆରମ୍ଭ

### ଶ୍ରୀନଅର ସମ୍ମୁଖରେ ଲକ୍ଷ୍ମୀ-ନାରାୟଣ ଭେଟ

### ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ

### ଆଜି ସୁନାବେଶରେ ବିରାଜିବେ ମହାପ୍ରଭୁ

**ପୁରୀ,୫/୭/ଏନ୍ଏନ୍ଏସ୍:**

ନବଦିନାତ୍ମକ ଘୋଷଯାତ୍ରା ସାରି ନୀଳକନ୍ଦରକୁ ବାହୁଡ଼ି ଯାଇଛନ୍ତି ମହାବାହୁ । ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ଗହଳି ଓ ହରିବୋଲ ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା ଶରଧାବାଲି । ନିର୍ଦ୍ଧାରିତ ନୀତି ନିର୍ଘଣ୍ଟର ପ୍ରାୟ ୧ ଘଣ୍ଟା ୧୦ ମିନିଟ୍ ପୂର୍ବରୁ ପହଣ୍ଡି ଆରମ୍ଭ ହୋଇ ଶାନ୍ତିଶୃଙ୍ଖଳାର ସହ ବାହୁଡ଼ା ଯାତ୍ରା ଶେଷ ହୋଇଛି । ସିଂହଦ୍ୱାର ସମ୍ମୁଖରେ ତିନି ରଥ ଲାଗିଛନ୍ତି । ଫେରିବା ବାଟରେ ଚତୁର୍ଦ୍ଧାମୂର୍ତ୍ତି ମାଉସୀ ମା'ଙ୍କ ନିକଟରୁ ପୋଡ଼ପିଠା ଖାଇଥିଲେ । ଶ୍ରୀନହର ସମ୍ମୁଖରେ ଲକ୍ଷ୍ମୀ ନାରାୟଣ ଭେଟ ହୋଇଥିଲା । ଆସନ୍ତାକାଲି ମହାପ୍ରଭୁଙ୍କ ହରିଶୟନ ଏକାଦଶୀ ନୀତି ସହ ତିନିରଥ ଉପରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ । ଏଥିପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସହ ସ୍ୱତନ୍ତ୍ର ଟ୍ରାଫିକ ପରିଚାଳନା ବ୍ୟବସ୍ଥା କରାଯାଇଛି ।

ଗୁଣ୍ଡିଚା ମନ୍ଦିରରେ ଶନିବାର ପ୍ରାତଃ ୭.୦୫ମିନିଟ୍‌ରେ ମଙ୍ଗଳ ଆଳତି,

▶▶ ୫

## ପୋଡ଼ପିଠା ଖୁଆଇ ମେଲାଣି ଦେଲେ ମାଉସୀ ମା'



ନବଦିନାତ୍ମକ ଘୋଷଯାତ୍ରା ସାରି ଶ୍ରୀମନ୍ଦିରକୁ ବାହୁଡ଼ିଛନ୍ତି ମହାପ୍ରଭୁ । ଫେରିବା ବାଟରେ ବଡ଼ଦାଣ୍ଡସ୍ଥିତ ମାଉସୀ ମା' ମନ୍ଦିର ସମ୍ମୁଖରେ ଅଟକିଥିଲା ତିନି ରଥ । ଶ୍ରଦ୍ଧାରେ ପ୍ରସ୍ତୁତ କରିଥିବା ପୋଡ଼ପିଠା ଖୁଆଇ ମାଉସୀ ମା' ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଠାକୁର ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ମେଲାଣି ଦେଇଥିଲେ । ୩ଟି କୁଡୁଆରେ ପୋଡ଼ପିଠା ରଖାଯାଇ ଏହାକୁ ତିନି ରଥ ନିକଟରେ ସମର୍ପଣ କରାଯାଇଥିଲା ଏବଂ ତିନି ରଥରୁ ଆଜ୍ଞାମାଳ ମଧ୍ୟ ଆସିଥିଲା । ବର୍ଷକରେ ଗୋଟିଏ ଥର ଏହି ଭୋଗ ହେଉଥିବାରୁ ଏହିସବୁ ପୋଡ଼ପିଠାକୁ ଭକ୍ତଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା । ଏଥିପାଇଁ ବଳଗଣ୍ଡି ଛକ ମାଉସୀ ମା'ଙ୍କ ମନ୍ଦିରରେ ବ୍ୟାପକ ଆୟୋଜନ କରାଯାଇଥିଲା । ଏହା ନୀତିକାନ୍ତି କାହିଁ କେଉଁ କାଳର ପରମ୍ପରା ବୋଲି ମାଉସୀ ମା'ଙ୍କ ସେବାୟତ ବିଶ୍ୱନାଥ ମିଶ୍ର ପ୍ରକାଶ କରିଛନ୍ତି ।

## ୭ରେ ମୁଖ୍ୟମନ୍ତ୍ରୀ କରିବେ ଜନଶୁଣାଣି

**ଭୁବନେଶ୍ୱର,୫/୭/ଏନ୍ଏନ୍ଏସ୍:**

ଜୁଲାଇ ୭ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ ଜନ ଅଭିଯୋଗ ଶୁଣାଣି କରିବେ । ଏଥିପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ କରିବାକୁ ପଡ଼ିବ । ଲୋକେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ପୋର୍ଟାଲ୍ କିମ୍ବା ମୋବାଇଲ୍ ଆପ୍ଲିକେସନ୍ ଜରିଆରେ ନିଜର ନାମକୁ ପଞ୍ଜୀକରଣ କରିପାରିବେ । ଶନିବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । କାର୍ଯ୍ୟକ୍ରମ ଅନୁଯାୟୀ ୭ଜୁଲାଇ ପୂର୍ବାହ୍ଣରୁ ଜନଶୁଣାଣୀ ଅନୁଷ୍ଠିତ ହେବ । ଏଥିରେ ସର୍ବାଧିକ ୧୦୦୦ ଆବେଦନକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଅନୁମତି ଦିଆଯିବ । ଉକ୍ତ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ବ୍ୟତୀତ ବିଭିନ୍ନ ବିଭାଗର ମନ୍ତ୍ରୀମାନେ ଯୋଗଦେବାର ସମ୍ଭାବନା ରହିଛି ।

### ପିଏନ୍‌ବି ଋଣ ଠକେଇ ମାମଲା

## ନିହାଲ ମୋଦୀ ଆମେରିକାରେ ଗିରଫ

**ୱାଶିଂଟନ୍, ୫/୭/ଏଜେନ୍ସି:**

ନୀରବ ମୋଦୀଙ୍କ ସାନ ଭାଇ ନିହାଲ ମୋଦୀଙ୍କୁ ଆମେରିକା ପୁଲିସ୍ ସେଠାରେ ଗିରଫ କରିଛି । ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍ (ପିଏନ୍‌ବି) ଋଣ ଠକେଇ ମାମଲା ଏବଂ ଏଲ୍ଏଲ୍‌ଡି ଡାଇମଣ୍ଡସ୍ ୟୁଏସ୍ଏ ସହ ଜଡ଼ିତ ପ୍ରାୟ ୨.୬ ନିୟୁତ ଡଲାର୍ ଠକେଇ ମାମଲାରେ ନିହାଲ୍‌ଙ୍କର ସମ୍ପୃକ୍ତି ଥିବା ନେଇ ଅଭିଯୋଗ ହୋଇଥିଲା । ତେବେ ଭାରତର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ମିଳିତ ଆବେଦନ ଉପରେ ଆମେରିକା ପୁଲିସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବକ ଜୁଲାଇ ୪ତାରିଖରେ ନିହାଲଙ୍କୁ ଗିରଫ କରିଛି । ଅନ୍ୟପକ୍ଷରେ ଗିରଫ ପରେ ବର୍ତ୍ତମାନ ତାଙ୍କୁ



### ପ୍ରତ୍ୟାର୍ପଣ ପ୍ରକ୍ରିୟା ଆରମ୍ଭ କଲା ଭାରତ

ଆମେରିକାରୁ ଭାରତ ପ୍ରତ୍ୟାର୍ପଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି । ୧୭ ଜୁଲାଇ, ୨୦୨୫ରେ ପ୍ରତ୍ୟାର୍ପଣ ପ୍ରକ୍ରିୟା ନେଇ ଶୁଣାଣି ହେବ । ଶୁଣାଣି ସମୟରେ ନିହାଲ ନିଜ ପାଇଁ ଜାମିନ ଆବେଦନ କରିପାରନ୍ତି । ଏପରି ହେଲେ ପ୍ରତ୍ୟାର୍ପଣ ପ୍ରକ୍ରିୟା ଆଉ କିଛି ସମୟ ପାଇଁ ବିଳମ୍ବିତ ହୋଇପାରେ ବୋଲି ଆଶଙ୍କା କରାଯାଉଛି ।

ରିପୋର୍ଟ ଅନୁସାରେ ଦୁଇଟି ଅଭିଯୋଗ ଆଧାରରେ ନିହାଲ ମୋଦୀଙ୍କ ବିରୋଧରେ ପ୍ରତ୍ୟାର୍ପଣ ପ୍ରକ୍ରିୟା ଚାଲିଛି । ଗୋଟାଏ ହେଲା ପିଏନ୍‌ବି ଋଣ ଠକେଇ ଘଟଣା । ଅନ୍ୟଟି ମାନହାଟନରେ ଅବସ୍ଥିତ ବିଶ୍ୱର ସବୁଠାରୁ ବଡ଼ ହୀରା କମ୍ପାନୀ ମଧ୍ୟରୁ ଗୋଟିଏ, ଏଲ୍‌ଡି ଡାଇମଣ୍ଡସ୍ ୟୁଏସ୍ଏରୁ ବେଆଇନ ଭାବେ ୨.୬ ନିୟୁତ ଡଲାରରୁ ଅଧିକ ମୂଲ୍ୟର ହୀରା ହାସଲ କରିବା ଘଟଣା । ଏହି ଦୁଇଟି ଘଟଣା ପାଇଁ ତାଙ୍କୁ ଗିରଫ କରାଯାଇଛି । ସୂଚନାଯୋଗ୍ୟ, ନିହାଲ କଷ୍ଟକୋ ସହିତ ଏକ ଚୁକ୍ତି ପାଇଁ ହୀରା ନେଉଥିବା ମିଥ୍ୟା ଦାବିକରି କମ୍ପାନୀ ଠାରୁ ହୀରା ଆଣିଥିଲେ । ହେଲେ ଦେୟ ସର୍ତ୍ତାବଳୀ ପାଳନ କରିବା ପରିବର୍ତ୍ତେ, ସେ ନିଜ ଆର୍ଥିକ ଲାଭ ପାଇଁ ହୀରାଗୁଡ଼ିକୁ ବିକ୍ରି କରିଦେଇଥିଲେ । ଆମେରିକା ନ୍ୟାୟିକ ବିଭାଗ ତଥ୍ୟ ଅନୁସାରେ ଆର୍ଥିକ ଠକେଇ ନିରୋଧ ଆଇନ-୨୦୦୨ ଏବଂ ଅପରାଧିକ ଷଡ଼ଯନ୍ତ୍ର ଆଧାରରେ ନିହାଲଙ୍କୁ ଗିରଫ କରଯାଇଛି ।

### ● 'ଏକ୍ସ' ଜରିଆରେ ଖୁସି ଜାହିର କଲେ ମୁଖ୍ୟମନ୍ତ୍ରୀ

## ସୁରୁଖୁରୁରେ ଦର୍ଶନ ପାଇଁ ଗ୍ରୀନ୍ କରିଡର୍ ସହ ଆମ୍ବୁଲାନ୍ସ ବ୍ୟବସ୍ଥା

**ଭୁବନେଶ୍ୱର,୫/୭/ଏନ୍ଏନ୍ଏସ୍:**

ମହାପ୍ରଭୁଙ୍କ ଆଶୀର୍ବାଦରୁ ସୁରୁଖୁରୁରେ ହେଉଛି ବାହୁଡ଼ା ଯାତ୍ରା । ଭକ୍ତମାନଙ୍କ ଶାନ୍ତିଶୃଙ୍ଖଳା ଦର୍ଶନ ପାଇଁ ଗ୍ରୀନ୍ କରିଡର୍ ସହିତ ଆମ୍ବୁଲାନ୍ସ ବ୍ୟବସ୍ଥା ହୋଇଛି । ସୁରକ୍ଷାକୁ ଦୃଷ୍ଟିରେ ରଖି ୨୫ ହଜାରରୁ ଊର୍ଦ୍ଧ୍ୱ ସୁରକ୍ଷା କର୍ମୀ ମୁତୟନ ହୋଇଛନ୍ତି । ଏହାଦ୍ୱାରା ଦର୍ଶନ ଶୃଙ୍ଖଳିତ ହେବା



ସହ ଭିଡ଼ ଯୋଗଁ ଆହତ ହେଉଥିବା ଶ୍ରଦ୍ଧାଳୁଙ୍କୁ ଡାକ୍ତରଖାନା ନେବା ପାଇଁ ସହଜ ହୋଇଛି ।

ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସେ କହିଛନ୍ତି ଯେ, ଶାନ୍ତିଶୃଙ୍ଖଳାର ସହିତ ମହାପ୍ରଭୁ ବାହୁଡ଼ିଛନ୍ତି । କେବଳ ଶୃଙ୍ଖଳିତ ଦର୍ଶନ ନୁହେଁ ଯାତ୍ରୀଙ୍କ ପାଇଁ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ବି ଭଲ

▶▶ ୫

## ଅମରନାଥ ଯାତ୍ରା, ଦୁର୍ଘଟଣାରେ ୩୬ ଆହତ

**ରାମବନ,୫/୭/ଏଜେନ୍ସି:**

ଅମରନାଥ ଯାତ୍ରା ସମୟରେ କିଛି ଶ୍ରଦ୍ଧାଳୁ ଏକ ବଡ଼ ଦୁର୍ଘଟଣାର ଶିକାର ହୋଇଛନ୍ତି । ରାମବନର ଚନ୍ଦରକୋଟ ଲଙ୍ଗର ଠାରେ ଅମରନାଥ ଯାତ୍ରାର ପହଲଗାମ କାଫ୍‌ଲାର ଶେଷ ଗାଡ଼ି ନିୟନ୍ତ୍ରଣ ହରାଇ ଫସି ରହିଥିବା ଗାଡ଼ି ସହିତ ଧକ୍କା ହୋଇଥିବା ସୂଚନା ମିଳିଛି । ଏହି ଧକ୍କାରେ ପ୍ରାୟ ୪ଟି ଗାଡ଼ି କ୍ଷତିଗ୍ରସ୍ତ ହୋଇଛି ଏବଂ ୩୬ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଆହତମାନଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ହସ୍ପିଟାଲ ରାମବନରେ ଭର୍ତ୍ତି କରାଯାଇଛି । ପରେ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବରେ ଯାତ୍ରା ଜାରି ରଖିବା ପାଇଁ ଅନ୍ୟ ଗାଡ଼ିରେ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । ଧକ୍କା କରିଥିବା ବସ୍‌ର ଡ୍ରାଇଭରଙ୍କ କହିବାନୁସାରେ ସେ ଗାଡି ଚଳାଇବା ସମୟରେ ବ୍ରେକ୍



ଫେଲ୍ ହୋଇଥିବା ଅନୁଭବ କରିଥିଲେ । ଫଳରେ ବସ୍‌ରେ ଥିବା ଯାତ୍ରୀଙ୍କ ସୁରକ୍ଷା ପାଇଁ ତାଙ୍କୁ ଏପରି କରିବାକୁ ପଡିଥିଲା । ଅନ୍ୟପକ୍ଷେ ଦୁର୍ଘଟଣା

▶▶ ୫

### ଆମେରିକାର ୧୨ଟି ଦେଶ ଉପରେ ଶୁଳ୍କ ବୃଦ୍ଧି ପ୍ରସଙ୍ଗ

# ଘୋଷଣାପତ୍ରରେ ସ୍ୱାକ୍ଷର କଲେ ଟ୍ରମ୍ପ୍

**ୱାଶିଂଟନ୍,୫/୭/ଏଜେନ୍ସି:**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶନିବାର ୧୨ଟି ଦେଶ ଉପରେ ରପ୍ତାନୀ ଶୁଳ୍କ ବୃଦ୍ଧି ଘୋଷଣାପତ୍ରରେ ସ୍ୱାକ୍ଷର କରିଛନ୍ତି । ଘୋଷଣା ପତ୍ରରେ ସମ୍ପୃକ୍ତ ଦେଶଗୁଡିକ ଆମେରିକାକୁ ରପ୍ତାନୀ କରୁଥିବା ସାମଗ୍ରୀ ଉପରେ ଲାଗୁ ହେବାକୁ ଥିବା ବିଭିନ୍ନ ଶୁଳ୍କ ହାରକୁ ପୂର୍ଣ୍ଣାଙ୍ଗ ରୂପ ଦିଆଯାଇଛି । ସେହି ପ୍ରସ୍ତାବଗୁଡ଼ିକୁ ଆସନ୍ତା ସୋମବାର ଦିନ ସଂପୃକ୍ତ ଦେଶଗୁଡିକୁ ପଠାଯିବ । ଏ ସମ୍ପର୍କରେ ସୂଚନା ଦେଇ ଟ୍ରମ୍ପ୍ କହିଛନ୍ତି ଯେ ଚିଠିଗୁଡ଼ିକରେ ବିଭିନ୍ନ ଶୁଳ୍କ ହାର ଏବଂ ପରିମାଣ ଅନ୍ତର୍ଭୁକ୍ତ । ସେ ଏହା ମଧ୍ୟ ସୂଚୀତ କରିଛନ୍ତି ଯେ କିଛି ଶୁଳ୍କ ୭୦% ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ଏବଂ ତାହା ଚଳିତ ବର୍ଷ ଅଗଷ୍ଟ ୧ରୁ କାର୍ଯ୍ୟକାରୀ ହେବାର ସମ୍ଭାବନା ରହିଛି ।

ଗତ ଏପ୍ରିଲରେ, ଟ୍ରମ୍ପ ଅଧିକାଂଶ ଆମଦାନୀ ଉପରେ ମୂଳ ୧୦% ଶୁଳ୍କ ଘୋଷଣା କରିଥିଲେ । ଚୀନ୍ ସମେତ କିଛି ଦେଶ ପାଇଁ ଉଚ୍ଚ ଶୁଳ୍କ ହାର ଘୋଷଣା କରାଯାଇଛି । ଏହି ବର୍ଦ୍ଧିତ ଶୁଳ୍କଗୁଡ଼ିକୁ ଜୁଲାଇ ୯ ପର୍ଯ୍ୟନ୍ତ ଅସ୍ଥାୟୀ



ଭାବରେ ସ୍ଥଗିତ ରଖାଯାଇଥିଲା । ଏପର୍ଯ୍ୟନ୍ତ, ଆମେରିକା ଲଣ୍ଡନ ଏବଂ ଭିଏତନାମ ସହିତ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ କରିଛି । ତଥାପି, ଭାରତ ଏବଂ ଆମେରିକା ମଧ୍ୟରେ କୌଣସି ଚୁକ୍ତି ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଞ୍ଚି ପାରିନାହିଁ । ମୁଖ୍ୟ ବିବାଦ ହେଉଛି ଭାରତର କୃଷି ଏବଂ ଦୁଗ୍ଧ ବଜାରରେ ଅଧିକ ପ୍ରବେଶ ପାଇଁ ଆମେରିକା ଦାବି କରୁଥିବା ବେଳେ ଭାରତ ସରକାର ଛୋଟ ଚାଷୀଙ୍କ ଉପରେ ଏହାର ପ୍ରଭାବ ପଡ଼ିବା ସମ୍ଭାବନା ଥିବା କହିଛି । ଭାରତ ଜୁଲାଇ ୯ ପୂର୍ବରୁ ଏକ ମଧ୍ୟବର୍ତ୍ତୀକାଳୀନ ଚୁକ୍ତିନାମା କରି ଟ୍ରମ୍ପଙ୍କ ପ୍ରସ୍ତାବିତ ୨୬% ଶୁଳ୍କକୁ ଏଡ଼ାଇବାକୁ ଆଶା କରୁଛି, ଏବଂ ବସ୍ତ୍ର ଏବଂ ଜୋତା ଭଳି ରପ୍ତାନି ପାଇଁ ଶୁଳ୍କ ହ୍ରାସ ମଧ୍ୟ ଚାହୁଁଛି । କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି ଯେ ଭାରତ ସମୟସୀମା ଚାପରେ କୌଣସି ଚୁକ୍ତି କରିବ ନାହିଁ, ଏବଂ କେବଳ ଜାତୀୟ ସ୍ୱାର୍ଥ ପାଇଁ ଚୁକ୍ତିନାମା ସ୍ୱାକ୍ଷର କରିବ ।

### ହ୍ୱାଇଟ୍ ହାଉସ୍‌ରେ ୱାନ୍ ବିଗ୍ ବିଉଟିଫୁଲ୍ ବିଲ୍' ପାରିତ

ହ୍ୱାଇଟ୍ ହାଉସ୍‌ରେ ଶୁକ୍ରବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ 'ୱାନ୍ ବିଗ୍ ବିୟୁଟିଫୁଲ୍ ବିଲ୍' ଉପରେ ଦସ୍ତଖତ କରିଛନ୍ତି । ଯାହା ଟିକସ ଏବଂ ଖର୍ଚ୍ଚ ହ୍ରାସର ଏକ ବ୍ୟାପକ ପ୍ୟାକେଜ୍ ବୋଲି କୁହାଯାଉଛି । ଏହି ବିଲ୍ ପାରିତ ତଥା ସ୍ୱାକ୍ଷରିତ ହେବା ପରେ ଟ୍ରମ୍ପ୍ ଏହାକୁ ଆମେରିକାରେ ସବୁର୍ଣ୍ଣ ଯୁଗର ଆରମ୍ଭ ବୋଲି ଅଭିହିତ କରିଛନ୍ତି । ଏହା ରିପବ୍ଲିକାନ୍-ନିୟନ୍ତ୍ରିତ ପ୍ରତିନିଧି ସଭାରେ ଅଳ୍ପ ଭୋଟରେ ପାରିତ ହୋଇଥିବା ବିଲକୁ ମଞ୍ଜୁର କରିବାର ଗୋଟିଏ ଦିନ ପରେ ଘଟିଛି । ଏହି ଆଇନ ପାରିତ ହେବା ପରେ ଆମେରିକାରେ ମଧ୍ୟବିତ୍ତଙ୍କ ଉପରେ କର ବୋଝ କମ୍ ହେବ ବୋଲି ଆଶା କରାଯାଉଛି । ଏହାସହ ଏହି ବିଲ୍ ପାରିତ ହେବା ପରେ ଟ୍ରମ୍ପଙ୍କ ପ୍ରମୁଖ ନୀତିକୁ ଆଇନଗତ ଶକ୍ତି ମିଳିବ । ଯେଉଁଥିରେ ମାସ୍ ଡିପୋଟେସନ୍ (ବହୁ ସଂଖ୍ୟାରେ ପ୍ରବାସୀ ନାଗରିକଙ୍କୁ ଦେଶରୁ ବିତାଡ଼ିତ କରିବା), ସେନା ଓ ସୀମା ସୁରକ୍ଷା ପାଇଁ ଅଧିକ ଖର୍ଚ୍ଚ କରିବା, ଓଭର ଟାଇମ୍ କାର୍ଯ୍ୟ ଓ ଟିପ୍ସ ଆକାରରେ ମିଳୁଥିବା ଅର୍ଥ ଉପରେ କର ଛାଡ଼ ଇତ୍ୟାଦି ।

## ଖୋଲିଲା ରେଙ୍ଗାଲି ଡ୍ୟାମ୍‌ର ଗେଟ୍

### ଅପରାହ୍ଣ ସୁଦ୍ଧା ଜଳସ୍ତର ୧୨୦.୯୮ ଘନମିଟର



**କଣିହାଁ,୫/୭/ଏନ୍ଏନ୍ଏସ୍:**

ଚଳିତବର୍ଷର ପ୍ରଥମ ବନ୍ୟାଜଳ ଶନିବାର ସନ୍ଧ୍ୟାରେ ରେଙ୍ଗାଲି ଡ୍ୟାମ୍‌ରୁ ନିଷ୍କାସନ କରାଯାଇଛି । ଉପରେ ମୁଣ୍ଡରେ ପ୍ରବଳ ବର୍ଷାଯୋଗୁଁ ରେଙ୍ଗାଲି ଡ୍ୟାମ୍ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଡ୍ୟାମ୍‌ର ଅଧୀକ୍ଷଣ ଯନ୍ତ୍ରୀ ସୌମେନ୍ଦ୍ର ବେହେରାଙ୍କ ସୂଚନା ଅନୁଯାୟୀ ରେଙ୍ଗାଲି ଡ୍ୟାମ୍ ଜଳଭଣ୍ଡାରର ପୂର୍ଣ୍ଣ ଜଳଧାରଣ କ୍ଷମତା ୧୨୩.୫୦ ମିଟର ଥିବାବେଳେ ଆଜି ଅପରାହ୍ଣ ୫ଟା ସୁଦ୍ଧା ଡ୍ୟାମ୍‌ର ଜଳସ୍ତର ୧୨୦.୯୮ ମିଟରରେ ପହଞ୍ଚିଥିଲା । ରେଙ୍ଗାଲି ଡ୍ୟାମ୍‌ର ଜଳଧାରଣ ସାରଣୀ ଅନୁଯାୟୀ ଆଜି ତାରିଖରେ ଜଳସ୍ତର ୧୧୦.୦୮ ମିଟର ରହିବା କଥା । ଫଳରେ ଆଜି ସନ୍ଧ୍ୟା

▶▶ ୫

## ମାହାଙ୍ଗାରେ ମେଗା ପାନୀୟଜଳ ପ୍ରକଳ୍ପ ଦିଗହରା

# ଖୋଳା ଚାଲିଛି ଢଳେଇ ରାସ୍ତା, ସମସ୍ୟା ଭୋଗୁଛନ୍ତି ଲୋକେ



**କୁଆଁପାଳ,୫।୭/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅଞ୍ଚଳରେ ମେଗା ପାନୀୟ ଜଳ ପ୍ରକଳ୍ପ ଦିଗହରା ହୋଇପଡିଛି। ଏହାର କାର୍ଯ୍ୟକାରିତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ଉଠିଛି। ପ୍ରକଳ୍ପ କାର୍ଯ୍ୟ ଶେଷ ସମୟସୀମା ସରିଯାଇଥିଲା ବେଳେ ଠିକାଦାର ମନ୍ଥର ଗତିରେ କାର୍ଯ୍ୟ କରୁଥିବାରୁ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବାକୁ ନେଇ ଚର୍ଚ୍ଚା ହେଉଛି। ଅପରପକ୍ଷରେ କେତେକ ସ୍ଥାନରେ ମୁଖ୍ୟ ଢଳେଇ ରାସ୍ତାକୁ ତାଡି ଠିକାଦାର ଭୂତଳ ପାଇପ ବସାଉଛି। ପରେ ଉକ୍ତ ଢଳେଇ ରାସ୍ତା ଗୁଡିକର ମରାମତି କରାଯାଉ ନାହିଁ। ଯାହାକି ଦେଖିବାକୁ ମିଳିଛି ମାହାଙ୍ଗା ମେଡିକାଲ ବଜାର ନିକଟରେ। ଢଳେଇ ରାସ୍ତାକୁ ତାଡିବା ଫଳରେ ଯାତାୟାତରେ କେବଳ ସାଧାରଣ ଜନତା ନୁହଁନ୍ତି ସ୍କୁଲ କଲେଜକୁ ଯାଉଥିବା ଛାତ୍ର ଛାତ୍ରୀ ଏପରିକି ଡାକ୍ତରଖାନାକୁ ଚିକିତ୍ସିତ ହେବାକୁ ଯାଉଥିବା ରୋଗୀ ମଧ୍ୟ ସମସ୍ୟା ଭୋଗୁ ଛନ୍ତି। ଆର.ଡି. ରାସ୍ତା ହେଉ କିମ୍ବା କେନାଲବନ୍ଧ ରାସ୍ତା ହେଉ ଠିକାଦାର ଜଣକ ମନଇଚ୍ଛା ଢଳେଇ ରାସ୍ତାକୁ ଖୋଳି ପାଇପ ବସାଉଛନ୍ତି। ପାଇପ ବସାଇବା ପରେ ଉକ୍ତ ରାସ୍ତା ଗୁଡିକର ପୁନର୍ବାର ଢଳେଇ କାର୍ଯ୍ୟ କରାଯାଉନାହିଁ। ତେବେ ଢଳେଇ ରାସ୍ତା ଖୋଳି ଭୂତଳ ପାଇପ ବସାଇବା ପାଇଁ ସମ୍ପୃକ୍ତ ଠିକାଦାରଙ୍କୁ ଅନୁମତି ଦେଲା କିଏ ବୋଲି ପ୍ରଶ୍ନ ଉଠିଛି। ଯଦି ଅନୁମତି ନାହିଁ ତେବେ ଠିକାଦାର ଜଣକ ଢଳେଇ ରାସ୍ତା ତାଡି ପାଇପ୍ ବସାଉଛି କିପରି ଏବଂ ଯଦି ଅନୁମତି ଦିଆଯାଇଛି ତେବେ ଢଳେଇ ରାସ୍ତାଗୁଡିକର ମରାମତି ସମ୍ପୃକ୍ତ ଠିକାଦାର କେତେଦିନ ଭିତରେ କରିବେ ସେ ସମ୍ପର୍କରେ ପ୍ରଶାସନ ତୁରନ୍ତ ଜନସାଧାରଣଙ୍କୁ ଅବଗତ କରାଉ ବୋଲି ସର୍ବସାଧାରଣରେ ଦାବି ହେଉଛି।

# କାକଟପୁରରେ ସିରିଜ୍ ଚୋରି, ପୁଲିସ ନୀରବ

**ଅସ୍ତରଙ୍ଗ,୫।୭/ଏନ୍ଏନ୍ଏସ୍:** ଦିନକୁ ଦିନ କାକଟପୁର ରେ ଚୋରୀ ବୃଦ୍ଧି ପାଇବାରେ ଲାଗିଛି। ଗତକାଲି କାକଟପୁର ବଲରାସ୍ଥିତ ମାଧବାନନ୍ଦ ମନ୍ଦିର, ପତିସାହି ମହାବୀର ମନ୍ଦିର ଓ ଆଲୋକ କୁମାର ଦାସ ନାମକ ଜଣେ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଛି। ଏହି ସିରିଜ୍ ଚୋରିକୁ ନେଇ ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଆଜି ଐତିହାସିକ ବଲରା ମାଧବାନନ୍ଦ ମନ୍ଦିରର ପୂଜାରୀ ବିଜୟ କୁମାର ଦାଶ ଠାକୁରଙ୍କ ନୀତି ପାଇଁ ମନ୍ଦିରକୁ ଆସି ଦ୍ୱାର ଫିଟାଇବା ବେଳକୁ ଦେଖନ୍ତି ଠାକୁରଙ୍କ ଦ୍ୱାର କୁଦା ତଡ଼ା ହୋଇଛି। ସେ ଏ ନେଇ ସ୍ଥାନୀୟ ଲୋକଙ୍କୁ ଡାକିଥିଲେ ଓ ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ଅଭିଯୋଗ ମୁତାବକ ଠାକୁରଙ୍କ ରୁପା ହାର, ପିତଳ ଢାଲ ୨ଟା, ଥାଳି ୧ଟି, ବାଲ୍ଟି ୧ଟି, ଘଣ୍ଟ ୧ଟି, ହାତ ଘଣ୍ଟି ୨ଟା ଗାୟବ ଅଛି। ଠିକ୍ ସେହିପରି କିଛି ଦୂରରେ ପତିସାହି ମହାବୀର ମନ୍ଦିରରୁ ହନୁମାନଙ୍କ ୧ଟିଏ ରୁପାର ମୁକୁଟ, ସୁନା ଆଖି ୨ ଟି, ଅନ୍ୟ ରୁପା ସାମଗ୍ରୀ ୨ଟି ଓ ଠାକୁରଙ୍କ ହୁଣ୍ଡି ତଡ଼ାଯାଇଛି ଯେଉଁଥିରେ ୧୫ରୁ ୨୦ହଜାର ଭକ୍ତଙ୍କ ଅନୁଦାନ ଟଙ୍କା ରହିଥିଲା। ଏ ବାବଦରେ ପୂଜକ ବିପିନ ବିହାରି ଦାସ ଏକ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି। ଏହି ମହାବୀର ମନ୍ଦିର ନିକଟରେ ଆଲୋକ କୁମାର ଦାସଙ୍କ ଘରୁ ଗ୍ୟାସ ସିଲିଣ୍ଡର ସହିତ ଗୋଟେ ପାଣି ମଟର ମଧ୍ୟ ଚୋରି ହୋଇଛି। ଏହି ବାବଦରେ ମଧ୍ୟ ତାଙ୍କ ତରଫରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଞ୍ଚଳରେ ଦିନକୁ ଦିନ ନିଶାଡ଼ିଙ୍କ ଆଡ୍ଡା ଜମୁଥିବା ଦେଖିବାକୁ ମିଳୁଥିବା ବେଳେ ସେଥିପାଇଁ ମନ୍ଦିରମାନଙ୍କରେ ଚୋରି ବୃଦ୍ଧି ପାଉଛି ନା କୌଣସି ଲୁଟେରା ଗ୍ୟାଙ୍ଗ ସକ୍ରିୟ ଅଛନ୍ତି ତାହା ସନ୍ଦେହଜନକ ବୋଲି ମତପ୍ରକାଶ ପାଉଛି। ପୁଲିସର କଡ଼ା ପାଟ୍ରୋଲିଂ ଅଭାବ ସାଙ୍ଗକୁ ବାରମ୍ବାର ଲୁଟ୍ ଓ ଚୋରିକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଥିବା ଜଣାପଡ଼ିଛି। ଚୋର କି ଚୋରି ଜିନିଷ ଉଦ୍ଧାର କରିବାରେ ପୁଲିସ ପ୍ରଶାସନ ସଂପୂର୍ଣ୍ଣ ବିଫଳ ହୋଇଥିବା ବେଳେ ବାରମ୍ବାର ଚୋରି ଘଟଣା ପୁଲିସ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ପୁଲିସ ବିଭାଗ ଉଚ୍ଚପଦାଧିକାରୀ ଘଟଣା ପ୍ରତି ଦୃଷ୍ଟିଦେଇ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ, ଅନ୍ୟଜଣେ ଗୁରୁତର

**ଚାରିଛକ,୫।୭/ଏନ୍ଏନ୍ଏସ୍:** ଚାରିଛକ-ନିମାପଡ଼ା ମୁଖ୍ୟ ରାସ୍ତାରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ସଡକ ଦୁର୍ଘଟଣା ଘଟି ଜଣେ ଯୁବକ ପ୍ରାଣ ହରାଇଥିବା ବେଳେ ଅନ୍ୟଜଣେ ଯୁବକ ଗୁରୁତର ଆହତ ହୋଇ ଚିକିତ୍ସାଧୀନଥିବା ଜଣାପଡ଼ିଛି। ସୂଚନା ମୁତାବକ ଶୁକ୍ରବାର ରାତିରେ ନିଆଳୀ ଥାନା ଅନ୍ତର୍ଗତ ବାଘ ସାହିର ସାଗର ଭୋଇ (୨୫) ଏକ ବିବାହ ଭୋଜି ଖାଇ ଘରକୁ ଫେରୁଥିବା ସମୟରେ ଚାରିଛକ ଥାନା ଅନ୍ତର୍ଗତ ବିଶିମାତ୍ରୀ ଛକ ନିକଟରେ ଏହି ଥାନା ଅନ୍ତର୍ଗତ ଓଳାଂଶ ଗ୍ରାମର ସାଗର ଦାସ ଏକ ବାଇକରେ ନିମାପଡା ପଟୁ ଦ୍ରୁତଗତିରେ ଆସି ସାଗରକୁ ଧକ୍କା ଦେଇଥିଲା। ଉଭୟେ ରାସ୍ତା ଉପରେ ଛିଟିକି ପଡିଥିଲେ। ଯୁବକ ଦୁଇଙ୍କୁ ସ୍ଥାନୀୟ ଲୋକମାନେ ଦୁର୍ଘଟଣାସ୍ଥଳରୁ ଉଦ୍ଧାରକରି ଚିକିତ୍ସା ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ବାଘ ସାହିର ସାଗରକୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଓଳାଂଶ ଗ୍ରାମର ସାଗର ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତର ଖାନାରେ ଚିକିତ୍ସାଧିନ ଥିବା ଜଣାପଡିଛି। ମୃତ ସାଗରଙ୍କ ଭାଇ ଜିତେନ୍ଦ୍ରଙ୍କ ଅଭିଯୋଗ କ୍ରମେ ଚାରିଛକ ପୁଲିସ ଏକ ମାମଲା ରୁଜୁକରି ଘଟଣାସ୍ଥଳରୁ ଶବ ଜବତକରି ବ୍ୟବଚ୍ଛେଦ ପାଇ ପଠାଇଥିବା ସହ ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ଖୋର୍ଦ୍ଧା ଜିଲ୍ଲାରେ ଭେକ୍ଟର୍ ବାହିତ ରୋଗ ନିୟନ୍ତ୍ରଣ ଉପରେ ଗୁରୁତ୍ୱ

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା



**ଖୋର୍ଦ୍ଧା,୫।୭/ଏନ୍ଏନ୍ଏସ୍:** ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ ଏକ ଦିନିକିଆ ଖୋର୍ଦ୍ଧା ଜିଲ୍ଲା ଗସ୍ତରେ ଆସି ଜିଲ୍ଲା ସଦର ମହକୁମା ଗୋପବନ୍ଧୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ସମୀକ୍ଷାଲୋଚନା କରିଛନ୍ତି। ଜିଲ୍ଲାର ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ସ୍ୱାସ୍ଥ୍ୟ ସେବା ଯୋଗାଇବା ଉପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଓ ଜିଲ୍ଲା ପ୍ରଶାସନ ସହ ଏକ ସମୀକ୍ଷା ବୈଠକ ନେଇଥିଲେ। ଉକ୍ତ ବୈଠକରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଭାରପ୍ରାପ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ଡାକ୍ତର ନୀଳକଣ୍ଠ ମିଶ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତିଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା କିଶୋର କୁମାର ପଣ୍ଡା, ଉପଜିଲ୍ଲାପାଳ, ଭୁବନେଶ୍ୱର ଡ. ମନୋରଞ୍ଜନ ସାହୁ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଯୋଗଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳର ସ୍ୱାସ୍ଥ୍ୟ ସମସ୍ୟା ଓ ସ୍ୱାସ୍ଥ୍ୟ ସେବା ଉପରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ବର୍ତ୍ତମାନ ବର୍ଷାଋତୁ ହୋଇଥିବାରୁ ମନ୍ତ୍ରୀ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ଭଳି ଭେକ୍ଟର ବାହିତ ରୋଗ ବ୍ୟାପିବାର ଯଥେଷ୍ଟ ଆଶଙ୍କା ଥାଏ ବୋଲି ପ୍ରକାଶ କରି ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଭେକ୍ଟର ବାହିତ ରୋଗ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ କୌଣସି ଗୋଟିଏ ସ୍ଥାନରେ ଯେପରି ଦେଖା ନଜାଏ ସେଥିପ୍ରତି ସମସ୍ତ କାର୍ଯ୍ୟାନ୍ୱୟନ ଅଧିକାରୀ ଯତ୍ନବାନ ହେବାସହ ଏହାକୁ ଶତପ୍ରତିଶତ ନିୟନ୍ତ୍ରଣ କରି ଶୁନ ମୃତ୍ୟୁ ହାର ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଭୁଷଣ୍ଡପୁର ଅଞ୍ଚଳକୁ ମନ୍ତ୍ରୀ ଗୁରୁତ୍ୱାରୋପ କରି ସମସ୍ତ ଚିକିତ୍ସା ସେବା ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ସ୍ୱାସ୍ଥ୍ୟ ବିଭାଗ, ଗ୍ରାମ୍ୟ ପାନୀୟଜଳ ଓ ପରିମଳ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅଧିକ୍ଷଣ ଯନ୍ତ୍ରୀ ଇଂ ରଶ୍ମିତା ଦାସଙ୍କୁ ଭୁଷଣ୍ଡପୁର ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ସେବା ଉପରେ ପୁଙ୍ଖାନୁପୁଙ୍ଖ ପଚାରି ବୁଝି ଗୋଷ୍ଠୀ ଶୌଚାଳୟ ତୁରନ୍ତ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ପାଇଁ ଭୁଷଣ୍ଡପୁର, କଳାଙ୍ଗ ଆଦି ଅଞ୍ଚଳ ଗୁଡ଼ିକରେ ପ୍ରତି ଦୁଇଦିନରେ ଥରେ ବ୍ଲିଚିଂ ପକାଇବା ସହ ଭୁଷଣ୍ଡପୁର ଓ ଟାଙ୍ଗୀ ବ୍ଲକକୁ ଗୁରୁତ୍ୱ ଦେବାକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ଜିଲ୍ଲା ପ୍ରଶାସନ ଓ ବ୍ଲକ୍ ପ୍ରଶାସନକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ହାତଧୁଆ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ନିମନ୍ତେ ବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କୁ ସଚେତନ କରାଇବା, ଟାଙ୍ଗୀ ବ୍ଲକରେ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ପାଇଁ ଜନସାଧାରଣଙ୍କୁ ବ୍ୟାପକ ସଚେତନ କରିବା ନିମନ୍ତେ ମାଇକ ପ୍ରଚାର, କଣ କରିବା ଉଚିତ୍ କଣ ନ କରିବା ଉଚିତ୍ ପ୍ରଚାର ପତ୍ର ବାଣ୍ଟିବା ସହ ଆଶା ଦିଦି, ଅଙ୍ଗନୱାଡ଼ି କର୍ମୀ ମାନେ ଘର ଘର ବୁଲି ସଚେତନତା ଜାଗ୍ରତ କରିବାକୁ ମନ୍ତ୍ରୀ ଶ୍ରୀ ମହାଲୀଙ୍ଗ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ଶ୍ରୀ ଜଗଦେବଙ୍କ ପରାମର୍ଶ କ୍ରମେ ଜିଲ୍ଲାରେ ଖୁବ୍‌ଶୀଘ୍ର ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍ ନିଯୁକ୍ତି, ଆବାସିକ ଗୃହ ନିର୍ମାଣ, ଅକ୍ସିଯେନ ପ୍ଲାଣ୍ଟ ଏକ ମାସ ମଧ୍ୟରେ କାର୍ଯ୍ୟକ୍ଷମ କରାଇବା ଏବଂ ଆଇସିୟୁ କାର୍ଯ୍ୟକ୍ଷମ କରିବାକୁ ଜିଲ୍ଲାପାଳ ବିଧାୟକଙ୍କୁ ନେଇ ସମୀକ୍ଷା ବୈଠକ କରାଇ ଯଥାଶୀଘ୍ର ପ୍ରସ୍ତାବ ସରକାରଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଖୋର୍ଦ୍ଧା ଜିଲ୍ଲାର ପୌରାଞ୍ଚଳ ଓ ବିଜ୍ଞାପିତ ଅଞ୍ଚଳ ପରିଷଦମାନଙ୍କରେ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବାସହ କୌଣସି ସ୍ଥାନରେ ପାଣି ନ ଜମିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବାସହ ସମସ୍ତ ଜିଲ୍ଲାବାସୀ ନିଜ ଘରକୁ ଓ ଚତୁଃପାର୍ଶ୍ୱକୁ ସଫାସୁତରା ରଖି କୌଣସି ସ୍ଥାନରେ ପାଣି ଜମିବାକୁ ନ ଦେବା ପାଇଁ ପରାମର୍ଶ ଦେଇଛନ୍ତି। ପାଣି ଜମିଲେ ଡେଙ୍ଗୁ ଲାର୍ଭା ଜନ୍ମ ନେଇ ସାତଦିନ ମଧ୍ୟରେ ଏହା ଏଡିସ ବା ବାଘୁଆ ମସାରେ ପରିଣତ ହୋଇ କାମୁଡ଼ିଲେ ଡେଙ୍ଗୁ ଭଳି ମାରାତ୍ମକ ରୋଗ ବ୍ୟାପିଥାଏ। ଏଣୁ ଏ ଦିଗରେ ସମସ୍ତେ ସଚେତନ ରହି କାର୍ଯ୍ୟ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ହୋତା, ନିକୁଞ୍ଜ ପଟ୍ଟନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ଜିଲ୍ଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ଦାଶ, ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ ହିଆଲ, ଡେପୁଟି କଲେକ୍ଟର ଶ୍ରିତପା ମିଶ୍ର, ପୌର ନିର୍ବାହୀ ଅଧିକାରୀ ରିଜ୍ୱାନ କାକାବ୍, ବିଡିଓ, ଟାଙ୍ଗୀ ରୁମାନା ଜାଫ୍ରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

# ଅସ୍ୱାସ୍ଥ୍ୟକର ପରିବେଶରେ ସର୍ବପୁରାତନ ହାଟ

**ନିଶ୍ଚିନ୍ତକୋଇଲି,୫।୭/ଏନ୍ଏନ୍ଏସ୍:** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକର ନିଶ୍ଚିନ୍ତକୋଇଲି ଠାରେ ଥିବା ହାଟଟି ସର୍ବବୃହତ ଏବଂ ସର୍ବପୁରାତନ ଭାବେ ସର୍ବଜନ ବିଦିତ। ସମ୍ପ୍ରତି ହାଟର ପରିସର ଏବଂ ପରିବେଶ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ଏବଂ ଉଦ୍‌ବେଗ ଜନକ ରହିଅଛି। ହାଟ ପରିସରରେ ବର୍ତ୍ତମାନ ବର୍ଷା ପାଣି ଜମି ରହିବା ସହିତ ଜଳ ନିଷ୍କାସନ ହୋଇ ପାରୁନାହିଁ। ହାଟର ବିଭିନ୍ନ ପ୍ରକାର ବର୍ଜ୍ୟବସ୍ତୁ ଅଳିଆ ଆବର୍ଜନା ପଚା ପନିପରିବା ଆଦି ପଡି ରହିବା ଦ୍ୱାରା ଉପଯୁକ୍ତ ଭାବେ ସଫେଇ ନ ହେବା କାରଣରୁ ପ୍ରତ୍ୟେହ ହାଟରୁ ଉତ୍କଟ ପଚା ଗନ୍ଧ ବାହାରୁଛି। ଏହି ପଚା ଗନ୍ଧ ପାଇଁ ଖାଉଟି ,ବ୍ୟବସାୟୀ ଏବଂ ସାଧାରଣ ଲୋକମାନେ ଅତିଷ୍ଠ ହୋଇ ପଡିଛନ୍ତି। ଏବେ ବର୍ଷା ଦିନ ଥିବାରୁ ବର୍ଷା ପାଣି ହାଟ ପରିସରରେ ଥିବା ହନୁମାନ ମନ୍ଦିର, ତାରିଣୀ ମନ୍ଦିର, ରାମ ମନ୍ଦିର ପାର୍ଶ୍ୱବର୍ତ୍ତୀ ସ୍ଥାନରେ ଜମି ରହୁଛି। ହାଟର ପରିବେଶ ଏପରି ଦୁଷ୍ଟ ଅବସ୍ଥାରେ ଥିବା ବେଳେ ପ୍ରଶାସନିକ ସକରାତ୍ମକ ଦୃଷ୍ଟି ନପଡିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବର୍ତ୍ତମାନର ସମୟରେ ଝାଡାବାନ୍ତି ଭଳି ସଂକ୍ରାମକ ରୋଗ ସମସ୍ୟା ଦେଖାଦେଇଥିବା ବେଳେ ଏହା ପରିସ୍ଥିତିକୁ ଆଗାମୀ ଦିନରେ ଆହୁରି ସଂକଟମୟ କରିଦେବ। ବର୍ତ୍ତମାନ ସୁଦ୍ଧା ହାଟ ପରିସରକୁ ସଫେଇ କିମ୍ବା ଶୁଦ୍ଧ୍ୟ କରାଯାଉ ନାହିଁ କିମ୍ବା ବ୍ୟବସାୟୀ ଏବଂ ଜନସାଧାରଣଙ୍କ କାରବାର ସ୍ଥାନରେ ଆବଶ୍ୟକ ବ୍ଲିଚିଂ ପାଉଡର ପକାଯାଉ ନାହିଁ। ଭବିଷ୍ୟତରେ ଏହା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ଏକ ସମ୍ବେଦନଶୀଳ ସମସ୍ୟା ହୋଇଥିବାରୁ ପ୍ରଶାସନ, କଟକ ଜିଲ୍ଲାପାଳ ଓ ବିଧାୟକ ଦୃଷ୍ଟିଦେବାକୁ ଦାବି ହୋଇଛି।

## ବିଛଣାରେ ପଡ଼ିରହିଛି ଭେଣ୍ଡିଆ ପୁଅ

# ଚିକିତ୍ସାରେ ଅର୍ଥ ସାଜିଛି ବାଧକ



**ଚାରିଛକ,୫।୭/ଏନ୍ଏନ୍ଏସ୍:** ନିମାପଡ଼ା ବ୍ଲକ୍ ତମ୍ପାଲୋ ପଞ୍ଚାୟତ ଚଢ଼େଇ ଗାଁର ଦୀପକ ରାଉଳ(୨୫) ଦୁର୍ଘଟଣାର ଶିକାର ପରେ ବିଛଣାରେ ପଡ଼ି ରହିଛନ୍ତି। ଭେଣ୍ଡିଆ ପୁଅ ଶଯ୍ୟାଶାୟୀ ହେବା ପରେ ବାପା-ମା'ଙ୍କ ଆଖିରୁ ଲୁହ ଶୁଖୁନି। ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ଦୀପକ ଦିନ ମଜୁରିଆ ଭାବେ କାମ କରନ୍ତି। ୨୦୨୪ ଡିସେମ୍ବରରେ ସେ କାମ ସାରି ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ହଠାତ୍ ବାତ ମାରିଥିଲା। ଫଳରେ ନିୟନ୍ତ୍ରଣ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଦୀପକ ସେଠାରେ ପଡ଼ିଥିବା ବେଳେ କିଛି ବ୍ୟକ୍ତି ଉଦ୍ଧାର କରି ଡାକ୍ତରଖାନା ଆଣିଥିଲେ। ସେଠାରୁ କ୍ୟାପିଟାଲ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପରେ କଟକ ବଡ଼ ଡାକ୍ତରଖାନାକୁ ପଠା ଯାଇଥିଲା। ମେରୁଦଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଅଣ୍ଟାରେ ଅସ୍ତ୍ରୋପଚାର କରାଯାଇଥିଲା। ଏହାସତ୍ତ୍ୱେ ଦୀପକ ଉଠିବସି ପାରୁ ନାହାନ୍ତି। ଅର୍ଥ ନଥିବାରୁ ନିୟମିତ ଔଷଧ କିଣି ପାରୁ ନାହାନ୍ତି। ଦିନକୁ ଦିନ ସ୍ୱାସ୍ଥ୍ୟବସ୍ଥା ବିଗୁଡୁଛି। ଖବରପାଇ ସ୍ଥାନୀୟ ଅଞ୍ଚଳର ସମାଜସେବୀ ବିକ୍ରମ କେଶରୀ ସାମଲ ଦୀପକଙ୍କ ଘରେ ପହଞ୍ଚି ସହାୟତା ପ୍ରଦାନ କରିଛନ୍ତି। ମେରୁଦଣ୍ଡ ଠିକ୍ ହେବାକୁ ବହୁ ଅର୍ଥ ଆବଶ୍ୟକ ଥିବାରୁ ଆହତଙ୍କ ବାପା ରଞ୍ଜନ ରାଉଳ ସହାୟତା ମାଗିଛନ୍ତି। ବୟସର ଅପରାହ୍ନରେ ରଞ୍ଜନ ପହଞ୍ଚି ଥିବାବେଳେ ମୁଣ୍ଡରେ ପୁଅର ବୋଝ। ପାଞ୍ଚ ପ୍ରାଣୀ କୁଟୁମ୍ବ ତାଙ୍କ ଉପରେ ନିର୍ଭରଶୀଳ। ମୂଲ ଲାଗି ଯାହା ରୋଜଗାର କରୁଛନ୍ତି ସେଥିରେ ବହୁ କଷ୍ଟରେ ଘର ଚଳୁଛି। ସରକାର କିମ୍ବା କୌଣସି ସହୃଦୟ ବ୍ୟକ୍ତି ସହାୟତା କଲେ ଭେଣ୍ଡିଆ ପୁଅ ପୁଣି ସୁସ୍ଥ ହୋଇପାରିବ ବୋଲି ରଞ୍ଜନ କହିଛନ୍ତି।

# ବ୍ଲକ୍ କାର୍ଯ୍ୟାଳୟରୁ କୃଷି ସଚେତନତା ରଥ ଆରମ୍ଭ



**ଭାପୁର,୫।୭/ଏନ୍ଏନ୍ଏସ୍:** କୃଷିର ଉନ୍ନତି ତଥା ଆଧୁନିକ କୃଷି ପ୍ରଣାଳୀ ବାବଦରେ କୃଷକଙ୍କୁ ସଚେତନତା କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ପ୍ରୟାସ ଆରମ୍ଭ କରିଛନ୍ତି କୃଷିଭିତ୍ତିକ ପ୍ରସାର ଓ ପ୍ରସାର କରିବା ପାଇଁ ଅନୁଷ୍ଠିତ ହେଉଛି କାର୍ଯ୍ୟକ୍ରମ କୃଷିରଥ। ନୟାଗଡ ଜିଲ୍ଲା ଭାପୁର ବ୍ଲକ ପରିସରରେ ଥିବା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପରିସରରେ ଥିବା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପରିସରରେ ବ୍ଲକରେ ନୂତନ ଭାବରେ କାର୍ଯ୍ୟରେ ଯୋଗଦେଇଥିବା ବ୍ଲକ କୃଷି ଅଧିକାରିଣୀ ମୁକ୍ତିଲୀନା ମୋନିକାଙ୍କ ତତ୍ତ୍ୱାବଧାନରେ କୃଷିରଥର ଶୁଭାରମ୍ଭ କରାଯାଇଥିଲା। ଆସନ୍ତା ଖରିଫ୍ ଋତୁ ପୂର୍ବରୁ ଏହି ରଥ ଭାପୁର ବ୍ଲକ ଅନ୍ତର୍ଗତ ସମସ୍ତ ୨୦ ପଞ୍ଚାୟତରେ ପଥପ୍ରାନ୍ତ ନାଟକ ସହ କୃଷି ସମ୍ପର୍କୀତ ବିଭିନ୍ନ ଜନଜଲ୍ୟାଣ ଯୋଜନା ବାବଦରେ ଲୋକଙ୍କୁ ସଚେତନତା କରାଇବ। ବ୍ଲକ ଅଧୀନ ୨୦ ପଞ୍ଚାୟତରେ ଏହି ରଥ ପରିକ୍ରମା କରିବା ସହିତ ଜନସାଧାରଣଙ୍କୁ ବିଭିନ୍ନ ଯୋଜନା ବାବଦରେ ସୂଚନା ପ୍ରଦାନ କରିବ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରେଣୁବାଳା ସାହୁ, ବ୍ଲକ ବୈଷୟିକ ପରିଚାଳକ ସିମାଦ୍ରି ନାୟକ, କୃଷି ଅଧିଦର୍ଶକ ଡୋମଣୀ ଦେଇ, ବିଷ୍ଣୁ ଚରଣ ରଥ, ମିଳନ କୁମାର ସ୍ୱାଇଁ, ଗ୍ରାମ୍ୟ କୃଷି କର୍ମଚାରୀ ଜିତେନ୍ଦ୍ର ମାଝୀ, ସୂର୍ଯ୍ୟ ନାରାୟଣ ପ୍ରଧାନ, ସହକାରୀ ବୈଷୟିକ ପରିଚାଳକ ବିପିନ୍ ବିହାରୀ ଷଡ଼ଙ୍ଗୀ, ପ୍ରୀତିମୋହନ ଜୁଝାରସିଂହ, ଇନ୍ଦ୍ରମଣି ସାହୁ ସହଯୋଗ କରିଥିଲେ।

## ପରିବେଶ ସ୍ୱଚ୍ଛତାକୁ ଅବମାନନା

# ଭୋଜି ବର୍ଜ୍ୟବସ୍ତୁ ଦୁର୍ଗନ୍ଧରେ ଅଞ୍ଚଳବାସୀ ଅତିଷ୍ଠ



**ଜଟଣୀ,୫।୭/ଏନ୍ଏନ୍ଏସ୍:** ଦିନକୁ ଦିନ ଜଟଣୀ ସହରର ଆୟତନ ବୃଦ୍ଧି ପାଇବାରେ ଲାଗୁଥିବା ବେଳେ ଜନସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ପ୍ରତ୍ୟେକ ଦିନ ସହରାଞ୍ଚଳରେ ସରକାରୀ ଏବଂ ବେସରକାରୀ ସ୍ତରରେ ଅନେକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଥିବା ସହିତ ତିଥି ମାନଙ୍କରେ ବିବାହ, ବ୍ରତ ଭଳି ମାଙ୍ଗଳିକ କାର୍ଯ୍ୟ ମଧ୍ୟ ଆୟୋଜନ ହେଉଛି। ଏଣେ ଅନେକ୍ ବେଆଇନ୍ ମଣ୍ଡପ ମାଲିକ କିଛି ଟେଣ୍ଟ ହାଉସ ମାଲିକମାନଙ୍କୁ ହାତ କରି ଯାହା ପାଟିକୁ ଆସିଲା ଦର କଷି ନେଇଛନ୍ତି, ଆଉ କିଛି ଜମି ମାଲିକ ଜାଗା ଉପରେ ଟେଣ୍ଟ କରି କଲ୍ୟାଣ ମଣ୍ଡପ ନାମରେ ଭଡ଼ା ଆଦାୟ କରୁଛନ୍ତି। ତେବେ ଏ ବାବଦରେ ସେହି ବେଆଇନ ମଣ୍ଡପ କର୍ତ୍ତୃପକ୍ଷମାନେ ମୋଟା ଅଙ୍କର ଅର୍ଥ ରୋଜଗାର କରୁଥିବା ବେଳେ ବର୍ଜ୍ୟବସ୍ତୁ ଭାବେ ବାହାରି ପରିବେଶ ଦୁର୍ଗନ୍ଧ କରୁଥିବା ବାହାରେ ଗଦା ଗଦା ଅଇଁଠା ପତ୍ର ଓ ଖାଦ୍ୟପେୟକୁ ସଫା କରିବା ପାଇଁ ଭୁଲି ଯାଉଛନ୍ତି। ଏକ ସୂତ୍ରରେ କହିବାକୁଗଲେ ବାପପୁଅ ରାତି ଅନିଦ୍ରା ମୁଗୁରା ପଛ ମେଲା ଆଧାରରେ ମ୍ୟୁନିସିପାଲଟି ସ୍ୱଚ୍ଛତା ରକ୍ଷା ପାଇଁ ଲୋକ ଦେଖାଣିଆ ଡେଙ୍ଗୁରା ପିଟୁଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏହିପରି ସାଧାରଣରେ ଉଠୁଥିବା ଏକ ଅଭିଯୋଗକୁ ଆଧାର କଲେ ଦେଖାଯାଇଛି କୁଦିଆରି ବଜାର ଅଞ୍ଚଳରେ ଥିବା ଲକ୍ଷ୍ମୀ ବିଳାସ କଲ୍ୟାଣ ମଣ୍ଡପ କର୍ତ୍ତୃପକ୍ଷ ଭୋଜି ସରିଯିବା ପରେ ବର୍ଜ୍ୟବସ୍ତୁ ମ୍ୟୁନିସିପାଲଟି ସଫେଇ କର୍ମଚାରୀଙ୍କୁ ପ୍ରଦାନ ନକରି କିଛିଟା ଅର୍ଥ ବଞ୍ଚାଇବା ଲୋଭରେ ମଣ୍ଡପ ପଛରେ ସିଧାସଳଖ ଢାଳିଦେବା ଫଳରେ ଆଖପାଖରେ ବସବାସ କରୁଥିବା ଲୋକମାନେ ଦୁର୍ଗନ୍ଧମୟ ପରିବେଶରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ମତପ୍ରକାଶ କରିଛନ୍ତି। ଏ ନେଇ ପରିମଳ ସୁପରଭାଇଜର, ସ୍ୱଚ୍ଛ ସାଥୀ ଓ ପରିମଳ ବିଶେଷଜ୍ଞଙ୍କୁ ସମସ୍ୟା ଉପରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ଫଳ ଘର ଶୂନ୍। ଏଥିରୁ କଣ ଅନୁମେୟ କରାଯାଇପାରେ ତାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପକ୍ଷରେ ନିୟମ ଅନୁସାରେ ଯେତେଗୁଡ଼ିଏ କଲ୍ୟାଣ ମଣ୍ଡପ ଅଛି ସେମାନେ ନିଜସ୍ୱ ପାର୍କିଂ ବ୍ୟବସ୍ଥା କରିବେ, ଅଳିଆ ଆବର୍ଜନା ଆଦିକୁ କମ୍ପୋଷ୍ଟ ପିଟରେ ପକାଇବେ, ବ୍ୟବସାୟିକ ପ୍ଲାନ୍ ଆବେଦନ କରିବେ, ଏତଦବ୍ୟତୀତ ମଣ୍ଡପ ସମ୍ମୁଖରେ ପାର୍କିଂ କରାଯାଉଥିବା ଯାନବାହନ ଜନିତ ଉପୁଜୁଥିବା ଟ୍ରାଫିକ ସମସ୍ୟା ସୁଧାର ଆଣିବା ପାଇଁ ମ୍ୟୁନିସିପାଲଟି ପକ୍ଷରୁ କେଉଁ କେଉଁ ଅଞ୍ଚଳରୁ ମଣ୍ଡପକୁ ଆସୁଥିବା ଶୋଭାଯାତ୍ରାର ରୁଟ ସ୍ଥିରତା ଧାର୍ଯ୍ୟ କରାଯାଇ ଏହି ରୁଟ ମ୍ୟାପ୍‌ର ନକଲ ଆବେଦନ ପତ୍ରରେ ପ୍ରଦାନ କରିବା କଥା। ନଚେତ୍ ପାର୍କିଂ ବ୍ୟବସ୍ଥା ନଥିଲେ ଯେକୌଣସି ପରିସ୍ଥିତିର ମଣ୍ଡପ ଲାଗି ଅନୁମୋଦନ ମିଳିପାରିବ ନାହିଁ। ହେଲେ ପ୍ରଶାସନର ଧୃତରାଷ୍ଟ୍ରଙ୍କ ଭୂମିକାର ସୁଯୋଗରେ ଅଧିକାଂଶ କଲ୍ୟାଣ ମଣ୍ଡପ ଚାଲୁଛି, ଯେଉଁମାନଙ୍କ ପାଇଁ ନିୟମ କାନୁନ କିଛି ନାହିଁ। କିଛିବର୍ଷ ତଳେ ରାଜଧାନୀ ଭୁବନେଶ୍ୱର ଓ କଟକରେ ଏହିପରି ଚାଲୁଥିବା ଅନେକ ବେଆଇନ୍ କଲ୍ୟାଣମଣ୍ଡପ ଗୁଡିକୁ ସିଲ୍ କରିଦିଆଯାଇଥିବା ବେଳେ ଏହାର ବ୍ୟତିକ୍ରମ କାହିଁକି ଜଟଣୀ ସହରରେ ପରିଲକ୍ଷିତ ହୋଇଛି ତାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

# ବିଦ୍ୟାଳୟରେ ବନମହୋତ୍ସବ

**ଭାପୁର,୫।୭/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅନ୍ତର୍ଗତ ପିଠାଖାଇ ମାଣିକିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୭୬ ତମ ବନ ମହୋତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଭାପୁର କୋର୍ଟର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦୀପ୍ତିମୟୀ ସାହୁ, ସମ୍ମାନିତ ଅତିଥି ଭାବରେ ଫରେଷ୍ଟ ଅଫିସର ବନମାଳୀ ରାଉତ, ଫତେଗଡ ଥାନାଧିକାରୀ ପଞ୍ଚାନନ ପରିଡ଼ା, ସରକାରୀ ଆଇନଜୀବୀ କେଦାରନାଥ ସାହୁ, ଅନୁରଞ୍ଜନା ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଗ୍ରହଣରେ ଅନୁଷ୍ଠାନ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ଏହାପରେ ଛାତ୍ରଛାତ୍ରୀ ମାନଙ୍କୁ ବନ ମହୋତ୍ସବ ପାଳନର ମହତ୍ତ୍ୱ ସମ୍ପର୍କରେ ବୁଝାଇବା ସହ ଭଲ ପାଠ ପଢି ଭଲ ମଣିଷ ହେବା ପାଇଁ କହିବା ସହ ଛାତ୍ରଛାତ୍ରୀମାନଙ୍କୁ କିଛି ସମୟ ପାଠ ପଢ଼ାଇଥିଲେ ମାଜିଷ୍ଟ୍ରେଟ୍।

## ସାରି ଲୀଳାଖେଳା

# ଫେରିଲେ ଚକାଡୋଳା









ଆଡ଼ପମଣ୍ଡପରେ ସରିଲା ଦାରୁଦିଅଁଙ୍କ ଲୀଳାଖେଳା। ଭାଇଭଉଣୀଙ୍କୁ ସାଙ୍ଗରେ ନେଇ ଫେରିଲେ ଚକାଡୋଳା। ଶନିବାର ବାହୁଡ଼ା ଯାତ୍ରାରେ ଆସି ନୀଳକନ୍ଦର ସିଂହଦ୍ୱାର ଆଗରେ ଭାଇ, ଭଉଣୀଙ୍କ ସହ ଉଭା ହୋଇଛନ୍ତି ରଥାରୂଢ଼ ମହାପ୍ରଭୁ ଶ୍ରୀଜଗନ୍ନାଥ। ବଡ଼ଦାଣ୍ଡରେ ଅନୁଷ୍ଠିତ ହୋଇଛି ପ୍ରଭୁଙ୍କ ଦିବ୍ୟ ଲୀଳା। ଠାକୁରଙ୍କ ମାନବୀୟ ଲୀଳା ଦର୍ଶନ ପାଇଁ ଶରଧାବାଲିରୁ ସିଂହଦ୍ୱାର ପାଲଟିଥିଲା ଭକ୍ତ ସମୁଦ୍ର। ରଥ ଗଡ଼ିବାର ଗୁରୁଗମ୍ଭୀର ଧ୍ୱନି ସାଙ୍ଗକୁ ଘଣ୍ଟଘଣ୍ଟା ନାଦ ଓ ଭକ୍ତିଙ୍କ ହରିବୋଲ ହୁଳହୁଳିରେ କମ୍ପୁଥିଲା ଖଣ୍ଡମଣ୍ଡଳ। ଠାକୁରଙ୍କ ସାନ୍ନିଧ ଲାଭ କରି ଭାବବିହ୍ୱଳ ହେଉଥିଲେ ଶ୍ରଦ୍ଧାଳୁ। ସମସ୍ତେ ନୃତ୍ୟ ଓ ସଂକୀର୍ତ୍ତନରେ ମଜ୍ଜି ଦିବ୍ୟ ମିଳନର ମୁହୂର୍ତ୍ତକୁ ମନଭରି ଉପଭୋଗ କରୁଥିଲେ।

























# ମା' ପାଇଁ ଗଛଟିଏ ଶୁଭାରମ୍ଭ



**ଭୁବନେଶ୍ୱର,୫।୭/ଏନ୍‌ଏନ୍‌ଏସ୍:** ଉତ୍ତର ବିଜେପି ପକ୍ଷରୁ ଉତ୍ତର ନିର୍ବାଚନ ମଣ୍ଡଳୀରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଆଜି ନିର୍ବାଚନ ମଣ୍ଡଳୀର ଚନ୍ଦ୍ରଶେଖରପୁର ହାଉସିଂ ବୋର୍ଡ କଲୋନୀ ସ୍ଥିତ ଡମଣା ହାଟ ବସ୍ତି ନିକଟରେ ବିଭିନ୍ନ ପ୍ରକାର ବୃକ୍ଷ ରୋପଣ କରାଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ତଥା ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ବୃକ୍ଷରୋପଣ କରିଥିଲେ। ସେ କହିଥିଲେ ଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଆହ୍ୱାନକ୍ରମେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ବିଭିନ୍ନ ସ୍ଥାନରେ ହେଉଛି। ବୃକ୍ଷ ଆମ ଜୀବନର ଆଧାର। ଏହାର ସୁରକ୍ଷା ଆମର କର୍ତ୍ତବ୍ୟ। ଗଛ ଲଗାନ୍ତୁ, ଜୀବନ ବଞ୍ଚାନ୍ତୁ। ଏହି କ୍ରମରେ ଉତ୍ତର ନିର୍ବାଚନମଣ୍ଡଳୀରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆଗାମୀ ଦିନରେ ପ୍ରତ୍ୟେକ ୱାର୍ଡ ଓ ପଞ୍ଚାୟତରେ ହଜାର ହଜାର ସଂଖ୍ୟାରେ ବୃକ୍ଷରୋପଣ କରାଯିବ। ସମସ୍ତ ବିଜେପି କର୍ମକର୍ତ୍ତା ଓ କର୍ମୀ ଗୋଟିଏ ଗୋଟିଏ ବୃକ୍ଷ ରୋପଣ କରି ଏହାର ଯତ୍ନ ନେବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମିଶ୍ର, ୭ ନମ୍ବର ୱାର୍ଡ କର୍ପୋରେଟର୍ ଯଶୋଧାରା ପ୍ରଧାନ, ୮ ନମ୍ବର ୱାର୍ଡର ପୂର୍ବତନ କର୍ପୋରେଟର୍ ନିରୁପମା ଜେନା, ଚନ୍ଦ୍ରଶେଖର ମଣ୍ଡଳ ସଭାପତି ନଗେନ ବିଶୋଇ, ଚନ୍ଦ୍ରଶେଖର ମଣ୍ଡଳ ସାଧାରଣ ସମ୍ପାଦକ ଶିଶିର ମହାରଣାଙ୍କ ସମେତ ସମସ୍ତ ନେତୃ ମଣ୍ଡଳୀ, କର୍ମକର୍ତ୍ତା ଓ କର୍ମୀମାନେ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ।

# ସିୟୁଓରେ ୪୮୦ କୋଟି ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଭୂମିପୂଜନ

## ଓଡ଼ିଶାର ୬ ଅଗ୍ରଣୀ କେନ୍ଦ୍ରୀୟ ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟରେ ଏମ୍‌ଓୟୁ





**ଭୁବନେଶ୍ୱର,୫।୭/ଏନ୍‌ଏନ୍‌ଏସ୍:** କୋରାପୁଟ ଜିଲ୍ଲାରେ ଅବସ୍ଥାପିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କେବଳ ଏକ ଅନୁଷ୍ଠାନ ନୁହେଁ ବରଂ କୋରାପୁଟ ଏବଂ ଜନଜାତି ଯୁବଶକ୍ତିଙ୍କ ପାଇଁ ସୁଯୋଗ ଓ ସମ୍ଭାବନାର ଏକ ନୂଆ ଦିଗନ୍ତ। ଭାରତ ସରକାର ଏହି ବିଶ୍ୱବିଦ୍ୟାଳୟର ସ୍ଥାୟୀ ଭିତ୍ତିଭୂମି ନିର୍ମାଣ ତଥା ନବକଳେବର ପାଇଁ ପ୍ରାୟ ୭୫୦ କୋଟି ଟଙ୍କା ନିବେଶ କରିଛନ୍ତି ବୋଲି ଶନିବାର ପବିତ୍ର 'ବାହୁଡ଼ା ଯାତ୍ରା' ଅବସରରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଭୂମିପୂଜନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ(ସିୟୁଓ)ରେ ଶୈକ୍ଷିକ ଭିତ୍ତିଭୂମିର ବିକାଶ ପାଇଁ ପ୍ରାୟ ୪୮୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ପ୍ରକଳ୍ପ ପାଇଁ ଭୂମିପୂଜନ କରିବା ସହ ଅନ୍ୟାନ୍ୟ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ବିଶ୍ୱବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ଅନେକ ସଂକଳ୍ପ ନେଇ ଆଗକୁ ବଢ଼ୁଛି। ଓଡ଼ିଶା ତଥା କୋରାପୁଟରେ ଗୁଣାତ୍ମକ ଶିକ୍ଷାର ପ୍ରସାର ତଥା ଭିତ୍ତିଭୂମି ବିକାଶ ପାଇଁ ଆଜି ଲୋକାର୍ପିତ ଓ ଭୂମିପୂଜନ ହୋଇଥିବା ପ୍ରକଳ୍ପଗୁଡ଼ିକ ଦ୍ୱାରା ଛାତ୍ରଛାତ୍ରୀମାନେ ବିଶେଷ ଭାବରେ ଉପକୃତ ହେବେ। ସେହିପରି ଓଡ଼ିଶାର ୬ଟି ଅଗ୍ରଣୀ କେନ୍ଦ୍ରୀୟ ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟରେ ଐତିହାସିକ ବୁଝାମଣା ପତ୍ର(ଏମଓୟୁ) ସ୍ୱାକ୍ଷରିତ ହେବା ଅବସରରେ ଶୁଭେଚ୍ଛା ଜଣାଇଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ, ଆଇଆଇଟି, ଭୁବନେଶ୍ୱର, ଏନ୍‌ଆଇଟି ରାଉରକେଲା, ଆଇଆଇଏମ୍, ସମ୍ବଲପୁର, ଆଇଜର, ବ୍ରହ୍ମପୁର ଏବଂ ଶ୍ରୀସଦାଶିବ କ୍ୟାମ୍ପସ୍ (କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ), ପୁରୀ ମଧ୍ୟରେ ଏମଓୟୁ ଜାତୀୟ ଶିକ୍ଷା ନୀତି - ୨୦୨୦ର ଲକ୍ଷ୍ୟକୁ ପୂରଣ କରିବା ଦିଗରେ ସହାୟକ ହେବ। ବହୁମୁଖୀ ଶିକ୍ଷା, ଗବେଷଣା, ଏକାଡେମିକ୍ ବ୍ୟାଙ୍କ ଅଫ୍ କ୍ରେଡିଟ୍ ମାଧ୍ୟମରେ କ୍ରେଡିଟ୍ ସ୍ଥାନାନ୍ତର, ଯୁଗ୍ମ ଡିଗ୍ରୀ କାର୍ଯ୍ୟକ୍ରମ ଏବଂ ଭାରତୀୟ ଜ୍ଞାନ ପ୍ରଣାଳୀକୁ ପ୍ରୋତ୍ସାହନ ଦେବା ଦିଗରେ ଏହି ବୁଝାମଣା ବିଶେଷ ସହାୟକ ହେବ। ଜନଜାତି ସମୁଦାୟକୁ ସଶକ୍ତ କରିବା, ସ୍ଥାୟୀ ଏବଂ ଡିଜିଟାଲ୍ ଶିକ୍ଷାକୁ ପ୍ରୋତ୍ସାହିତ କରିବା, ନବସୃଜନ ଏବଂ ଉଦ୍ୟମିତାକୁ ସମର୍ଥନ କରିବା, ଶୈକ୍ଷିକ ଏବଂ ଗବେଷଣା ଭିତ୍ତିଭୂମିର ଆଦାନପ୍ରଦାନ ଦିଗରେ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ଆଜି ଏଠାରେ ଲୋକାର୍ପିତ ଓ ଭୂମିପୂଜନ ହୋଇଥିବା ପ୍ରକଳ୍ପ ସହ ଓଡ଼ିଶାର ଅଗ୍ରଣୀ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ସହ ସ୍ୱାକ୍ଷରିତ ହୋଇଥିବା ବୁଝାମଣା ପତ୍ର କୋରାପୁଟକୁ ଏକ 'ବ୍ରାଣ୍ଡ କୋରାପୁଟ'ରେ ପରିଣତ କରିବ।

ଶ୍ରୀ ପ୍ରଧାନ କହିଛନ୍ତି, ନୈସର୍ଗିକ ପ୍ରକୃତିର ଗନ୍ତାଘର କୋରାପୁଟରେ ଅପାର ସମ୍ଭାବନା ଅଛି। ମୌଳିକ ଚାଷ ସହ ଫଳ,ପନିପରିବା, ପଶୁପାଳନ, ଦୁଗ୍ଧ ଚାଷକୁ ପ୍ରୋତ୍ସାହନ ଦେବାର ଅନେକ ବିଷୟ କୋରାପୁଟ ସହ ଜଡ଼ିତ। ଏହି ଜିଲ୍ଲାରେ ବକ୍ସାଇଟ୍ ଉତ୍ତୋଳନ ହେଉଥିବା ବେଳେ ଆଲୁମିନିୟମ ଓ ଅନେକ ଖଣିଜ ପଦାର୍ଥ ଉତ୍ପାଦନ ହେଉଛି। ହାଲ୍, ନାଲକୋ, ଉତ୍କଳ ଆଲୁମିନିୟମ ଭଳି କରଖାନା ଓ ଅନେକ ଶିଳ୍ପାନୁଷ୍ଠାନ ରହିଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ବିଶ୍ୱବିଦ୍ୟାଳୟରେ କୃଷିଭିତ୍ତିକ, ଲଜିଷ୍ଟିକ୍ସରେ ୟୁଜି ଓ ପିଜି ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ପରାମର୍ଶ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ। ସେ ଆହୁରି କହିଛନ୍ତି ଯେ ଆସନ୍ତାବର୍ଷଠାରୁ ଏଠାରେ ଡିପ୍ଲୋମା ପାଠ ପଢ଼ିବାର ବ୍ୟବସ୍ଥା କରାଯିବ। ଡିପ୍ଲୋମା ଇଞ୍ଜିନିୟରିଂ କେବଳ ସିଭିଲ୍, ମେକାନିକାଲ, ଇଲେକ୍ଟ୍ରିକାଲ ଭଳି ନୁହେଁ ବରଂ ବିଶ୍ୱ ବଜାରରେ ପରିବର୍ତ୍ତିତ ପାଠପଢ଼ାର ଅବସ୍ଥିତି ଦେଖି ଏଠାରେ ଏଆଇ, ମେସିନ ଲର୍ଣ୍ଣିଂ, ଏଭିଏସନ ମେଣ୍ଟେନାନ୍ସ, ଉଦ୍ୟମିତା, ହେଲଥ୍ ସାଇନ୍ସ ଭଳି ବିଷୟରେ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଯୋଜନା ହେବ। ଛାତ୍ରଛାତ୍ରୀମାନେ ୟୁଜି କରିବେ ଏଆଇରେ, ଡିଗ୍ରୀ ପାଇବେ ଏଆଇରେ। ଏପରି ବ୍ୟବସ୍ଥା ହେବ। ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶହେ ବର୍ଷ ପୂରଣ କରିବ। ୨୦୪୭ରେ ଦେଶ ସ୍ୱତନ୍ତ୍ରତାର ଶହେ ବର୍ଷ ପୂରଣ କରିବ। ଓଡ଼ିଶା ଗଠନରେ କୋରାପୁଟର ତ୍ୟାଗ, ବଳିଦାନ ଓ ପରିଶ୍ରମ ଅତୁଳନୀୟ। ୨୦୩୬ ସୁଦ୍ଧା ଅବିଭକ୍ତ କୋରାପୁଟ ଜିଲ୍ଲାର ମୌଳିକ ପରିବର୍ତ୍ତନ କରିବା ଆମର ସଂକଳ୍ପ। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ଓଡ଼ିଶାର ଜ୍ଞାନର ପେଣ୍ଠସ୍ଥଳୀ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ବଦ୍ଧପରିକର। ବିଶ୍ୱବିଦ୍ୟାଳୟରେ ଥିବା ଖାଲି ପଦବୀକୁ ପୂରଣ କରିବା ପାଇଁ ମଧ୍ୟ ସେ ପରାମର୍ଶ ଦେଇଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଓଡ଼ିଶାର ୬ଟି କେନ୍ଦ୍ରୀୟ ଅନୁଦାନପ୍ରାପ୍ତ ଅଗ୍ରଣୀ ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟରେ ଐତିହାସିକ ବୁଝାମଣା ପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ, ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ(ଆଇଆଇଟି), ଭୁବନେଶ୍ୱର; ଜାତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ (ଏନ୍‌ଆଇଟି) ରାଉରକେଲା; ଇଣ୍ଡିଆନ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁସନ (ଆଇଆଇଏମ୍) ସମ୍ବଲପୁର; ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଗବେଷଣା ସଂସ୍ଥାନ (ଆଇଜର), ବ୍ରହ୍ମପୁର ଏବଂ ଶ୍ରୀସଦାଶିବ କ୍ୟାମ୍ପସ(କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ), ପୁରୀ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଭୂମିପୂଜନ ହୋଇଥିବା ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପଗୁଡ଼ିକ ହେଉଛି ବହୁମୁଖୀ ଏକାଡେମିକ ବିଲ୍ଡିଂ, ଅତ୍ୟାଧୁନିକ ଛାତ୍ରାବାସ, ଅତ୍ୟାଧୁନିକ ଅଡିଟୋରିୟମ୍, ଜିମ୍, ଇନଡୋର ସ୍ପୋର୍ଟ୍ସ କମ୍ପଲେକ୍ସ, ଷ୍ଟୁଡେଣ୍ଟ କାଫେଟେରିଆ, ସ୍ୱାସ୍ଥ୍ୟ କେନ୍ଦ୍ର ଓ ଅତିଥି ଭବନ। ଲୋକାର୍ପିତ ପ୍ରକଳ୍ପଗୁଡ଼ିକ ହେଲା ଶୈକ୍ଷିକ ଭବନ, କୁଳପତି ବାସଭବନ, ଅଧିକାରୀ ଏବଂ କର୍ମଚାରୀ ବାସଗୃହ। ଏହାବ୍ୟତୀତ ଶ୍ରୀ ପ୍ରଧାନ ଏହି ଅବସରରେ ବିଶ୍ୱବିଦ୍ୟାଳୟରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ ବିଭିନ୍ନ କାର୍ଯ୍ୟର ତଦାରଖ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓ ବାର୍ତ୍ତା ମାଧ୍ୟମରେ ସମବେତ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ। ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକା, ନବରଙ୍ଗପୁରର ସାଂସଦ ବଳଭଦ୍ର ମାଝୀ ଏବଂ ଏହି ଅଞ୍ଚଳର ବିଧାନସଭା ସଦସ୍ୟମାନେ, ଭାରତ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ସଚିବ ବିନୀତ ଯୋଶୀ, ଉପରୋକ୍ତ ଉଚ୍ଚଶିକ୍ଷାନୁଷ୍ଠାନର କୁଳପତି, ନିର୍ଦ୍ଦେଶକ, ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଶୈଳଶ୍ରୀ ବିହାରରେ ବାହୁଡ଼ା ଯାତ୍ରା





**ଭୁବନେଶ୍ୱର,୫।୭/ଏନ୍‌ଏନ୍‌ଏସ୍:** ଶୈଳଶ୍ରୀବିହାରର ଶୈଳଶ୍ରୀ କ୍ଷେତ୍ରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବାହୁଡା ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ନୀଳାଦ୍ରି ବିହାର ମା' ମଙ୍ଗଳା ଛକ ନିକଟସ୍ଥ ମାଉସୀ ମା' ମନ୍ଦିରରେ ୯ ଦିନର ଲୀଳାଖେଳା ଶେଷ କରି ବାହୁଡ଼ିଛନ୍ତି ମହାପ୍ରଭୁ। ଶ୍ରୀ ଜଗନ୍ନାଥ ଭକ୍ତି ଟ୍ରଷ୍ଟ ପକ୍ଷରୁ ପ୍ରସ୍ତୁତ ନୀତିନିର୍ଘଣ୍ଟ ଅନୁଯାୟୀ ପ୍ରାତଃ ୫ଟାରେ ଜନ୍ମବେଦୀରେ ଶ୍ରୀଜିଉଙ୍କୁ ମଙ୍ଗଳ ଆଳତି କରାଯାଇଥିଲା। ଏହା ପରେ ମଇଲମ, ସୂର୍ଯ୍ୟପୂଜା ଓ ସମସ୍ତ ନୀତିକାନ୍ତି କରାଯାଇ ରଥ ମାର୍ଜନା କରାଯାଇଥିଲା। ପୂର୍ବାହ୍ନ ସାଢ଼େ ୧୧ ଟାରେ ଶ୍ରୀଜିଉମାନଙ୍କୁ ବିରାଟ ପଟୁଆରରେ ପହଣ୍ଡି କରାଯାଇ ରଥ ଉପରକୁ ନିଆଯାଇଥିଲା। ମହିଳା ଭକ୍ତମାନେ ମା' ସୁଭଦ୍ରାଙ୍କୁ ପହଣ୍ଡି କରି ନେଇଥିଲେ। ଅପରାହ୍ନ ୩ଟାରେ ଭୁବନେଶ୍ୱର ରାମକୃଷ୍ଣ ମଠର ମହାରାଜା ଛେରାପହଁରା କରିବା ପରେ ରଥ ଟଣା ଯାଇଥିଲା। ରଥଟଣା ଆରମ୍ଭରୁ ପାଗ ଶୁଖିଲା ରହିଥିଲେ ମଧ୍ୟ କିଛି ବାଟ ଗଡ଼ିବା ପରେ ବର୍ଷା ହୋଇଥିଲା। ଭକ୍ତମାନେ ମହାଆନନ୍ଦରେ ବର୍ଷାରେ ଭିଜିଭିଜି ରଥ ଟାଣିଥିଲେ। ଭଜନ, କୀର୍ତ୍ତନ, ଘଣ୍ଟଘଣ୍ଟା, ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ସମଗ୍ର ଶୈଳଶ୍ରୀବିହାର ପ୍ରକମ୍ପିତ ହୋଇଥିଲା। ମୁଖ୍ୟ ଟ୍ରଷ୍ଟି ହେମନ୍ତ କୁମାର ମହାପାତ୍ର, ସମ୍ପାଦକ ଗୋପାଳକୃଷ୍ଣ ପଟ୍ଟନାୟକ ଉତ୍ସବକୁ ପରିଚାଳନା କରିଥିଲାବେଳେ ବିଭିନ୍ନ ସଂଗଠନର କର୍ମକର୍ତ୍ତା, ପ୍ରଶାସନିକ ଅଧିକାରୀମାନେ ସହଯୋଗ କରିଥିଲେ। ବାହୁଡ଼ା ଯାତ୍ରାରେ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା।

# ବନ ମହୋତ୍ସବ

**ଭୁବନେଶ୍ୱର,୫।୭/ଏନ୍‌ଏନ୍‌ଏସ୍:** ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବନାଞ୍ଚଳ ରେଞ୍ଜର ସହଯୋଗରେ ଆଶ୍ରମ ପରିସରରେ ଶନିବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷକ ରଙ୍ଗନାଥ ବାନାର୍ଜୀ ବୃକ୍ଷରୋପଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବନ ବିଭାଗର ଅନେକ ଅଧିକାରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅଷ୍ଟମ ଏବଂ ନବମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସହିତ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସମଗ୍ର କ୍ୟାମ୍ପସରେ ୨୦୦ରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ କେବଳ ଏକ ଉତ୍ସବ ଭାବରେ ନୁହେଁ ବରଂ ପ୍ରକୃତିର ସୁରକ୍ଷା ଏବଂ ପୋଷଣ ପାଇଁ ଆମର କର୍ତ୍ତବ୍ୟର ଏକ ଶକ୍ତିଶାଳୀ ସ୍ମରଣକାରୀ ଭାବରେ ମଧ୍ୟ କାର୍ଯ୍ୟ କରିଥିଲା।



# ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର,୫।୭/ଏନ୍‌ଏନ୍‌ଏସ୍:** ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ଭକ୍ତ ଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ପୁରୀ ଜିଲ୍ଲାର ପିପିଲି ବ୍ଲକ୍ ଅନ୍ତର୍ଗତ ବାଲିଗାଁଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ମା' ମହାଲକ୍ଷ୍ମୀ, ମା' ବିମଳା, ସିଦ୍ଧ ମହାବୀର ଓ ଶ୍ରୀଗଣେଶ ମନ୍ଦିରର ଷୋଡ଼ଶ ପ୍ରତିଷ୍ଠା ଦିବସ ଭକ୍ତ ଦାସିଆ ସ୍ମୃତି କମିଟି ଆନୁକୂଲ୍ୟରେ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରାତଃ ୬ଟାରୁ ଅପରାହ୍ନ ୪ଟା ମଧ୍ୟରେ ସମସ୍ତ ଦେବାଦେବୀଙ୍କ ସ୍ୱତନ୍ତ୍ର ଦେବନୀତି, ନୂତନ ବସ୍ତ୍ର ପରିଧାନ, ଭକ୍ତଙ୍କ ସମାଧି ପୀଠରେ ପୁଷ୍ପ ମାଲ୍ୟାର୍ପଣ, ବେଦ ଓ ଗୀତାପାଠ, ଅଖଣ୍ଡ ନାମଯଜ୍ଞ, ବାର୍ଷିକ ହୋମକର୍ମ, ଓଡ଼ିଶୀ ସଂକୀର୍ତ୍ତନ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପରିବେଶ ଉତ୍ସବମୁଖର ହୋଇ ଉଠିଥିଲା। ବାର୍ଷିକ ଯଜ୍ଞକର୍ମରେ ମୁଖ୍ୟକର୍ତ୍ତା ଓ କର୍ତ୍ତ୍ରୀ ଭାବେ ୱାଲେଟ୍ ଫର୍‌ୱାଲଥ୍‌ର ମାନେଜିଂ ଡାରେକ୍ଟର୍ ଶ୍ରୀତ୍ରିନାଥ ଲେଙ୍କା ଏବଂ ତାଙ୍କର ଧର୍ମପତ୍ନୀ ପ୍ରାଚୀ ଲେଙ୍କା କାର୍ଯ୍ୟନିର୍ବାହ କରିଥିଲେ। ମୁଖ୍ୟ ଆଚାର୍ଯ୍ୟ ପଣ୍ଡିତ ବାପିନା ଦାଶ, ସହାୟକ ଆଚାର୍ଯ୍ୟ ଚନ୍ଦ୍ରଶେଖର ଆଚାର୍ଯ୍ୟ ଏବଂ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ ଯଜ୍ଞ କର୍ମ ସମ୍ପାଦନ କରିଥିଲେ। ମୁଖ୍ୟ ପୂଜକ ଶ୍ରୀଲିଙ୍ଗରାଜ ପଣ୍ଡା, ସହାୟକ ପୂଜକ ପ୍ରସନ୍ନ କୁମାର ପଣ୍ଡା ଏବଂ ପ୍ରହଲ୍ଲାଦ ମିଶ୍ର ସମସ୍ତ ଦେବାଦେବୀଙ୍କ ନୀତି ସମ୍ପନ୍ନ କରିଥିଲେ। ଏହି ଅବସରରେ ଭକ୍ତ ଦାସିଆ ସଂକୀର୍ତ୍ତନ ମଣ୍ଡଳୀ ଓ ଶ୍ରୀରାଧାକାନ୍ତ ମହିଳା ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟାମାନେ ଓଡ଼ିଶୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଏଥିରେ ଶ୍ରୀକୃଷ୍ଣଚନ୍ଦ୍ର ସ୍ୱାଇଁ, ହରିହର ସ୍ୱାଇଁ, କବିନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ରାଉତ ପ୍ରମୁଖ ସହଯୋଗ କରିଥିଲେ।

ଆୟୋଜିତସଭାରେ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡଃ. ବିନାୟକ ରଥ ମୁଖ୍ୟଅତିଥି ଜିଲ୍ଲା ଦୌରାଜଜ୍ ସୂର୍ଯ୍ୟ ନାରାୟଣ ମିଶ୍ର, ରେଳ ବିଭାଗର ପ୍ରାକ୍ତନ ଜେନେରାଲ୍ ମ୍ୟାନେଜର ପ୍ରତାପ ଚନ୍ଦ୍ର ନାୟକ, ପ୍ରାଣନାଥ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ପ୍ରାକ୍ତନ ପ୍ରଧାପିକା ଡଃ. ବାସନ୍ତୀ ଦାସ, ଯୋଡ଼ା ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ସବିତା ଖଟୋଇ, ସଂଯୁକ୍ତା ନାୟକ, ପ୍ରତାପ ଚନ୍ଦ୍ର ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ନିଜର ବକ୍ତବ୍ୟ ରଖିଥିଲେ। ସ୍ମୃତି କମିଟିର ବରିଷ୍ଠ ସଦସ୍ୟ ଚିତ୍ତରଞ୍ଜନ ସେନାପତି, ଚରଣ ପରିଡ଼ା, ରମେଶଚନ୍ଦ୍ର ପ୍ରଧାନ, ମନୋରଞ୍ଜନ ମହାନ୍ତି ଉପସ୍ଥିତରହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ପରିଚାଳନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଆମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ଅଣସର ଘରର ଭୂମି ପୂଜନ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ଡଃ. ଘନଶ୍ୟାମ ସ୍ୱାଇଁ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ଶିକ୍ଷାବିତ୍ ବୃନ୍ଦାବନ ମହାପାତ୍ର ଧନ୍ୟବାଦ ଅର୍ପଣକରିଥିଲେ।

# କଳାରାହାଙ୍ଗ, ପଟିଆରେ ଖୁବ୍ ଶୀଘ୍ର ରେଳ ଓଭରବ୍ରିଜ୍: ଅପରାଜିତା



**ଭୁବନେଶ୍ୱର,୫।୭/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱର ଉପକଣ୍ଠ କଳାରାହାଙ୍ଗ ଓ ପଟିଆରେ ନିର୍ମାଣ ହେବ ରେଳ ଓଭର ବ୍ରିଜ୍। ଏନେଇ ୧୪୦ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଛି ଓ ଫଳରେ ଏହି ଅଞ୍ଚଳର ଗମନାଗମନରେ ତାହା ହେବ ଲାଇଫ୍ ଲାଇନ୍ ଓ ଏହା ଘୋଷଣା କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ଶନିବାର ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଭୁବନେଶ୍ୱରର ପଟିଆ ଏବଂ କଳାରାହାଙ୍ଗ ରେଳ ଷ୍ଟେସନ ଅଞ୍ଚଳକୁ ଗସ୍ତ କରି ଅଧିକାରୀଙ୍କ ସହିତ ସ୍ଥିତି ସମୀକ୍ଷା କରିଥିଲେ। ଏହି ଅବସରରେ ଅପରାଜିତା କହିଛନ୍ତି ଯେ କଳାରାହାଙ୍ଗ ଏବଂ ପଟିଆ ଅଞ୍ଚଳରେ ଏହି ରାସ୍ତା ଦେଇ ରେଳଟ୍ରାକ୍ ଯାଇଥିବା ବେଳେ ରେଳ ଚଳାଚଳ ସମୟରେ ଫାଟକ ପଡୁଥିବାରୁ ଦୀର୍ଘ ସମୟ ଟ୍ରାଫିକ ଜାମ୍ ରହୁଥିଲା। ରେଳ ଓଭର ବ୍ରିଜ ନିର୍ମାଣ ହେବା ପରେ ଏହି ସମସ୍ୟା ଆଉ ରହିବ ନାହିଁ। ଲୋକମାନେ ଅବାଧରେ ବିନା କୌଣସି ଅଟକିବାରେ ରେଳ ଚଳାଚଳ ସମୟରେ ବି ଗମନାଗମନ କରିପାରିବେ।

ଅପରାଜିତା କହିଛନ୍ତି ଯେ, ପଟିଆ ଓ କଳାରାହାଙ୍ଗ ଅଞ୍ଚଳରେ ରେଳ ଓଭର୍‌ବ୍ରିଜ୍ ନିର୍ମାଣ ନେଇ ବହୁ ବର୍ଷରୁ ଦାବି କରି ଆସୁଥିଲେ ସ୍ଥାନୀୟ ଲୋକେ। ଲୋକଙ୍କର ଏହି ଦାବିକୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ପୂରା କରିବାକୁ ଯାଇ ରେଳ ଓଭର ବ୍ରିଜ ନିର୍ମାଣରେ ରହିଥିବା ସମସ୍ୟାକୁ ଦୂର ହେବାକୁ ଯାଉଛି। ଅପରାଜିତା କହିଛନ୍ତି ଯେ, କଳାରାହାଙ୍ଗ ରେଳ ଓଭର ବ୍ରିଜ ପାଇଁ ୮୦ କୋଟି ଏବଂ ପଟିଆ ରେଳ ଓଭର ବ୍ରିଜ ପାଇଁ ୬୦ କୋଟି ଟଙ୍କା ମଞ୍ଜୁର ହୋଇଛି ଓ ଖୁବ୍ ଶୀଘ୍ର ଏହି ପ୍ରକଳ୍ପ ପାଇଁ ଟେଣ୍ଡର ହେବା ପରେ ଆଗାମୀ କାର୍ଯ୍ୟକ୍ରମ ଆଗେଇବ। ପୂର୍ବରୁ ଏହି ରେଳ ଓଭରବ୍ରିଜ ନିର୍ମାଣ ପ୍ରକଳ୍ପ ପାଇଁ କଳାରାହାଙ୍ଗ ଏବଂ ପଟିଆ ଅଞ୍ଚଳରେ ଜମି ଅଧିଗ୍ରହଣ ଏକ ବଡ଼ ସମସ୍ୟା ଭାବେ ଠିଆ ହୋଇଥିଲା। ଫଳରେ ପ୍ରକଳ୍ପ କାମ ଆଗେଇ ପାରୁନଥିଲା। ଏବେ ତାହା ଦୂର ହୋଇଛି ଓ

ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, କଳାରାହାଙ୍ଗ ପଟିଆ ଅଞ୍ଚଳକୁ ଗସ୍ତ କରି ନିଜେ ସ୍ଥିତି ସମୀକ୍ଷା କରିଥିଲେ। ଉକ୍ତ ସମୀକ୍ଷା ସମୟରେ ରେଳ ବିଭାଗର ବରିଷ୍ଠ ଅଧିକାରୀ ମଧ୍ୟ ସାମିଲ ହୋଇଥିଲେ। ଖୋର୍ଦ୍ଧା ଏଡିଏମ୍, ଭୁବନେଶ୍ୱର ତହସିଲଦାର, ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ, ଉତ୍ତର ଭୁବନେଶ୍ୱରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସ୍ଥାନୀୟ ବୁଦ୍ଧିଜୀବୀ ପ୍ରମୁଖ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ସହିତ ସମୀକ୍ଷା ସମୟରେ ଉପସ୍ଥିତ ଥିଲେ।

# ଶ୍ରୀବାଣୀକ୍ଷେତ୍ରକୁ ବାହୁଡ଼ିଲେ ମହାପ୍ରଭୁ



**ଭୁବନେଶ୍ୱର,୫।୭/ଏନ୍‌ଏନ୍‌ଏସ୍:** ଦୀର୍ଘ ନବଦିନ ଯାତ୍ରା ସାରି ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ମାଆ ସୁଭଦ୍ରା ଆଜି ବାହୁଡ଼ାରେ ଶ୍ରୀବାଣୀକ୍ଷେତ୍ରକୁ ବାହୁଡ଼ିଛନ୍ତି। ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଆଡ଼ମ୍ବରପୂର୍ଣ୍ଣ ଭାବେ ଶେଷ ହୋଇଛି। ପୂର୍ବାହ୍ନରେ ମଙ୍ଗଳ ଆରତୀ, ମଇଲମ, ତଡ଼ପଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା, ରଥପୂଜା ଓ ପହଣ୍ଡି ଆଦି ନୀତିକାନ୍ତି ସମ୍ପନ୍ନ ହେବା ପରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଅପରାହ୍ନ ୩ଟାରେ ଛେରାପହଁରା କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଅପରାହ୍ନ ୪ଟାରେ ଭକ୍ତମାନେ ମହାପ୍ରଭୁ ବଳଭଦ୍ର, ମାଆ ସୁଭଦ୍ରା ଓ ଜଗନ୍ନାଥଙ୍କ ରଥ ଟାଣିଥିଲେ। ଶ୍ରୀବାଣୀକ୍ଷେତ୍ରର ରଥଯାତ୍ରାର ଏକ ବିଶେଷତ୍ୱ ହେଉଛି ଏଠାରେ ମାଆ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥାନ୍ତି। ତିନି ରଥଙ୍କୁ ଗୁଣ୍ଡିଚା ମନ୍ଦିରରୁ ଶ୍ରୀବାଣୀକ୍ଷେତ୍ର ପର୍ଯ୍ୟନ୍ତ ଟଣାଯାଇଥିଲା। ବାହୁଡ଼ା ଯାତ୍ରା ଦେଖିବା ଲାଗି ସ୍ଥାନୀୟ ଅଞ୍ଚଳରୁ ପ୍ରାୟ ୪୦ହଜାରରୁ ଉର୍ଦ୍ଧ୍ୱ ଭକ୍ତ ସମାଗମ ହୋଇ ସୁସଜ୍ଜିତ ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥକୁ ଟାଣିବା ସହ ଦୈବୀକୃପା ଲାଭ କରିଥିଲେ। ଘଣ୍ଟଘଣ୍ଟା, ମର୍ଦ୍ଦଳ ଧ୍ୱନୀ ଓ ହୁଳହୁଳିରେ ରଥଦାଣ୍ଡ କମ୍ପିଥିଲା। ଆସନ୍ତା କାଲି ଶ୍ରୀଜିଉମାନଙ୍କ ସୁନାବେଶ ଅନୁଷ୍ଠିତ ହେବ। ଭକ୍ତମାନେ ଯେପରି ସୁଚାରୁ ରୂପେ ମହାପ୍ରଭୁଙ୍କ ସୁନାବେଶ ଦର୍ଶନ କରିପାରିବେ ସେଥିପାଇଁ କିଟ୍ ମନ୍ଦିର ଟ୍ରଷ୍ଟ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

# କଣ୍ଟିଲୋ-ଖଣ୍ଡପଡ଼ା ରାସ୍ତାବସ୍ଥା ଶୋଚନୀୟ, ପୂର୍ତ୍ତ ବିଭାଗକୁ ନିଘା ନାହିଁ

**କଣ୍ଟିଲୋ,୫।୭/ଏନ୍ଏନ୍ଏସ୍:** କଣ୍ଟିଲୋରୁ ଜିଲ୍ଲା ସଦର ମହକୁମା ନୟାଗଡ ଯିବା ରାସ୍ତାରେ ଖଣ୍ଡପଡ଼ା ବ୍ଲକ ସଦର ମହକୁମା ହେଉଛି ମାତ୍ର ୧୩ କିମିର ପୂର୍ତ୍ତ ବିଭାଗ ରାସ୍ତା। ଏହି ୧୩ କିମି ରାସ୍ତା ଦୀର୍ଘ ବର୍ଷ ହେଲା ରିପ୍ୟାରିଂ ହୋଇ ନଥିବା କିମ୍ବା ନୂତନ ଭାବେ ରାସ୍ତା ନିର୍ମାଣ କାର୍ଯ୍ୟ ହୋଇ ନଥିବାରୁ ଏହି ରାସ୍ତା ଏତେ କଦର୍ଯ୍ୟ ଓ ଶୋଚନୀୟ ତଥା ଶ୍ରୀହୀନ ହୋଇ ପଡ଼ିଛି ତାହା ଆଖିରେ ନ ଦେଖିଲେ ବିଶ୍ୱାସ ହେବ ନାହିଁ। ସୂଚନାରୁ ପ୍ରକାଶ ଯେ, ଜଗନ୍ନାଥ ମହାପ୍ରଭୁଙ୍କ ଆଦି ପୀଠ ତଥା ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଭାବେ ସର୍ବ ବିଦିତ ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋ କ୍ଷେତ୍ରରୁ ସୁଳିଆ ଛକ, ଗୋପିନାଥପୁର, ପଥରଦ୍ୱାର, ବେନଗଡିଆ, ବରକୋଳି, ମର୍ଦ୍ଦରାଜପୁର, ଚାଉପଲ୍ଲୀ, ଖଳିସାହି ଓ ଖଣ୍ଡପଡ଼ା ପ୍ରଭୃତି ଗ୍ରାମ ରାସ୍ତାଦେଇ ପ୍ରତିଦିନ ଶ୍ରୀଜିଉଙ୍କ ଦର୍ଶନ ପାଇଁ କଣ୍ଟିଲୋ କୁ ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ମାନେ ଭାରି ଜାନ, ଲଘୁ ଯାନ, ତିନିଚକିଆ, ଚାରିଚକିଆ ଗାଡ଼ି ଓ ବାଇକ୍ ମାଧମରେ ଆସିଥାନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହା ଯେ, ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ଅଧୀନସ୍ଥ ଉକ୍ତ ରାସ୍ତା ହୋଇଥିଲେ ମଧ ଆଜକୁ ଦୀର୍ଘ ବର୍ଷ ହେଲା ନା ରିପ୍ୟାରିଂ କି ନୂତନ ଭାବେ ନିର୍ମାଣ ହୋଇ ନଥିବା ଅଭିଯୋଗ ହେଉଛି।

ଏହି ରାସ୍ତା କେବେ ରିପ୍ୟାରୀଙ୍ଗ କିମ୍ବା ନିର୍ମାଣ ହୋଇଥିଲା ଆଉ କେତେ ଟଙ୍କା ବ୍ୟୟ ହୋଇଥିଲା ତାର ତଦନ୍ତ ଦାବି ହେଉଛି। ଏହି ରାସ୍ତା ଏତେ କଦର୍ଯ୍ୟ, ଶୋଚନୀୟ ଓ ଶ୍ରୀହୀନ ହୋଇ ପଡ଼ିଥିବାରୁ ବଡ ବଡ଼ ଖାଲ ହୋଇ ବର୍ଷା ପାଣି ଜମି ରହିଛି। ଯାହା ଫଳରେ ସାଧାରଣ ଜନତାଙ୍କ ଠାରୁ ଆରମ୍ଭ କରି ପର୍ଯ୍ୟଟକମାନେ ଦୁର୍ଘଟଣାର



ଶିକାର ହେଉଥିବା ଦେଖିବାକୁ ମିଳୁଛି। ବେଶୀ ଦୁଃଖଦାୟକ ହେଉଛି ଜୀବନ ମରଣ ବିପଦ ପୂର୍ଣ୍ଣ ରାସ୍ତାକୁ ପୂର୍ତ୍ତ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଦେଖି ନିରବ ଓ ଅଚିନ୍ତା ନିଦରେ ଶୋଇଥିବା ଅଭିଯୋଗ ହେଉଛି। ଏଠି ସର୍ବସାଧାରଣ ଜନତାଙ୍କ ପ୍ରଶ୍ନ ହେଉଛି, ପୂର୍ତ୍ତ ବିଭାଗ ଅଧିକାରୀମାନେ ସରକାରୀ ଚାକିରିକରି ପ୍ରତି ବର୍ଷ କୋଟି କୋଟି ଟଙ୍କା ବ୍ୟୟ କରୁଥିଲେ ହେଁ ଏହି ରାସ୍ତା କାର୍ଯ୍ୟ କାହିଁକି କରୁନାହାନ୍ତି ? ତେଣୁ ସର୍ବସାଧାରଣଙ୍କ ଧନଜୀବନ ସୁରକ୍ଷା ପାଇଁ ଯଥାଶୀଘ୍ର ସ୍ଥାନୀୟ ବିଧାୟକ ଏଥିରେ ହସ୍ତକ୍ଷେପ କରି ରାସ୍ତା କାର୍ଯ୍ୟ ଶେଷ କରିବା ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

## ଦୁଇ ସାଇକେଲ୍ ଚୋର ଗିରଫ

**ଓଡ଼ଗାଁ,୫।୭/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ଶରଣକୁଳ ଥାନା ଅଞ୍ଚଳରୁ ଦୁଇଜଣ ସାଇକେଲ ଚୋରଙ୍କୁ ସ୍ଥାନୀୟ ଲୋକେ କାବୁକରି ପୁଲିସ ଜିମା ଦେଇଛନ୍ତି। ସୂଚନା ଅନୁଯାୟୀ କିଛିଦିନ ହେବ ଶରଣକୁଳ ବଜାରରୁ ସାଇକେଲ ଚୋର ଲୋକଙ୍କ ନିଦ ହଜେଇ ଦେଇଥିଲେ। ଗୋଟିକ ପରେ ଗୋଟିଏ ସାଇକେଲ ବଜାରରୁ ଗାଏବ ହେବାରୁ ଲୋକମାନେ ବଜାରକୁ ସାଇକେଲ ଚୋରଙ୍କ ଉପରେ ନଜର ରଖିଥିଲେ। ଗତକାଲି ଦୁଇଜଣ ଯୁବକ ସାଇକେଲ ଚୋରି କରୁଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ କାବୁ କରି ନେଇଥିଲେ।ସେମାନେ ହେଲେ ଶରଣକୁଳ ନରେନ୍ଦ୍ରପୁର ହରିଜନ ସାହିର ମନୋଜ ନାହାକଙ୍କ ପୁଅ ଶିତୁଁ ନାହାକ ଓ ଶିଖରପୁର କମେନାସାହିର କବି ପ୍ରଧାନଙ୍କ ପୁଅ ରାଜେନ୍ଦ୍ର ପ୍ରଧାନ। ସେମାନଙ୍କୁ ଲୋକେ ପୁଲିସ ଜିମା ଦେଇଛନ୍ତି।ଏହାପୂର୍ବରୁ ଚୋରି ହୋଇଥିବା ୪ ଗୋଟି ସାଇକେଲ ରାଜେନ୍ଦ୍ର ପ୍ରଧାନଙ୍କ ବାରିପଟ ପାଳଗଦା ତଳେ ଥିବା ଅଭିଯୁକ୍ତ ମାନେ ସ୍ୱୀକାର କରିଛନ୍ତି। ପୁଲିସ ସାଇକେଲ ଗୁଡ଼ିକୁ ଉଦ୍ଧାର କରି ଆଜି ଉଭୟଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି।

# ଆଠଗଡ଼ ବିଧାୟକ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିକୁ ନେଇ ସମାଲୋଚନା



**ଆଠଗଡ଼,୫।୭/ଏନ୍ଏନ୍ଏସ୍:** ଆଠଗଡ଼ ବିଧାୟକ ଓଡ଼ିଶାରେ ମହିଳାମାନେ ସୁରକ୍ଷିତ ନୁହନ୍ତି ଯାହାକି ଆମେରିକାର ରାଷ୍ଟ୍ରପତି ତାଙ୍କ ଦେଶର ମହିଳାମାନଙ୍କୁ ଓଡ଼ିଶାରେ ଏକୁଟିଆ ବୁଲିବାକୁ ବାରଣ କରିଥିଲେ। ଏହାସହିତ ଗୋ-ରକ୍ଷା ନାମରେ ଯେଉଁ ହିଂସା କରାଯାଇ ବିଶେଷ କରି ଅନୁସୂଚିତ ଜାତି ମାନଙ୍କ ଉପରେ ଅତ୍ୟାଚାର କରାଯାଉଥିବା କଥା ଉଠାଇବା ଏବଂ ଅନୁସୂଚିତ ଜାତି ଓ ଜନଜାତି କମିଶନ ସ୍ଥାଣୁ ପାଲଟିବା ଦର୍ଶାଇବା ସହିତ ମାଇନରଟି ସଂଖ୍ୟା ଦୃଷ୍ଟି କୋଣରୁ ମାଇନରଟି କମିଶନ ଗଠନ ପାଇଁ ପ୍ରସ୍ତାବ ସମ୍ପର୍କିରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ତେବେ ଏହାର ଦୃଢ଼ ପରିବାଦ କରିଛନ୍ତି ଆଠଗଡ଼ର ବିଜେପି ପ୍ରାର୍ଥୀ ଅଭୟ କୁମାର ବାରିକ୍। ଶ୍ରୀ ବାରିକ୍ ସ୍ଥାନୀୟ ରଥଗଡ଼ା ସ୍ଥିତ ଦଳୀୟ କାର୍ଯ୍ୟାଳୟ ଠାରେ ଏକ ସମ୍ବାଦିକ ସମ୍ମିଳନୀରେ ବିଧାୟକଙ୍କ ଚିଠିକୁ ନାଟକବାଜି କହିବା ସହିତ ନିଜର ଲୋକପ୍ରିୟତା କମୁଥିବାରୁ ଏଭଳି ଚିଠି ଲେଖିଛନ୍ତି ବୋଲି କହି ତୀବ୍ର ସମାଲୋଚନା କରିଛନ୍ତି। ଏହାସହିତ ତାଙ୍କର ସ୍ଥିର ୨୪ବର୍ଷର ସରକାର ଥିବା ସମୟରେ ସେ ମଧ କ୍ୟାବିନେଟ ମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ଏହି ସମୟରେ ନିର୍ବାଚନ ମଣ୍ଡଳୀରେ ରୁଚିକା ମହାନ୍ତି ମୃତ୍ୟୁ କଥା ଉଠାଇ ତାଙ୍କୁ ନ୍ୟାୟ ଦେବାରେ ବିଫଳ ହୋଇଥିଲେ। ସେହିଭଳି ପରି, ବେବିନା ମୃତ୍ୟୁ କଥା ଉଠାଇଥିଲେ। ନିର୍ବାଚନ ଅନ୍ତର୍ଗତ ତିଗିରିଆ ବାରମାଣ ଜଙ୍ଗଲରେ ଯେଉଁଭଳି ଭାବେ ଗୋମାତାମାନଙ୍କ ମାଂସ ବାହାରକୁ ରପ୍ତାନି କରାଯିବା ଏବଂ ସେଠାରୁ ୫୦୦ରୁ ଊର୍ଦ୍ଧ୍ୱ ଗୋମାତାଙ୍କୁ ଉଦ୍ଧାର କରାଯିବା ନେଇ ନିଜ ନିର୍ବାଚନ ମଣ୍ଡଳୀରେ ମହିଳାମାନଙ୍କୁ ସୁରକ୍ଷା ଓ ଗୋମାତାଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା କଥା କହି କଡ଼ା ସମାଲୋଚନା କରିଥିଲେ। ଏଥିସହ ରାଜ୍ୟ ସମ୍ପର୍କିତ କଥା ମୁଖ୍ୟମନ୍ତ୍ରୀଙ୍କୁ ଦେବା ପୂର୍ବରୁ ଆଗ ନିଜ ନିର୍ବାଚନମଣ୍ଡଳୀର ମହିଳା, ଗୋମାତାଙ୍କୁ ସୁରକ୍ଷା ପ୍ରଦାନ କରିବା ସହିତ ରୁଚିକା ମହାନ୍ତିଙ୍କୁ ନ୍ୟାୟ ପ୍ରଦାନ ପାଇଁ ଆଗକୁ ଆସିବାକୁ କହିଥିଲେ।

# ତାଲୁକ୍ ଆଇନ୍ ସେବା ସମିତି ପକ୍ଷରୁ ବନ ମହୋତ୍ସବ ସପ୍ତାହ



**ବାଣପୁର,୫।୭/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଉକ୍ତ କାର୍ଯ୍ୟକ୍ରମ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବାଣପୁର ଅଦାଲତର ବରିଷ୍ଠ ଦେଓ୍ୱାନୀ ବିଚାରପତି ଅମରେଶ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାଣପୁର ଜେଏମଏଫସି ଇପ୍ସିତା ପ୍ରିୟା ଏକ୍କା ମଧ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବିଭିନ୍ନ ପ୍ରକାରର ଔଷଧୀୟ ତଥା ଉପକାରୀ ଚାରା ଗୁଡିକ ବିଦ୍ୟାଳୟ ପରିସରରେ ରୋପଣ କରାଯାଇଥିଲା। ପରିଶେଷରେ ଚାରାଗୁଡିକୁ ପୂଜନ ମଧ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷକ, କୁନି ଛାତ୍ରଛାତ୍ରୀ, ବନବିଭାଗ ଅଧିକାରୀ, କୋର୍ଟ କର୍ମଚାରୀ ଏବଂ ଓକିଲମାନେ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସମ୍ପ୍ରତି ପରିସ୍ଥିତିରେ ବୃକ୍ଷରୋପଣ ଅପରିହାର୍ଯ୍ୟ ହୋଇପଡିଥିବା ବରିଷ୍ଠ ଦେଓ୍ୱାନୀ ବିଚାରପତି ଶ୍ରୀ ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଥିଲେ। ଦିନକୁଦିନ ପରିବେଶ ଭାରସାମ୍ୟ ସନ୍ତୁଳନ ହରାଉଥିବା ବେଳେ ତାପମାତ୍ରାରେ ପରିବର୍ତ୍ତନ ଘଟୁଛି। ତେଣୁ ଏକମାତ୍ର ବିକଳ୍ପ ହେଉଛି ବୃକ୍ଷରୋପଣ ଏବଂ ଆମ ଭବିଷ୍ୟତ ପିଢ଼ି ମଧ ବୃକ୍ଷରୋପଣ ପ୍ରତି ଯତ୍ନବାନ ହେବା ଦରକାର ବୋଲି କହିଥିଲେ ବିଚାରପତି ଶ୍ରୀ ମହାପାତ୍ର।

# ବିଦ୍ୟାଳୟରେ ୭୬ତମ ବନମହୋତ୍ସବ



**ଓଡ଼ଗାଁ,୫।୭/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ମସାବାରୀ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ୭୬ତମ ବନମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବଗ୍ରାହୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଓଡ଼ଗାଁ ବନପାଳ ସରିତା ବରାଳ, ପ୍ରକୃତିବନ୍ଧୁ ପଞ୍ଚାନନ ପଣ୍ଡା,ପ୍ରକୃତିବନ୍ଧୁ ରଞ୍ଜନ କୁମାର ଦାଶ, ବନରକ୍ଷୀ ସୌମ୍ୟରଞ୍ଜନ ଦଳେଇ, ଉଦ୍ଧବ ପ୍ରଧାନ, ଅଲିଧା ବରାଳ, ବିନୟ ରଞ୍ଜନ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ସିଠ, ଶିକ୍ଷାବିତ ବାଇଧର ସ୍ୱାଇଁ, କମିଟିର ସଭ୍ୟସଭ୍ୟା, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ପ୍ରଥମେ ବୃକ୍ଷ ଦେବତାଙ୍କୁ ଜଳଦାନକରି ବୈଠକ ଅନୁଷ୍ଠିତ ହୋଇଥିଲା। ଅତିଥି ମାନେ ବୃକ୍ଷରୋପଣ ସହିତ ତା'ର ଯତ୍ନ ନେବାପାଇଁ ଗୁରୁତ୍ୱ ପ୍ରଦାନ କରିଥିଲେ। ପରେ ଅତିଥିମାନଙ୍କ ଗହଣରେ ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ବଉଳ, ଅମୃତଭଣ୍ଡା, ସଜନା ଇତ୍ୟାଦି ବୃକ୍ଷରୋପଣ କରାଯାଇଥିଲା। ଶିକ୍ଷାର୍ଥୀମାନଙ୍କ ଦ୍ୱାରା ପ୍ଲାକାର୍ଡ, ସ୍ଲୋଗାନ ମାଧମରେ ଏକ ସଚେତନତା ଶୋଭାଯାତ୍ରା କରି ଲୋକମାନଙ୍କୁ ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଗ୍ରାମର ମଧ୍ୟଭାଗରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପଥପ୍ରାନ୍ତ ନୃତ୍ୟପରିବେଷଣ କରାଯାଇଥିଲା। ପରିଶେଷରେ ସଭିଏଁ ବୃକ୍ଷରୋପଣ କରିବା, ଯତ୍ନନେବା,ଗ୍ରାମ ଓ ବିଦ୍ୟାଳୟକୁ ପଲିଥିନ ମୁକ୍ତକରିବା, ନିଶାସେବନ ନକରିବା ଏବଂ ଛାତ୍ରଛାତ୍ରୀଙ୍କ ଠାରୁ ମୋବାଇଲର ଦୂରତା ରକ୍ଷା କରିବା ପାଇଁ ଶପଥପାଠ କରାଯାଇଥିବାବେଳେ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଶୁଦ୍ଧାନନ୍ଦ ବିଦ୍ୟାଳୟରେ ବନ ମହୋତ୍ସବ



**ଫୁଲନଖରା,୫।୭/ଏନ୍ଏନ୍ଏସ୍:** ସଦର ଥାନା କୁରାଙ୍ଗଶାସନ ପଞ୍ଚାୟତ ଅନ୍ତର୍ଗତ ଗଙ୍ଗେଶ୍ୱରଠାରେ ଥିବା ବୈଦିକ ଓ ଆଧୁନିକ ବିଚାରଧାରାରେ ପରିଚାଳିତ ପୁରାତନ ଶିକ୍ଷାନୁଷ୍ଠାନ ଶୁଦ୍ଧାନନ୍ଦ ବିଦ୍ୟାଳୟରେ ଜାତୀୟ ବନ ମହୋତ୍ସବ ପାଳନ ହୋଇଛି। ଏହି ଉପଲକ୍ଷେ ଅଧ୍ୟକ୍ଷା ପ୍ରଣୟିନୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜସେବୀ ସୁନ୍ଦରପ୍ରଭାତ ଦାସ ମୁଖ୍ୟ ଅତିଥିରୂପେ ଯୋଗଦେଇ ବନ ମହୋତ୍ସବ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ସବୁଜ ବନାନୀ ସୃଷ୍ଟିର ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଏତଦ ସହିତ ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ଦୃଷ୍ଟିରୁ ସମ୍ପୃକ୍ତ ଅଞ୍ଚଳରେ ବ୍ୟାପକ ତାଳଗଛ ରୋପଣ କରିବାକୁ ସମସ୍ତ ପ୍ରକାର ସହଯୋଗ ପ୍ରଦାନ କରିବେ ବୋଲି ଶ୍ରୀଯୁକ୍ତ ଦାସ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ, ସମ୍ପାଦିକା ବ୍ରହ୍ମଚାରିଣୀ ମନୀଷା ଚୈତନ୍ୟ, ପ୍ରକୃତିବନ୍ଧୁ ପ୍ରତାପକେଶରୀ ପାତ୍ର ଓ ସମସ୍ତ ଶିକ୍ଷକ ଶିକ୍ଷିକା ଉପସ୍ଥିତ ଥିଲେ। ପିଲାମାନେ ପରିବେଶ ସୁରକ୍ଷା ସଂକ୍ରାନ୍ତ ପ୍ଲାକାର୍ଡ଼ ଧରି ଅଞ୍ଚଳ ପରିକ୍ରମା କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରା ରୋପଣ ହୋଇଥିଲା। ଶିକ୍ଷୟିତ୍ରୀ ଜୟଶ୍ରୀ ବିଜୟଲକ୍ଷ୍ମୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦିବ୍ୟାଙ୍ଗ ଭାଇଭଉଣୀଙ୍କୁ ଟ୍ରାଇ ସାଇକେଲ, ହ୍ୱିଲଚେୟାର୍ ଓ ଶ୍ରବଣଯନ୍ତ୍ର ବଣ୍ଟନ

**ସାଲେପୁର,୫।୭/ଏନ୍ଏନ୍ଏସ୍:** ସାଲେପୁର ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲୋକସେବା ଫାଉଣ୍ଡେସନ ପକ୍ଷରୁ ଦିବ୍ୟାଙ୍ଗ ଭାଇଭଉଣୀମାନଙ୍କୁ ଟ୍ରାଇ ସାଇକେଲ, ହ୍ୱିଲ ଚେୟାର୍ ଓ ଶ୍ରବଣ ଯନ୍ତ୍ର ବଣ୍ଟନ କରାଯାଇଛି। ସାଲେପୁର ମଧୁସୂଦନ ମଣ୍ଡପ ପରିସରରେ ମନୋଜ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲୋକସେବା ଫାଉଣ୍ଡେସନର ଅଧ୍ୟକ୍ଷ ତଥା ବିଜେପି ନେତା ହିମାଂଶୁ ମହାନ୍ତି ଯୋଗଦେଇ ଏହି ଟ୍ରାଇ ସାଇକେଲ ମାଧମରେ ଅନେକ ଦିବ୍ୟାଙ୍ଗ ଜନମାନେ ଦୈନନ୍ଦିନ ଜୀବନରେ ଆତ୍ମନିର୍ଭର ଓ ସୁବିଧାଜନକ ଭାବେ ଯାତାୟାତ କରିବା ସହିତ ସମାଜର ମୁଖ୍ୟଧାରାରେ ଅନ୍ତର୍ଭୁକ୍ତ ହେବେ ବୋଲି ପ୍ରକାଶ କରିବା ସହିତ ଦିବ୍ୟାଙ୍ଗ ଭାଇ ଭଉଣୀମାନଙ୍କୁ ଟ୍ରାଇ ସାଇକେଲ, ହ୍ୱିଲ୍ ଚେୟାର ଓ ଶ୍ରବଣ ଯନ୍ତ୍ର ବଣ୍ଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଆଡଭୋକେଟ ରାଜୀବ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଅଟଳସେନା ସଭାପତି ଦିବାକର ପ୍ରଧାନ, ସଙ୍ଗକାର୍ଯ୍ୟକର୍ତ୍ତା ଧୂର୍ତ୍ତ ଚରଣ ବେହେରା, ଆଇନଜୀବୀ ରାଜୀବ ଷଡ଼ଙ୍ଗୀ, ଚନ୍ଦ୍ରାଦେଇପୁର ପୂର୍ବତନ ସରପଞ୍ଚ ରମେଶ ନାୟକ, ରଟିଲୋ ପଞ୍ଚାୟତ ପୂର୍ବତନ ସରପଞ୍ଚ ସୁକାନ୍ତ ବେହେରା, କଟକ ଜିଲ୍ଲା



ସାଧାରଣ ସମ୍ପାଦକ ଆକାଶ ପାତ୍ର, ସାମ୍ବାଦିକ ମନୋଜ ଆଚାର୍ଯ୍ୟ, ନାରୀ ନେତ୍ରୀ ତୁଳସୀରାଣୀ ଦାସ ଯୋଗ ଦେଇ ହିମାଂଶୁ ମହାନ୍ତିଙ୍କ ଏହା ଏକ ସାହାଯ୍ୟ ନୁହେଁ, ଏହା ଅନେକ ପରିବାର ପାଇଁ ଏକ ନୂଆ ଆଶା, ସ୍ୱାବଲମ୍ବୀ କରିବାର ଉଦ୍ୟମ ଯାହାକି ସମାଜରେ ପ୍ରେରଣା ଯୋଗାଇବ। ମାନବିକ ମୂଲ୍ୟବୋଧର ଏହି ଉଦାହରଣ ସମାଜର ସମସ୍ତଙ୍କ ପାଇଁ ଏକ ଉଦାହରଣ ହେବା ଆବଶ୍ୟକ। ଏହି କାର୍ଯ୍ୟକ୍ରମକୁ ହରେକୃଷ୍ଣ ସାମଲ, ରିତେଶ ଦାସ, କାର୍ତ୍ତିକ ବେହେରା, ଅନ୍ତର୍ଯ୍ୟାମୀ ସାହୁ, ଅଜୟ ସ୍ୱାଇଁ, ଗଣେଶ୍ୱର ବେହେରା, ପୁଷ୍ପଲତା ଦଣ୍ଡ, ରେଣୁବାଳା ରାଉତ, ଆଶ୍ରିବାଦ କାନୁନ୍‌ଗୋ, ଶଶିକାନ୍ତ ମହାନ୍ତି ଆଦି ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଜାତୀୟ ବିଦ୍ୟୁତ୍ ସୁରକ୍ଷା ସଚେତନତା ଶିବିର

**ଡେଲାଙ୍ଗ,୫।୭/ଏନ୍ଏନ୍ଏସ୍:** ଡେଲାଙ୍ଗ ସଂଯୁକ୍ତ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସାପ୍ତାହିକ ଜାତୀୟ ବିଦ୍ୟୁତ୍ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈଦ୍ୟୁତିକ ବିପଦ, ବାତ୍ୟା, ବଜ୍ରପାତ ଭଳି ପ୍ରାକୃତିକ ବିପଦରୁ ନିଜ ନିଜକୁ ରକ୍ଷା ଲକ୍ଷ୍ୟ ନେଇ ଏହି କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମୀନା ମଙ୍ଗରାଜ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରୀ ବିଦ୍ୟୁତ୍ ବିଭାଗର ଯନ୍ତ୍ରୀ ଶ୍ରୀକାନ୍ତ ଦାସ, ସହକାରୀ ଯନ୍ତ୍ରୀ ସତ୍ୟଜିତ୍ ନାଇଡୁ, ସ୍ଥାନୀୟ ଯନ୍ତ୍ରୀ ଅମରେନ୍ଦ୍ର ବେହେରା, ଡେ଼ଲାଙ୍ଗ ମଣ୍ଡଳ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ପରିବେଶବିତ୍ ତଥା ଶିକ୍ଷାବିତ୍ ସନ୍ତୋଷ କୁମାର ମହାନ୍ତି, ବାଳିକା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ବିଶ୍ୱାଳ, ବେରବୋଇ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କାମିନୀ ପ୍ରଭା ବେହେରା, ବାଳିକା ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ଅଧ୍ୟକ୍ଷା ବିନୋଦିନୀ ମିଶ୍ର ପ୍ରମୁଖ ଯୋଗଦେଇ ବନ୍ୟା, ବାତ୍ୟା, ବଜ୍ରପାତ ଭଳି ପ୍ରାକୃତିକ ବିପର୍ଯ୍ୟୟରୁ ନିଜକୁ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ଜୀବନ ରକ୍ଷା କରିବାର କୌଶଳ ସଂପର୍କରେ ପ୍ରଶିକ୍ଷଣ ଦେବା ସହିତ ପରିବେଶରେ ସଚେତନତା ବାର୍ତ୍ତା ଦେବାପାଇଁ ସମବେତ ଛାତ୍ରୀ ଓ ଅଭିଭାବକମାଙ୍କୁ ସୁପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ଶ୍ୱେତା ମିଶ୍ର ମଞ୍ଚ ପରିଚାଳନା କରିଥିଲାବେଳେ ଶିକ୍ଷୟିତ୍ରୀ ଝରଣା ଦାସ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ସୁବାସ ବେହେରା ଓ ଅନ୍ୟମାନେ ଏଥିରେ ସହଯୋଗ କରିଥିଲେ।

# ବଜାର ରାସ୍ତା ପାଲଟିଛି ମରଣଯନ୍ତା, ୮ ଆହତ

**ବାରଙ୍ଗ,୫।୭/ଏନ୍ଏନ୍ଏସ୍:** ଗୋଡ଼ିସାହି ବଜାର ବାରଙ୍ଗ-ବାଙ୍କୀ ମୁଖ୍ୟ ରାସ୍ତାରେ ଖାଲ। ପ୍ରବଳ ବର୍ଷାରେ ରାସ୍ତା ଉପରେ ୧୦ ଇଞ୍ଚର ପାଣି। ରାସ୍ତା ଓ ଖାଲ ସବୁ ଏକାକାର। ଜଣାପଡୁନି କେଉଁଠି, କେତେ ଗଭୀରର ଖାଲ। କେଉଁ ଗଳିକନ୍ଦିର ରାସ୍ତା ନୁହେଁ, ବରଂ ବାଙ୍କୀ ମୁଖ୍ୟ ରାସ୍ତାରେ ଏହି ଅବସ୍ଥା। ଗୋଡିସାହି ବଜାରରେ ଏଭଳି ଖାଲ ରହିଛି। ଲଗାଣ ବର୍ଷା ପରେ ସ୍ଥିତି ସଙ୍ଗିନ ହୋଇଛି। ରାସ୍ତାରୁ ପିଚୁ ଉଠିଯିବା ପରେ ଖାଲ ହୋଇଯାଇଛି। ପାଖାପାଖି ୨୦୦ମିଟର ପର୍ଯ୍ୟନ୍ତ ସ୍ଥିତି ଗମ୍ଭୀର ରହିଛି। ଯାହାଫଳରେ ରାସ୍ତାରେ ଯାତାୟାତ ସମୟରେ ଆଜି ସୁଦ୍ଧା ୮ଜଣ ଦୁର୍ଘଟଣାର ଶିକାର ହୋଇ ଆହତ ହୋଇଥିବା ଜଣାପଡ଼ିଛି। ଏହି ଛକରେ ଏହି ଖାଲରେ ଗତ ୪ ଦିନ ମଧରେ ୭ଜଣ ଜଣ ବାଇକ୍ ଚାଳକ ଆହତ ହୋଇଥିବା ବେଳେ ଆଜି ଗୋଟିଏ ବସ୍‌ରେ ଯାତ୍ରୀ ଚଳୁ ଚଳୁ ଗଳିପଡ଼ି ଆହତ ହୋଇଛନ୍ତି।


ନିତିଦିନ NITIDIN
ରବିବାର, ୬ ଜୁଲାଇ ,୨୦୨୫

**ନିତି ଭାରତୀ**

ତୁମର କର୍ମ ତୁମର ପ୍ରାଥମିକତାଗୁଡ଼ିକ ସମ୍ପର୍କରେ ବର୍ଣ୍ଣନା କରିଥାଏ।
- ମହାତ୍ମା ଗାନ୍ଧୀ

# ସ୍ୱାବଲମ୍ବୀ ଗାଁ

ଆମ କୃଷି ସଂସ୍କୃତିର ସ୍ୱର୍ଣ୍ଣିମ ଇତିହାସ କୁହେ, ଓଡ଼ିଶାର ଚାଷୀ ଥିଲା ଅତ୍ୟନ୍ତ କର୍ମଠ ଓ କୁଶଳୀ। ପାଣିପାଗର ନିର୍ଭୁଲ ଆକଳନ ପୂର୍ବକ ଅଳ୍ପ ଖର୍ଚ୍ଚରେ ଅଧିକ ଅମଳ କରିବା ଜ୍ଞାନକୌଶଳ ଥିଲା ତା'ର ଅନୁଭୂତିସିଦ୍ଧ। ତେଣୁ ଏକଦା ଏଠି ଚାଷ ଥିଲା ଏକ ଲାଭଦାୟକ ଓ ମର୍ଯ୍ୟାଦାଜନକ ବୃତ୍ତି। ଚାଷୀ ପରିବାରର ସ୍ୱଚ୍ଛଳତାକୁ ଲକ୍ଷ୍ୟ କରି କୁହାଯାଇଥିଲା- 'ଚାଷ ଅଛି ଯାହାର କି ଆନନ୍ଦ ତାହାର...।' ଓଡ଼ିଶାରେ ଚାଷ କହିଲେ ଆଖି ଆଗରେ ଆଗେ ନାଚିଯାଏ ବିସ୍ତୃତ ଧାନକ୍ଷେତ। ଦେଶର ବଣ୍ଟନ ବ୍ୟବସ୍ଥାକୁ ଚାଉଳ ଯୋଗାଇବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା ଓଡ଼ିଶା। ଚାଷର ପ୍ରଥମ ଆବଶ୍ୟକତା ହେଉଛି ଜଳ। ସେତେବେଳେ



**ପ୍ରଫୁଲ୍ଲ କୁମାର ସାହୁ**

ଚାଷ ପାଇଁ ବଡ଼ ପ୍ରତିବନ୍ଧକ ହୋଇ ଠିଆ ହୋଇଥିଲା ଅତିବୃଷ୍ଟି ଓ ଅନାବୃଷ୍ଟି ଆଦି ପ୍ରାକୃତିକ ବିପର୍ଯ୍ୟୟ ଆମ ରାଜ୍ୟରେ ବୃଷ୍ଟିପାତ ପରିମାଣ ୨୦ରୁ ୩୦ ପ୍ରତିଶତ କମିଗଲେ ସୃଷ୍ଟିହୁଏ ମରୁଡ଼ି ଆଶଙ୍କା। ମରୁଡ଼ିର ମୁକାବିଲା ପାଇଁ ଚାଷୀ ତା'ର ନିଜସ୍ୱ ଉଦ୍ୟମରେ ବଡ଼ ବଡ଼ କିଆରି କୋଣରେ ଗଡ଼ିଆ ଖୋଳୁଥିଲା ଏବଂ ଆବଶ୍ୟକ ସମୟରେ ଗଡ଼ିଆର ଜଳକୁ ଜମିରେ ମଡ଼ାଉ ଥିଲା ତେଣ୍ଡା, ଯନ୍ତ ଓ ସେଣା ଇତ୍ୟାଦି ସାହାଯ୍ୟରେ। ତଥାପି ପ୍ରକୃତିର ନିଷ୍ଠୁର ଆକ୍ରମଣରେ ଫସଲ ଉଜୁଡ଼ି ଯାଉଥିଲା ବାରମ୍ବାର। କେତେବେଳେ ବନ୍ୟା ତ କେତେବେଳେ ବାତ୍ୟା ଭାଙ୍ଗି ଦେଉଥିଲା ଚାଷୀର ମେରୁଦଣ୍ଡ। ତଥାପି ହିମ୍ମତ ହାରି ନଥିଲା ଚାଷୀ। ବନ୍ୟା ସବୁ ଚାଟିଚୁଟି ସଫା କରିଦେଲା ପରେ ବି ସେ କହୁଥିଲା- 'ଏ ପରା ଧର୍ମବଢ଼ି! ଏସନ ବାଲିଚର ମଡ଼େଇ ଦେଲେ ଆର ସନକୁ ଅଜାଡ଼ି ଦେବ ସୁନାର ଫସଲ।' ତା'ର ଏହି ବିଶ୍ୱାସବୋଧ ତଥା ଆପଣା ଶିଙ୍ଗରେ ମାଟି ତାଡ଼ି ଆଗକୁ ବଢ଼ିବାର ପ୍ରତିବଦ୍ଧତା ଯୋଗୁଁ ଟାଙ୍ଗରା ଭୂଇଁରେ ବି ଫଳୁଥିଲା ସୁନାର ଫସଲ।

ଉନ୍ନତ ଚାଷ ପାଇଁ ଆବଶ୍ୟକ ସୁସ୍ଥ ଓ ଜୀବନ୍ତ ବିହନ। ଉନ୍ନତ ଚାଷ କହିଲେ କେବଳ ଅଧିକ ଉତ୍ପାଦନ ନୁହେଁ, ବରଂ ଏଥି ସହିତ ଯୋଡ଼ି ହୋଇ ରହିଛି ଖାଦ୍ୟ ନିରାପତ୍ତା ବା ପୋଷଣଯୁକ୍ତ ଖାଦ୍ୟ ଦ୍ୱାରା ସୁସ୍ଥ ଜୀବନଧାରଣ। ତେଣୁ ଖାଦ୍ୟ ନିରାପତ୍ତାକୁ ଅଗ୍ରାଧିକାର ଦେଇ ଚାଷୀ ସୃଷ୍ଟି କରିଥିଲା ଦେଶୀ ବିହନର ଭଣ୍ଡାର। ତାକୁ ଜଣା ଥିଲା ବିହନ ସଂରକ୍ଷଣ ପ୍ରଣାଳୀ। ପ୍ରତ୍ୟେକ ଚାଷୀଘରେ ଛିଦ୍ର ଥିବା ଛଣ କୁଟା ନିର୍ମିତ ଓଳିଆରେ ଚମ୍ପା, ମାଛକଣ୍ଟା, ଭୁତିଆ, କେଳି କଦମ୍ବ ଆଦି ବିଭିନ୍ନ କିସମର ବିହନ ସାଇତା ହୋଇ ରହୁଥିଲା ଏବଂ କୀଟନାଶକ ବ୍ୟବସ୍ଥା ସ୍ୱରୂପ ସେଥିରେ ମିଶା ଯାଉଥିଲା ନିମପତ୍ର, ବେଗୁନିଆ ପତ୍ର, ଶୁଖିଲା ଲଙ୍କା ଓ ହଳଦୀ ଇତ୍ୟାଦି। ଆମ ଗ୍ରୀଷ୍ମ ମଣ୍ଡଳୀୟ ଉଷ୍ଣ ଓ ଆର୍ଦ୍ର ଜଳବାୟୁରେ ଧାନ ଗଜା ହେବା ପାଇଁ ମାଟି ଯେତିକି ଉତ୍ତାପ ଆବଶ୍ୟକ କରେ, ତାକୁ ଆକଳନ କରି ଅକ୍ଷୟ ତୃତୀୟାଠାରୁ ସାବିତ୍ରୀ ଅମାବାସ୍ୟା ମଧ୍ୟରେ ଏବଂ କିସମ ଆଧାରରେ ଚାଷୀ ବୁଣୁଥିଲା ଭିନ୍ନ ଭିନ୍ନ ପ୍ରକାରର ବିହନ। ତା'ର ବିହନ ଭଣ୍ଡାରରେ ଅନେକ ପ୍ରକାରର ବିହନ ମହଜୁଦ ରହୁଥିଲା, ଯା'ର ନଅ ଶହ ପ୍ରକାରର ନମୁନା ଏବେ ସଂଗୃହୀତ ହୋଇ ରହିଛି ରାଜ୍ୟ ବିହନ ଗବେଷଣା କେନ୍ଦ୍ରରେ। ଏସବୁ ବିହନ ଥିଲା ରୋଗ ପୋକ ସହନଶୀଳ ଏବଂ ଅସୀମ ତା'ର ଜଳବାୟୁ ମୁକାବିଲା ଶକ୍ତି। ଆମ କୃଷି ସଂସ୍କୃତିର ପ୍ରତୀକ ହେଉଛି ଲଙ୍ଗଳ। ଚାଷୀ ସେତେବେଳେ ଲଙ୍ଗଳ ସାହାଯ୍ୟରେ ଜମି କର୍ଷଣ କରୁଥିଲା ଏବଂ ମାଟିର କିସମ ଓ ଆର୍ଦ୍ରତା ଆଦିକୁ ଦୃଷ୍ଟିରେ ରଖି ବ୍ୟବହାର କରୁଥିଲା ଆଙ୍ଗୁଳିଆ, ଅଧଆଙ୍ଗୁଳିଆ ଓ କଡ଼ାଣିଆ ଆଦି ବିଭିନ୍ନ ପ୍ରକାର ଲଙ୍ଗଳ। ତେଣୁ ଗୋପାଳନ ଥିଲା କୃଷି ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ। ଗାଁରେ ପ୍ରାୟ ସମସ୍ତେ ଗୋପାଳନ କରୁଥିଲେ, ଯାହା ଥିଲା ପରିବେଶ ସୁରକ୍ଷା ଓ କୃଷି ସମୃଦ୍ଧିର ଆଧାର। ଗୋବର ଓ ଗୋମୂତ୍ର ଯେମିତି କୀଟାଣୁ ନାଶକ ଓ ଜଳବାୟୁ ବିଶୋଧକ, ଗୋ-ରବ ସେମିତି ଶାନ୍ତି ଓ ଆନନ୍ଦଦାୟକ। ଗୋ-ଘୃତ ବାୟୁମଣ୍ଡଳକୁ ବିଶୁଦ୍ଧ କରିବା ସହିତ ମେଘ ଦେହରେ ସଞ୍ଚାର କରେ ଜଳ। କୃଷି କ୍ଷେତ୍ରରେ ହଳ କରିବା, ଶଗଡ଼ ଟାଣିବା, ବେଙ୍ଗଳା ପକାଇବା ଆଦି ଯାବତୀୟ କାର୍ଯ୍ୟ କରୁଥିଲା ବଳଦ। ସେଥିପାଇଁ କୃଷକ ଓ ବଳଦ ମଧ୍ୟରେ ଗଢ଼ି ଉଠିଥିଲା ଏକ ଆବେଗିକ ସମ୍ପର୍କ। ଷାଠିଏ ଦଶକ ପର୍ଯ୍ୟନ୍ତ ଗୋବର ଖତ ଓ ଗୋମୂତ୍ର ବ୍ୟତୀତ ଚାଷୀ ଜାଣି ନଥିଲା ରାସାୟନିକ ସାର ଓ ପୋକମରା ଔଷଧର ବ୍ୟବହାର। ସେତେବେଳେ ଧାନ ବିଲରେ ଭର୍ତ୍ତି ହୋଇ ଯାଉଥିଲା ସୁଆଁ ଘାସ। ବେଉଷଣ ପରେ ସେସବୁ ପଚୁଥିଲା ମାଟି ଭିତରେ। ସେଥିରୁ ମିଳୁଥିଲା ଯବକ୍ଷାରଜାନ। ଜମିରେ ପୋକ ଲାଗିଲେ ପୋକକୁ ଖାଇ ଯାଉଥିଲେ ବିଭିନ୍ନ ପ୍ରଜାତିର ପକ୍ଷୀ, ଯାହାକୁ କୁହାଯାଏ ପାରିବେଶିକ ସନ୍ତୁଳନ ବା ଇକୋଲୋଜିକାଲ ବାଲାନ୍ସ। ଏତଦ୍ ଭିନ୍ନ କୀଟନାଶକ ଭାବରେ ଜମିରେ ଗୋ-ମୂତ୍ର ପ୍ରୟୋଗ ହେଉଥିଲା, ଯାହାକୁ କୁହାଯାଏ ଚାଷ ପାଇଁ ବରଦାନ। ଖତସାର ଓ ଗୋ-ମୂତ୍ର ପ୍ରୟୋଗ କରି ଚାଷୀ ପ୍ରଚୁର ଅମଳ କରୁଥିଲା ଏବଂ ଜୈବିକ ପଦ୍ଧତିରେ ଉତ୍ପାଦିତ ଖାଦ୍ୟଶସ୍ୟ ଓ ପନିପରିବା ଖାଇ ବଞ୍ଚୁଥିଲା ସୁସ୍ଥ, ସବଳ ଓ ନିରାମୟ ଜୀବନ।

ଚାଷର ବିବିଧତା ଥିଲା ଆମ କୃଷି ସଂସ୍କୃତିର ବିଶେଷତ୍ୱ। ପାହାଡ଼ିଆ ଅଞ୍ଚଳରେ ସୁଆଁ, କାଙ୍ଗୁ, ଜହ୍ନା, ମାଣ୍ଡିଆ ଆଦି ବିଭିନ୍ନ ପ୍ରକାର ପୁଷ୍ଟିଶସ୍ୟ ସାଙ୍ଗକୁ ପ୍ରଚୁର କାନ୍ଦୁଲ ଚାଷ ହେଉଥିଲା ଏବଂ ମାଣ୍ଡିଆ ଥିଲା ସେ ଅଞ୍ଚଳର ମୁଖ୍ୟ ଖାଦ୍ୟ। କେବଳ ବିସ୍ତୃତ ଧାନ କ୍ଷେତର ସବୁଜିମା ନୁହେଁ, ତୈଳବୀଜ ଓ ଡାଲି ଜାତୀୟ ଫସଲ ସାଙ୍ଗକୁ ପ୍ରଚୁର ପନିପରିବା ଚାଷ ହେଉଥିଲା ଉପକୂଳ ଓଡ଼ିଶାରେ। ବର୍ଷ ତମାମ୍ ବାଡ଼ି ବଗିଚାରେ ଫଳୁଥିଲା ବାଇଗଣ, ଭେଣ୍ଡି, ଜହ୍ନି, କାକୁଡ଼ି, କଲରା ଆଦି ଟୋକେଇ ଟୋକେଇ ପରିବା। ସମସ୍ତଙ୍କ ବାଡ଼ିରେ ଥିଲା କଦଳୀ, ଅମୃତଭଣ୍ଡା ଓ ସଜନା ଛୁଇଁ। ଓଡ଼ିଶାର ଜଳବାୟୁ ଆଳୁ ଓ ପିଆଜ ଚାଷ ପାଇଁ ଅନୁକୂଳ। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆଳୁ ଚାଷ ହେଉଥିଲା ଏବଂ ସବୁଠାରୁ ଅଧିକ ଚାଷ ହେଉଥିଲା ଦେଶୀ ପିଆଜ। ଶୀତଳ ଭଣ୍ଡାର ନ ଥାଇ ମଧ୍ୟ ଦେଶୀ ପିଆଜ ସାଇତା ହୋଇ ରହି ପାରୁଥିଲା ନୂଆ ପିଆଜ ଅମଳ ପର୍ଯ୍ୟନ୍ତ। କ୍ଷୀର ଖାଇବା ପାଇଁ ଘରେ ଥିଲା ଗାଈ। ଗାଁରେ



ସମସ୍ତଙ୍କ ବାଡ଼ିରେ ଗଡ଼ିଆ ପୋଖରୀ ଥିଲା ଏବଂ ସେଥିରେ ଭର୍ତ୍ତି ହୋଇଥିଲେ ମାଛ। ଏହି ମିଶ୍ରିତ ଚାଷ ଯୋଗୁଁ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ ହେବା ସହିତ ବର୍ଷସାରା କାମ ପାଉଥିଲେ କୃଷି ଶ୍ରମିକ।

କୃଷି ସଂସ୍କୃତି ସହିତ ଓତଃପ୍ରୋତ ଭାବରେ ଯୋଡ଼ି ହୋଇ ରହିଥିଲା କୁଟୀର ଶିଳ୍ପ। ଲଙ୍ଗଳ ତିଆରି ଓ ମରାମତି ପାଇଁ ପ୍ରତ୍ୟେକ ଗାଁରେ ଥିଲା ବଢ଼େଇଶାଳ। ଲଙ୍ଗଳରେ ଲାଗୁଥିବା ଫାଳ ହେଉ କି ଦାଆ, କୋଡ଼ି, କୋଦାଳ ଓ ଶାବଳ ଆଦି କୃଷି ଉପକରଣ ହେଉ, ଏସବୁର ତିଆରି ଓ ଶାଣଦିଆ କାମ ପାଇଁ ସବୁ ଗାଁରେ ଥିଲା କମାରଶାଳ। ଅର୍ଥାତ୍ ପ୍ରତ୍ୟେକ ଗାଁରେ ଅନ୍ୟୁନ ଜଣେ ଜଣେ କମାର ଓ ମହାରଣା ଥିଲେ, ଯେଉଁମାନଙ୍କ ହାତକୁ ବର୍ଷସାରା କାମ ଯୋଗାଉ ଥିଲା ଲଙ୍ଗଳ ଓ ଆନୁଷଙ୍ଗିକ କୃଷି ଉପକରଣ। ଓଡ଼ିଶାରେ ଗ୍ରାମ ସଂଖ୍ୟା ପାଖାପାଖି ପଚାଶ ହଜାର। ଏହି ହିସାବରେ ଏକ ଲକ୍ଷ ପରିବାର ପାଇଁ ଜୀବନ ଜୀବିକାର ଆଧାର ଥିଲା କୃଷିଭିତ୍ତିକ କୁଟୀର ଶିଳ୍ପ। ସାଧାରଣତଃ କାରିଗରଙ୍କ ଦକ୍ଷତାର ଆଧାର ହେଉଛି ସେମାନଙ୍କ ଅଭିଜ୍ଞତା। କହିବାର ତାତ୍ପର୍ଯ୍ୟ, ହାତ ଗୋଡ଼ ଚଳୁଥିବା ପର୍ଯ୍ୟନ୍ତ ଭଲ ଉପାର୍ଜନ କରି ପାରୁଥିଲେ ବୟସ୍କ ବଢ଼େଇ ଓ କମାରମାନେ।


ଗାନ୍ଧିଜୀଙ୍କ 'କୁଟି ଖାଅ ଓ କାଟି ପିନ୍ଧ' ନୀତିର ଯଥାର୍ଥତା ପ୍ରତିପାଦନ କରିଥିଲା ଚାଷୀ ଘରର ଢିଙ୍କି ଓ ପେଷା। ଏସବୁ ଥିଲା ଖାଦ୍ୟଶସ୍ୟକୁ ଆହାର ଉପଯୋଗୀ କରିବା ନିମନ୍ତେ ଆମ ପୂର୍ବ ପିଢ଼ିଙ୍କ ଦ୍ୱାରା ଉଦ୍ଭାବନ କରାଯାଇଥିବା ଦେଶୀୟ ପ୍ରଣାଳୀ। ଆଗେ ଗାଆଁ ଗହଳିରେ ପ୍ରତ୍ୟେକ ଘରେ ରହୁଥିଲା ଢିଙ୍କି। ଧାନକଳ ନ ଥିବାରୁ ସମସ୍ତେ ଖାଉଥିଲେ ଢିଙ୍କିକୁଟା ଚାଉଳର ଭାତ। ଚୂଡ଼ା ମଧ୍ୟ ଢିଙ୍କିରେ କୁଟା ଯାଉଥିଲା, ଯେଉଁ ଢିଙ୍କିର ଗଠନ ପ୍ରଣାଳୀ ଟିକିଏ ଭିନ୍ନ। ଢିଙ୍କିକୁଟା ଚାଉଳ ଓ ଚୂଡ଼ାରେ ଅକ୍ଷୁଣ୍ଣ ରହୁଥିଲା ଖାଦ୍ୟର ପୋଷକ ତତ୍ତ୍ୱ ଏବଂ ତା'ର ସ୍ୱାଦ ଥିଲା ଅଲଗା। ଜାଇ ଭାଙ୍ଗିବା ଓ ଚୁନା କୁଟିବା କାମରେ ଲାଗୁଥିଲା ଉଭୟ ଢିଙ୍କି ଓ ପେଷା। ଆଦିବାସୀ ଇଲାକାରେ ଧାନ ବ୍ୟତୀତ ସୁଆଁ, କାଙ୍ଗୁ ଓ ଜହ୍ନା ଇତ୍ୟାଦି କୁଟିବା ପାଇଁ ଢିଙ୍କି ଥିଲା ଅପରିହାର୍ଯ୍ୟ। ଆର୍ଥିକ ସଂକଟ ଦେଇ ଗତି କରୁଥିବା ଅନେକ ମହିଳାଙ୍କୁ ଢିଙ୍କି ଦେଇଥିଲା ବଞ୍ଚିବାର ରାହା। ସେମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ମନରେ ଭରି ଦେଇଥିଲା ପ୍ରଗାଢ଼ ଆତ୍ମବିଶ୍ୱାସ। ଏହି ମର୍ମରେ ଢଗଟିଏ ଥିଲା- 'କୁଣ୍ଡା ବିକି ଟଙ୍କାଟେ, ଆଉ ଉଣେଇଶ ଟଙ୍କା ହେଲେ ନୋଥଟେ।' ଅର୍ଥାତ୍ ଧାନ କୁଟି ପରିବାର ପ୍ରତିପୋଷଣ କରୁଥିବା ମହିଳାଟି ବି ଦେଖୁଥିଲା କୁଣ୍ଡା ବିକ୍ରିକରି ସୁନା କିଣିବାର ସ୍ୱପ୍ନ। ବସ୍ତୁତଃ, ଏହା ଥିଲା ଗ୍ରାମ୍ୟ ଅର୍ଥନୀତି ଓ ଆତ୍ମନିର୍ଭରଶୀଳତାର ନିଚ୍ଛକ ଛବି। ଚାଷୀଘରେ ଦୈନନ୍ଦିନ କାମରେ ବ୍ୟବହୃତ ହେଉଥିଲା ବାଉଁଶ ତିଆରି କୁଲା ପାଛିଆ ଓ ଟୋକେଇ। ଏସବୁ ମୁଖ୍ୟତଃ ସ୍ତ୍ରୀଲୋକଙ୍କ ଦ୍ୱାରା ତିଆରି ହେଉଥିଲା ଏବଂ ଏହା ଥିଲା ସେମାନଙ୍କ ପାଇଁ ଉପାର୍ଜନର ପନ୍ଥା। ବର୍ଷାଋତୁ ଆସିଲେ ଚାଷୀ ଖୋଜୁଥିଲା ତଲାରି ବା ପଖିଆ। ଶୁଖିଲା ବରଡ଼ା ପତ୍ରରୁ ତିଆରି ହୁଏ ତଲାରି। ଝଡ଼ି ବର୍ଷାରୁ ରକ୍ଷା ପାଇବା ପାଇଁ ମୁଣ୍ଡରେ ତଲାରି ଦେଇ ବିଲର କାମ କରେ ଚାଷୀ। ସେତେବେଳେ ଗାଁ ହାଟରେ ଶଗଡ ଶଗଡ଼ ତଲାରି ବିକ୍ରି ହେଉଥିଲା ଏବଂ ତାକୁ ତିଆରି କରି ଜୀବିକା ନିର୍ବାହ କରୁଥିଲେ ଅନେକ ପରିବାର। ଗାଁରେ ବସବାସ କରୁଥିଲେ ଏମିତି ବିଭିନ୍ନ କୌଳିକ ବୃତ୍ତିଧାରୀ କର୍ମଠ ମଣିଷ। ପରସ୍ପର ପ୍ରତି ସ୍ନେହ, ପ୍ରୀତି ଓ ଅନୁରାଗରେ ବନ୍ଧା ହୋଇ ସେମାନେ ଜୀବନଯାପନ କରୁଥିଲେ, ଯେଉଁ ବନ୍ଧୁତ୍ୱପୂର୍ଣ୍ଣ ସହାବସ୍ଥାନ ଯୋଗୁଁ ଖୁବ୍ ଆନନ୍ଦଦାୟକ ଥିଲା ଗ୍ରାମ୍ୟ ଜୀବନ।

**ଅବସରପ୍ରାପ୍ତ ଅଧକ୍ଷ**
**ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ରଥ ଉପରେ ସୁନାବେଶ ଓ ଶୟନ ଯାତ୍ରା



ପ୍ରତି ବର୍ଷ ବାହୁଡ଼ା ପର ଦିନ ଆଷାଢ଼ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ସିଂହଦ୍ୱାରଠାରେ ରଥ ଉପରେ ତିନି ଠାକୁରଙ୍କର ପ୍ରସିଦ୍ଧ ସୁନାବେଶ/ ରାଜବେଶ ବା 'ବଡ଼ ତଡ଼ଉ' ବେଶ ଅନୁଷ୍ଠିତ ହୋଇଥାଏ। ସୁନାବେଶ ସାଧାରଣତଃ ବର୍ଷରେ ପାଞ୍ଚ ଥର ଅନୁଷ୍ଠିତ ହୋଇଥାଏ। ସେଥି ମଧ୍ୟରୁ ଚାରି ଥର ଯଥାକ୍ରମେ ଦଶହରା, ପୁଷ୍ୟାଭିଷେକ ପୂର୍ଣ୍ଣିମା, ଦୋଳ ପୂର୍ଣ୍ଣିମା ଓ କାର୍ତ୍ତିକ ପୂର୍ଣ୍ଣିମା ଦିନ ସୁନାବେଶ ଶ୍ରୀମନ୍ଦିର ଭିତରେ ଅନୁଷ୍ଠିତ



**ପ୍ରସନ୍ନ କୁମାର ମିଶ୍ର**

ହେଉଥିବା ବେଳେ ଏହି ଏକାଦଶୀରେ ସିଂହଦ୍ୱାରଠାରେ ରଥ ଉପରେ ଅନୁଷ୍ଠିତ ହୋଇଥାଏ। ଫଳତଃ, ଲକ୍ଷ ଲକ୍ଷ ଭକ୍ତଙ୍କ ସମେତ ଯେଉଁମାନଙ୍କର ମନ୍ଦିର ଭିତରକୁ ପ୍ରବେଶ ଅଧିକାର ନାହିଁ, ସେମାନେ ଏହା ଦର୍ଶନ କରି ପାରନ୍ତି। ବିଭିନ୍ନ ତଥ୍ୟ ଓ ରେକର୍ଡ ଆଧାରରେ ଜଣାଯାଏ ଯେ ୧୪୬୦ ମସିହାରେ ଗଜପତି କପିଳେନ୍ଦ୍ର ଦେବ ସମଗ୍ର ଦାକ୍ଷିଣାତ୍ୟ ଜୟ କରି ୧୬ ଗୋଟି ହାତୀ ପିଠିରେ ବିପୁଳ ପରିମାଣରେ ସ୍ୱର୍ଣ୍ଣ, ରୌପ୍ୟ, ମଣି, ମୁକ୍ତା, ହୀରା, ନୀଳା ଆଦି ବହୁ ମୂଲ୍ୟବାନ ରତ୍ନ 'ଶ୍ରୀଜଗନ୍ନାଥଙ୍କୁ ରାଷ୍ଟ୍ର ଦେବତା' ଘୋଷଣା କରି ଅର୍ପଣ କରିଥିଲେ। ଶିଳାଲିପିରେ ଏହାର ଉଲ୍ଲେଖ ଅଛି।

ଏହା ଦେଖି ଗଜପତିଙ୍କ ଅନ୍ୟତମ 'ବଡ଼ ତଡ଼ଉ' ସେବକ (ରାଜାଙ୍କ ଗନ୍ତାଘରର ତତ୍ତ୍ୱାବଧାରକ) ଶ୍ରୀଛାମୁରେ ନିବେଦନ କରିଥିଲେ ମହାରାଜ, ମହାପ୍ରଭୁଙ୍କ ଶ୍ରୀମନ୍ଦିର ଭିତରେ ବର୍ଷକ ମଧ୍ୟରେ ହେଉଥିବା ସମସ୍ତ ବେଶ ସକଳ ବର୍ଗର ସାଧାରଣ ଭକ୍ତ ସବୁ ସମୟରେ ଦର୍ଶନ କରିବାର ସୁଯୋଗ ପାଉ ନାହାନ୍ତି। ଆଉ କେତେକ ଭକ୍ତଙ୍କୁ ମନ୍ଦିର ପ୍ରବେଶ ମନା। ତେଣୁ ରଥଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ସିଂହଦ୍ୱାରଠାରେ ଶୁକ୍ଳ ଏକାଦଶୀ ଦିନ ରଥ ଉପରେ ତିନି ଠାକୁରଙ୍କୁ ସୁନାବେଶରେ ସଜ୍ଜିତ କରାଗଲେ ଲକ୍ଷ ଲକ୍ଷ ଭକ୍ତ ଦର୍ଶନ କରି ଉପକୃତ ହୁଅନ୍ତେ। ଉକ୍ତ 'ବଡ଼ ତଡ଼ଉ'ଙ୍କ ଅନୁରୋଧକ୍ରମେ ପର ବର୍ଷଠାରୁ କପିଳେନ୍ଦ୍ର ଦେବ ୧୩୮ ପ୍ରକାରର ରତ୍ନଖଚିତ ସ୍ୱର୍ଣ୍ଣ ଅଳଙ୍କାର ନିର୍ମାଣ କରି ରଥ ଉପରେ ଏହି ବେଶ କରାଇ ଥିଲେ। ଏହି ସୁନାବେଶରେ ଶ୍ରୀବଳଭଦ୍ରଙ୍କୁ ୧୮ ପ୍ରକାରର, ଦେବୀ ସୁଭଦ୍ରାଙ୍କୁ ୮ ପ୍ରକାରର ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ୧୯ ପ୍ରକାରର ସ୍ୱର୍ଣ୍ଣ ଅଳଙ୍କାର ଲାଗି କରାଯାଇ ଏହି ମନୋମୁଗ୍ଧକର ବେଶ କରାଯାଇଥାଏ। ସନ୍ଧ୍ୟାରେ ଅନୁଷ୍ଠିତ ଏହି ବେଶ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ରଖାଯାଉ ଥିବାରୁ ବାହାରୁ ଆସିଥିବା ଲକ୍ଷ ଲକ୍ଷ ଭକ୍ତ ଦର୍ଶନ କରି ଥାଆନ୍ତି।


ରଥଯାତ୍ରା ସମାପ୍ତିରେ ଏକାଦଶୀ ତିଥିରେ ତିନି ଠାକୁର ସିଂହଦ୍ୱାରଠାରେ ରଥ ଉପରେ ସୁନାବେଶରେ ବିରାଜମାନ କରିଥିବା ସମୟରେ ଶ୍ରୀହରି ଶୟନ ଯାତ୍ରା ହୁଏ। ଏହି ଦିନ ଶ୍ରୀମନ୍ଦିର ଭଣ୍ଡାର ଘରେ ଥିବା 'ବିଜେ ଶୟନ ଠାକୁର ତିନି ମୂର୍ତ୍ତିଙ୍କୁ ତିନି ଜଣ ପୂଜାପଣ୍ଡା ରୂପା ଥାଳିରେ ବିଜେ କରାଇ ରଥ ଉପରକୁ ଆଣି ଥାଆନ୍ତି। ଏହି ତିନି ପ୍ରତିମା ହେଲେ ବଳଭଦ୍ରଙ୍କ ବାଡ଼ର 'ବାସୁଦେବ', ସୁଭଦ୍ରାଙ୍କ ବାଡ଼ର 'ଭୁବନେଶ୍ୱରୀ' ଏବଂ ଜଗନ୍ନାଥଙ୍କ ବାଡ଼ର 'ଶ୍ରୀନାରାୟଣ'। ପୂଜାପଣ୍ଡାମାନେ ଶୟନ ଠାକୁରମାନଙ୍କୁ ରଥ ଉପରେ ତିନି ଠାକୁରଙ୍କର ଅଙ୍ଗଲାଗି କଲା ପରେ ପୁଣି ଥରେ ବଡ଼ସିଂହାର ବେଶ ଓ ବଡ଼ସିଂହାର ଭୋଗ ହୁଏ। ଏହି ସ୍ୱତନ୍ତ୍ର ଭୋଗକୁ 'ବଲ୍ଲଭ ବଡ଼ସିଂହାର ଭୋଗ' କୁହାଯାଏ। ଭୋଗ ବଢ଼ିଲେ କର୍ପୂର ଆଳତି ହୋଇ ଶୟନ ପ୍ରତିମାମାନ ପୂଜାପଣ୍ଡାଙ୍କ ହାତରେ ବିଜେ ହୁଅନ୍ତି ଓ ରଥରୁ ଓହ୍ଲାଇ ସାତ ପାହାଚ, ନାଟ ମଣ୍ଡପ ଦେଇ ଜଗମୋହନରେ ଥିବା ଭଣ୍ଡାର ଘର ନିକଟରେ ଥିବା ଖଟଶେଜ ଘରକୁ ଯାଆନ୍ତି। ସେଠାରେ ପୂର୍ବରୁ କୋଠ ସୁଆଁସିଆ ସେବକ ଯୋଗାଇ ଦେଇଥିବା ତିନି ଗୋଟି କ୍ଷୁଦ୍ର କାଠବାକ୍ସ (ପେଢ଼ି)ରେ ଦରଜି ସେବକ ଦେଇଥିବା ଶେଜ ଓ ମାଣ୍ଡି ପକାଇ ତିନି ଶୟନ ଠାକୁରଙ୍କୁ ଶୁଆଇ ଦିଆଯାଏ। ଏହା ପରେ ପ୍ରସାଦ ଲାଗି, ପୁଷ୍ପାଞ୍ଜଳି, କର୍ପୂର ଆଳତି, ସାତକାହାଳୀ, ସଞ୍ଜବତୀ ଓ ଦୁର୍ବାକ୍ଷତ ବନ୍ଦାପନା କରାଯାଏ। ପେଟି ବନ୍ଦ କରି କପଡ଼ା ଗୁଡ଼ାଯାଇ ସେଠାରେ ରଖାଯିବା ପରେ ସଭିଏଁ ବାହାରି ଗଲେ ତଡ଼ଉକରଣ ସେବକ ଖଟଶେଜ ଘରର ଦ୍ୱାରକୁ 'ମଦନମୋହନଙ୍କ ମୁଦରେ ମୁଦ ଦେଇ ବନ୍ଦ କରି ଦିଅନ୍ତି।'

ଶୟନ ଯାତ୍ରାର ଦୁଇ ମାସ ପରେ ପାର୍ଶ୍ୱ ପରିବର୍ତ୍ତନ (ବଡ଼) ଏକାଦଶୀ ଦିନ ଏହି ନୀତିରେ ଶୟନ ପେଢ଼ିକୁ ଖୋଲାଯାଏ। ହାତୁଆଣୀ (ପୂଜାପଣ୍ଡା ଓ ଅନ୍ୟ ସେବକ ହାତ ଧୋଇବା ପାଇଁ ଯୋଗାଇ ଦିଆ ଯାଉଥିବା ଜଳ) ନେଇ ମୁଦିରସ୍ତ ତିନି ଆଞ୍ଜୁଳି ଦେବା ପରେ ତିନି ପ୍ରତିମାଙ୍କ କଡ଼ ଲେଉଟାଇ ଦିଆଯାଏ। ଏହାପରେ ବନ୍ଦାପନା କରାଯାଇ ପେଢ଼ି ବନ୍ଦ କରାଯାଏ ଓ ଦୁଆର ମୁଦ ଦିଆଯାଏ। ଏହାର ଦୁଇ ମାସ ପରେ କାର୍ତ୍ତିକ ଶୁକ୍ଳ ଏକାଦଶୀ ଦିନ ମହାପ୍ରଭୁଙ୍କର ଉତ୍‌ଥାପନ ନୀତିରେ ଖଟଶେଯ ଘର ଉପରକୁ ଯାଇ ସେବକମାନେ ପୂର୍ବ ପରି ତଡ଼ଉ କରଣଙ୍କ ଉପସ୍ଥିତିରେ ଶୟନ ପେଢ଼ି ମୁଦ ଭାଙ୍ଗି ତିନି ବାକ୍ସ ଖୋଲନ୍ତି। ଠାକୁରମାନଙ୍କୁ ପୁଷ୍ପାଞ୍ଜଳି, କର୍ପୂର ଆଳତି ଓ ବନ୍ଦାପନା ପରେ ତିନି ଗୋଟି ରୂପା ଥାଳିରେ ତିନି ଶୟନ ପ୍ରତିମାଙ୍କୁ ବିଜେ କରିବା ପରେ ମହାସ୍ନାନ କରାଯାଇ ଖଟଶେଜ ଘରକୁ ପୁନଃ ମୁଦ ଦେଇ ବନ୍ଦ କରି ଦିଆଯାଏ। ଏଥି ସହିତ ମହାପ୍ରଭୁଙ୍କ ଶୟନ ଯାତ୍ରା ସମାପନ ହୋଇଥାଏ। ଶ୍ରୀଜଗନ୍ନାଥଙ୍କ ଶୟନ ଯାତ୍ରା ଏକ ସ୍ୱତନ୍ତ୍ର ଯାତ୍ରା।

**ପୁରୀ, ମୋ: ୮୦୧୮୭୫୩୩୫**

# ମାନସିକତା

ଭଲ ମନ୍ଦ ଆପେକ୍ଷିକ ଶବ୍ଦ ହେଲେ ହେଁ ଭଲ ସବୁବେଳେ ଭଲ। ଆଉ ମନ୍ଦ ହିଁ ମନ୍ଦ। ସମୟ ସୁଅରେ ମନ୍ଦ ଭଲକୁ ପରିବର୍ତ୍ତିତ ହେବା ବହୁତ ଭଲ। ଅନ୍ୟ ପକ୍ଷେ ଭଲ ବିଗିଡ଼ି ଯାଇ ମନ୍ଦ ବନିବା ଦୁର୍ଭାଗ୍ୟଜନକ। ସାଧାରଣତଃ ଛୋଟପିଲାଙ୍କର ଭଲ ମନ୍ଦ ବାରିବାର ଶକ୍ତି ନଥାଏ। ତେଣୁ ବିପଦ ନିରାପଦ କ'ଣ ନ ଜାଣି ନିଆଁକୁ ହାତ ବଢ଼ାଇ ଦେଇ ପାରନ୍ତି। ସେମିତି ହାତପାଆନ୍ତା ପିମ୍ପୁଡ଼ିକୁ ଧରିବା ପାଇଁ ହାତ ବଢ଼ାଇଥାନ୍ତି। ପିମ୍ପୁଡ଼ିକୁ ଧରିଲେ ଯେ ସେ କାମୁଡ଼ି ଦେବ, ଏ ବିଚାର ପିଲାଙ୍କର ନଥାଏ ବୋଲି ତ ଧରିବାକୁ ଚାହାନ୍ତି। ଯଦି ଜାଣନ୍ତେ, ଜାଣୁଥାନ୍ତେ; ତେବେ ବିପଦ ଥିବା ଦ୍ରବ୍ୟାଦିକୁ ଧରିବାକୁ ଛୋଟ ପିଲା ଚେଷ୍ଟା କରନ୍ତେ ନାହିଁ। ପିଲାଙ୍କ ବୁଝିବାର ଶକ୍ତି ଆସିଲେ ସେମାନେ ବଳେ ଭଲ ମନ୍ଦ ଜାଣି ପାରନ୍ତି, ବାରି ପାରନ୍ତି। ଆଉ ଭଲକୁ ଗ୍ରହଣ କରନ୍ତି। ମନ୍ଦଠୁ ଦୂରେଇ ରହନ୍ତି। ଏ ଦିଗରେ ପିଲାଙ୍କୁ ସତତଃ ସଚେତନ କରାଇଥାନ୍ତି ପିଲାଙ୍କ ବାପାମାଆ, ଶିକ୍ଷକ ଆଉ



**ଧ୍ରୁବ ଚରଣ ଘିବେଲା**

ହିତାକାଂକ୍ଷୀ ଗୁରୁଜନ। ପିଲାବେଳେ ପିଲାଙ୍କ ମନ ଥାଏ ସର୍ବଦା ସ୍ୱଚ୍ଛ। ପାଣି ଭଳି। ପିଲାଙ୍କ ମନ ସିଲଟ ଥାଏ ପୂରା ପରିଷ୍କାର; ମେଘମୁକ୍ତ ଆକାଶ ଭଳି ନିର୍ମଳ। ପିଲାଙ୍କ ମନ ପାପ ପଙ୍କ ଶୂନ୍ୟ। ପିଲାଙ୍କ ମନ ସିଲଟରେ ପୁଣି ପଡ଼ି ନଥାଏ ସାମାନ୍ୟ ଗାରଟେ। ପିଲା ଥାଆନ୍ତି ଅତିଶୟ ନିଷ୍କପଟ; ଅହଙ୍କାରଶୂନ୍ୟ। ମନ୍ଦ, ପାପଠୁ ଥାଆନ୍ତି ଦୂରରେ ବୋଲି ପିଲା ନିଷ୍ପାପ। ଯେଉଁ ପିଲା ପିଲାଦିନୁ ସଂସ୍କାର ଶିକ୍ଷା ଠିକ୍ ପାଇଥାନ୍ତି, ସେଇ ପିଲା ସଂସ୍କାରୀ ରହନ୍ତି ପରବର୍ତ୍ତୀ କାଳରେ ଜୀବନ ତମାମ। ଯିଏ ପାଇ ନଥାଏ ଉପଯୁକ୍ତ ସଂସ୍କାର ଶିକ୍ଷା, ସେଇ ପିଲା ପରବର୍ତ୍ତୀ ସମୟରେ ସମାଜ ପାଇଁ କଳଙ୍କ ସାବ୍ୟସ୍ତ ହେବାର ଯଥେଷ୍ଟ ସମ୍ଭାବନା ରହେ। କୁସଂସ୍କାରୀ କଥା କଥାକେ କହନ୍ତି ଅନାବନା ଅପଶବ୍ଦ, ଏପରିକି ଅଶ୍ଳୀଳ ଶବ୍ଦ। କିଏ କେଉଁଠି ଅଛନ୍ତି, ସେ ଦିଗକୁ ତାଙ୍କର ନିଘା ନଥାଏ। ବଡ଼ ଥାଆନ୍ତୁ, ସାନ ଥାଆନ୍ତୁ, ଆଜେବାଜେ କଥା ରଖନ୍ତି ଏଠି ସେଠି। କଳୁଷିତ ପରିବେଶ ପ୍ରଭାବରେ ସଙ୍ଗଦୋଷ ଅନେକଙ୍କୁ ବିପଥଗାମୀ କରାଇ ଥାଏ। ସଂସ୍କାରଶୂନ୍ୟ ବିପଥଗାମୀଙ୍କ ମାନସିକତା ଦିଗଭ୍ରଷ୍ଟ ହୋଇ ସାରିଥାଏ। ଭଲ ମାନସିକତା ତାଙ୍କଠି ରହିପାରି ନଥାଏ।

ଆଜିକାଲି ପୁଣି ଅନେକାନେକ ପୋଷଣ କରନ୍ତି/ ରଖନ୍ତି ଅତିଶୟ ସୁବିଧାବାଦୀ ମାନସିକତା। ସୁବିଧା ଯହିଁ, ସେମାନେ ତହିଁ। ସୁବିଧା ନାହିଁ ତ ସେମାନେ ସେଇଠି ରଖି ନଥାନ୍ତି ତାଙ୍କ ଉପସ୍ଥିତି। ଶୁଭ ଲାଭରେ ଅହରହ ମନ ରଖନ୍ତି। ଶୁଭ ଲାଭ ସୁବିଧା ଥିଲେ ସୁବିଧାବାଦୀ ସେଠି ଥାଆନ୍ତି। ନଥିଲେ ଦୂରେଇ ରହନ୍ତି। ଭଲ କାମରେ ଜମା ନଥାନ୍ତି ସୁବିଧାବାଦୀ। ଲାଭ ଲୋଭରେ ତାଙ୍କର ଥାଏ ଲାଳସା। କ୍ଷତିକୁ ତାଙ୍କର ନାପସନ୍ଦ। ଲାଭକୁ ସବୁବେଳେ ପସନ୍ଦ। ଲାଭ ଯଦି ଅଛି, କାମରେ ବାଛ ବିଚାର ରଖି ନଥାନ୍ତି ଲାଭପ୍ରିୟ ସୁବିଧାବାଦୀ। ହାତରେ ଧରି ପାରନ୍ତି ବନ୍ଧୁକ। ନେଇ ପାରନ୍ତି ଅନ୍ୟର ଜୀବନ ପ୍ରାଣ। ଆତଙ୍କବାଦୀ ବା ଟେରରିଷ୍ଟ କ'ଣ କି? କ'ଣ ତାଙ୍କର କାମ? ଆତଙ୍କବାଦୀ କେବେ ନଥାନ୍ତି ଭଲ କାମରେ। ସ୍ୱାର୍ଥ, ଅର୍ଥ ପାଇଁ ଏମାନେ ଖେଳନ୍ତି ଅଦିନରେ ହୋଲି। ରକ୍ତ ରଙ୍ଗରେ ଅଦିନିଆ ହୋଲି ଖେଳି ପାରନ୍ତି କେବଳ ଆତଙ୍କବାଦୀ। କି ଭ୍ରଷ୍ଟ ମାନସିକତା! କାଶ୍ମୀରକୁ ବୁଲିବାକୁ ଯାଇଥିବା ଅନେକ ପର୍ଯ୍ୟଟକ ଆତଙ୍କୀଙ୍କ ଗୁଳି ଖାଇ ଦୁଃଖଦ ମୃତ୍ୟୁର ଶିକାର ହୋଇଛନ୍ତି ଗତ ଏଇ ଏପ୍ରିଲ ୨୨ ତାରିଖ ଦିନ। ଆତଙ୍କବାଦ ସବଳ ମାନସିକତାକୁ କେବେ ପରିପୁଷ୍ଟ କରି ନଥାଏ। ବରଂ ଏହା ଏକ ଦୁର୍ବଳ ରୁଗ୍‌ଣ ମାନସିକତା। ଲୁଚିଛପି ହଠାତ୍ ଆସି ନିରୀହଙ୍କ ଉପରେ ଗୁଳି ଚାଳନା କରିବା କୌଣସି ସୁସ୍ଥ ମାନସିକତାର ଯଥାର୍ଥ ପ୍ରତିଫଳନ ହୋଇ ନପାରେ। ଏହା ପଛରେ ଥାଏ ବିକୃତ ବିକାରଗ୍ରସ୍ତ ମନ୍ଦ କାମନା, ବାସନା। ଏହା ବର୍ବରୋଚିତ ଓ ଜଘନ୍ୟ ଅପରାଧ। ଏ ଜହ୍ଲାଦମାନଙ୍କର ବି ପିଲାଦିନ ଥିଲା। ହେଲେ ଏମାନେ କୁସଙ୍ଗ ଦୋଷରେ ପଥଭ୍ରଷ୍ଟ, ଦିଗଭ୍ରଷ୍ଟ ହୋଇ ଜହ୍ଲାଦ ପାଲଟିଛନ୍ତି। ଏମାନଙ୍କୁ ଯେତେ କଡ଼ା ଶବ୍ଦରେ ନିନ୍ଦା କଲେ ତାହା କମ୍ ହେବ।

ପୁନଶ୍ଚ, ଆଜିକାଲି ଭଲ କାମରେ ଅଣ୍ଟା ଭିଡ଼ି ଆଗଭର ହେଉଥିବା ଲୋକଙ୍କ ସଂଖ୍ୟା କମି ଆସୁଛି। ଗାଆଁ, ମାଆ, ସାମୂହିକ କାମରେ ଲୋକଙ୍କ ସମ୍ପୃକ୍ତି କମ୍ ରହୁଛି। ଭଲ କାମରେ ରହିବା ପାଇଁ ଅନେକଙ୍କ ମାନସିକତା ରହୁ ନାହିଁ ଯେମିତି। ସ୍ୱାର୍ଥୀ ମଣିଷ ବିଚାର ରଖୁନାହିଁ ଯେ ସେ ସୁନ୍ଦର ଜୀବନଟେ ପାଇଛି, ଦେବ ଦୁର୍ଲଭ ମଣିଷ ଜନ୍ମ ପାଇଛି, ଏଥିପାଇଁ ସେ ନିଜ ପିତାମାତାଙ୍କ ପ୍ରତି କୃତଜ୍ଞ, ଜଗତର ସୁନ୍ଦର ସ୍ରଷ୍ଟାଙ୍କ ପ୍ରତି



ତତୋଧିକ କୃତଜ୍ଞ ରହିବା କଥା। ଯେଉଁ ଜୀବନ ମଣିଷ ପ୍ରାପ୍ତ କରିଛି, ଆଉ ସେ ଜୀବନକୁ ନିତି ପରିପୁଷ୍ଟ କରୁଥିବା ପାଣି, ପବନ, ସର୍ବୋପରି ପ୍ରକୃତିର ଯେଉଁ ମହାର୍ଘ ଅବଦାନ ରହିଛି, ପୁଣି ବିନା ସ୍ୱାର୍ଥରେ ସେମାନେ ଜୀବର ଜୀବନକୁ ପରିପୁଷ୍ଟ କରି ଚାଲିଛନ୍ତି, ସେଥି ପ୍ରତି ବିଚାର ରଖି ମଣିଷ ନିଜକୁ ପରିଚାଳିତ କରିବା କଥା। ସେମାନେ ଯେମିତି ଦେଉଛନ୍ତି, ଦେଇ ଚାଲିଛନ୍ତି, ମଣିଷ ସେମିତି ନିଜର ସାଧ୍ୟମତେ ଅନ୍ୟକୁ ଯାହା କିଛି ଦେବା କଥା। ଦାନ ଧର୍ମରେ ରହିବା କଥା। ମଣିଷ କେବଳ ପାଇବା ପାଇଁ, ନିଜ ଭଣ୍ଡାର ଭରିବା ପାଇଁ ଭଗବାନଙ୍କୁ ଖାଲି ମାଗି ଚାଲିଛି। ପ୍ରାର୍ଥନା କରୁଛି ପୁଣି ବିକଳ ହୋଇ। ସବୁ ଥିବା ଲୋକ ଏଠି ମାଗେ, ମାଗୁଛି; ଭଗବାନଙ୍କ ପାଖେ ହାତ ପତଉଛି। ଦେଖିବାକୁ ଗଲେ, ନଥିବା ଲୋକର ଭଗବାନଙ୍କୁ ମାଗିବାର ଯଥାର୍ଥତା ବରଂ ଥାଏ। ଥିବା ଲୋକର ମାଗିବାର ଯଥାର୍ଥତା ନଥାଏ। ତଥାପି ମାଗିବା ଛାଡ଼ି ନଥାନ୍ତି ଲୋଭୀ, ସ୍ୱାର୍ଥୀ ମଣିଷ। କାହିଁ କାହାକୁ କିଛି ଦେବା ପାଇଁ ତ ମଣିଷ ଭଗବାନଙ୍କୁ ପ୍ରାର୍ଥନା କରେନି! ଆମ ଭାରତୀୟ ସଂସ୍କୃତିରେ ପୁରାଣ ଶାସ୍ତ୍ରରେ ଦେବାର ମହାନତା ନେଇ ବହୁତ କଥା କୁହାଯାଇଛି। ଦେବା କଥା ପଡ଼ିଲେ ନଈଠୁ ଶିଖିବା ଦରକାର, ଗଛଠୁ ଶିଖିବା ଦରକାର, ଗାଈଠୁ ଶିଖିବା ଦରକାର, ସର୍ବୋପରି ଆମ ପ୍ରକୃତି ଆମକୁ ଅନେକ ଶିକ୍ଷା ଦେଇଥାଏ। ସେସବୁଠୁ ଅନେକ କଥା ଶିଖି ନିଜ ଜୀବନକୁ ଏକ ପ୍ରୟୋଗଶାଳା କରାଯାଇ ପାରିଲେ, ଭଲ ଗୁଣ ସବୁକୁ ଆପଣେଇ ନିଜେ ପ୍ରୟୋଗ କଲେ, ସେଇ ଶିଖିବାର ମୂଲ୍ୟ ରହିଥାଏ। ମହାର୍ଘ ମଣିଷ ଜୀବନର ଯଥାର୍ଥତା ପ୍ରତିପାଦିତ ହୁଏ ମଧ୍ୟ। ଉଚ୍ଚାରଣଠୁ ଆଚରଣର ମହତ୍ତ୍ୱ ଗୁରୁତ୍ୱ ଅନେକ ଥାଏ। କହିବାଠୁ କରିବାରେ ଥାଏ ମହାନତା। ଏଥିପାଇଁ ସକାରାତ୍ମକ ମାନସିକତା ଦରକାର।

ଅବଶ୍ୟ ଭଲର ପଥ ସବୁବେଳେ ଥାଏ କଣ୍ଟକିତ। ଭଲ ବାଟରେ ଚାଲିବା ଏତେ ସହଜ ନଥାଏ। ଖଣ୍ଡାଧାରରେ ସବୁବେଳେ ଚାଲିବାକୁ ହୁଏ ଭଲ ବାଟରେ ଯିବାକୁ ହେଲେ। ଭଲର ବାଟ ନଥାଏ ପ୍ରଶସ୍ତ ବି। ଖୁବ୍ ଅଣଓସାରିଆ ସଂକୀର୍ଣ୍ଣ ଓ ଅନ୍ୟ ପାଖେ ଭୁଲ୍‌ର ପଥ ଥାଏ ଖୁବ ପ୍ରଶସ୍ତ। ଖୁବ୍ ଚଉଡ଼ା, ଓସାରିଆ। ଯିବା ଆସିବାରେ ବି ଅଡୁଆ ନଥାଏ। ତେଣୁ କରି ତ ସହଜରେ ଚାଲିବା ବାଟକୁ ଧରିଥାନ୍ତି ସ୍ୱାର୍ଥୀ ସୁବିଧାବାଦୀ।

ଶେଷକଥା- ଭଲ ଲୋକ ଯାହା ହେଲେ ବି ଭୁଲ୍ ବାଟରେ କେବେ ଯାଇ ନଥାନ୍ତି। ଭୁଲ୍ ଲୋକ ସେମିତି ଭଲ ବାଟରେ କେବେ ଯାଏନି। ଭୁଲ୍ ଲୋକକୁ ଭଲ ବାଟ ଗନ୍ଧାଏ; ଘୁଷୁରୀକୁ ପାଚିଲା କଦଳୀ ବିଷ ପ୍ରାୟ ଲାଗିବା ଭଳି। ଭଲ ଲୋକକୁ ଭୁଲ୍ କେବେ ଭଲ ଲାଗେନି। ଭୁଲ୍ ଲୋକ (ମାନେ ଅଠିକ ଲୋକ) ସବୁବେଳେ ଭୁଲ୍ ବାଟରେ ଯିବାକୁ ପସନ୍ଦ କରିଥାଏ। ଏବେ ରତ୍ନାକର ଆଉ ବାଲ୍ମୀକି ହେଉ ନାହାନ୍ତି। ଆଜିକାଲି ବାଲ୍ମୀକି ରୂପୀ ରତ୍ନାକରମାନଙ୍କ ହାଉଯାଉ ସବୁଠି ଅଧିକ ମନେ ହେଉଛି।

**ବଉଦରାଜ, ଜି: ବୌଦ୍ଧ**
**ମୋ: ୯୪୩୭୪୭୮୪୬୬**

**ସମ୍ପାଦକଙ୍କୁ ପତ୍ର**

# ସୋସିଆଲ ମିଡିଆରେ କ'ଣ ସମସ୍ତେ ସମୀକ୍ଷକ ?

ସଧାରଣତଃ ଗଣମାଧ୍ୟମ (ଟିଭି କିମ୍ବା ଖବରକାଗଜ)ରେ ସଂପୃକ୍ତ ପ୍ରତିନିଧି (ସମ୍ପାଦକ / ଖବରଦାତା) କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରାସଙ୍ଗିକ ଘଟଣା ଉପସ୍ଥାପନ କଲାବେଳେ ଆବଶ୍ୟକତା ମତେ ସାମଗ୍ରିକ ଭାବେ ତହିଁର ତର୍ଜମା / ସମୀକ୍ଷା ପାଇଁ ବିଜ୍ଞ, ବୁଦ୍ଧିଜୀବୀ, ସମାଜ ସୁଧାରକ, ନେତୃବୃନ୍ଦ ଏବଂ ବିଶେଷଜ୍ଞମାନଙ୍କ ମତାମତ ନେଇଥାନ୍ତି। ତାହା ପୁଣି ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଉପରେ ଆଧାରିତ ହେବା ଏବଂ ଆଲୋଚନାରେ ଅଂଶଗ୍ରହଣକାରୀ ବ୍ୟକ୍ତିବିଶେଷଙ୍କ ମତାମତ କୌଣସି ମର୍ଯ୍ୟାଦା ଉଲ୍ଲଙ୍ଘନ ନ କରିବା ଉପରେ ବିଶେଷ ଧ୍ୟାନ ଦିଆଯାଏ। କୌଣସି ସମ୍ବେଦନଶୀଳ ଘଟଣାର ପ୍ରସଙ୍ଗ ଗଣମାଧ୍ୟମରେ ଚର୍ଚ୍ଚିତ ହେବାର ମୁଖ୍ୟ କାରଣ ହେଲା- ତହିଁର ଏକ ଜନକଲ୍ୟାଣକାରୀ ନିଷ୍କର୍ଷ ପ୍ରତିପାଦନ କରିବା, କୌଣସି ଅସମାହିତ ବିବାଦୀୟ ଘଟଣାକୁ ସମୁଚିତ ମାର୍ଗଦର୍ଶନ ଦେଇ ସମାଧାନର ପନ୍ଥା ନିର୍ଣ୍ଣୟ କରିବା। ଏଭଳି ସମୀକ୍ଷା ସମାଜ, ପ୍ରଶାସନ ତଥା ନ୍ୟାୟପାଳିକା ଉପରେ ସକାରାତ୍ମକ ପ୍ରଭାବ ପକାଇବ ବୋଲି ବିଶ୍ୱାସ କରାଯାଏ। କିନ୍ତୁ ସାଂପ୍ରତିକ ସମୟରେ କୌଣସି ଘଟଣା/ ଦୁର୍ଘଟଣା ଘଟିଲେ ସର୍ବପ୍ରଥମେ ତାହା ସୋସିଆଲ ମିଡିଆରେ ଅତିରଞ୍ଜିତ ହୋଇ ବହୁ ମାତ୍ରାରେ ଏଭଳି ପ୍ରଚାରିତ / ପ୍ରସାରିତ ହୋଇ ଯାଉଛି, ଯେଉଁଥିରେ ସଂପୃକ୍ତ ବ୍ୟକ୍ତିବିଶେଷ, ଅନୁଷ୍ଠାନ, ପ୍ରଶାସନ, ଏପରିକି ସାଧାରଣ ଜନତା ଅତିଷ୍ଠ ହୋଇ ପଡୁଛନ୍ତି। ଅନେକ ଅଜ୍ଞାନୀ, ମୂଢ଼ମତି, ବିକାରଗ୍ରସ୍ତ ସୋସିଆଲ ମିଡିଆ ବ୍ୟବହାରକାରୀ ସଂପୃକ୍ତ ଘଟଣା ପ୍ରସଙ୍ଗରେ ଅଜ୍ଞାତ ଥାଇ ମଧ୍ୟ ଅବାଞ୍ଛିତ ମନ୍ତବ୍ୟ ଦେବାକୁ ଅଧିକ ପସନ୍ଦ କରୁଛନ୍ତି। ସାମାନ୍ୟ ସୌଜନ୍ୟତାବିହୀନ କୁତ୍ସିତ ମନ୍ତବ୍ୟ ବେଳେ ବେଳେ ଘଟଣାକ୍ରମକୁ ଜଟିଳ କରୁଛି ତ ପୁଣି ପ୍ରସଙ୍ଗକୁ ଭିନ୍ନ ମୋଡ଼ ଦେଇ ଅଧିକ ପ୍ରତିକ୍ରିୟା ପ୍ରବଣ କରି ପକାଉଛି। ଏହା ସୁସ୍ଥ ମାନସିକତାର ପରିଚାୟକ ନୁହେଁ, କିମ୍ବା ସମାଜ ପାଇଁ ମଧ୍ୟ ଶୁଭଙ୍କର ଲକ୍ଷଣ ନୁହେଁ ଜାଣି ମଧ୍ୟ ଏଥିରୁ କେହି କେହି ସାମୟିକ ଆନନ୍ଦ ଉତ୍ତେଜନା ଆହରଣ କରୁଛନ୍ତି ତ କେହି ରାଜନୈତିକ ଫାଇଦା ହାସଲ ପାଇଁ ଉଦ୍ୟମ ଜାରି ରଖୁଛନ୍ତି। ସୋସିଆଲ ମିଡିଆ ବ୍ୟବହାରକାରୀ ସଂପୃକ୍ତ ବ୍ୟକ୍ତିବିଶେଷ ଜାଣି ରଖିବା ଉଚିତ ଯେ ସମାଜରେ ଘଟୁଥିବା ସବୁ ଘଟଣା ଅଥବା ଦୁର୍ଘଟଣାର ସମସ୍ତେ କ'ଣ ଯଥାର୍ଥ ସମୀକ୍ଷକ ହୋଇ ପାରିବେ? ସୋସିଆଲ ମିଡିଆରେ ଯେ କୌଣସି ପ୍ରସଙ୍ଗରେ ଅବାଞ୍ଛିତ, ଅଶ୍ଳୀଳ, ଆସୌଜନ୍ୟମୂଳକ ମତ ଓ ମନ୍ତବ୍ୟ ଦେଉଥିବା ଅନଭିଜ୍ଞ ତଥାକଥିତ ସମୀକ୍ଷକଙ୍କୁ ଏଡ଼ାଇ ଯିବା ସର୍ବାଦୌ ବାଞ୍ଛନୀୟ।

**ଅବନୀ ଚନ୍ଦ୍ର ଦାସ**
**ପ୍ରଶାନ୍ତି ବିହାର, ଭୁବନେଶ୍ୱର**

**ଲେଖା ପଠାଇବାର ଠିକଣା,** ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ମହରମ୍ ପାଇଁ ଶାନ୍ତି କମିଟି ବୈଠକ



**ଝାରସୁଗୁଡ଼ା,୫।୭/ଏନ୍‌ଏନ୍‌ଏସ୍:** ମହରମ୍ ଶାନ୍ତି ଶୃଙ୍ଖଳାର ସହିତ ପାଳନ ନିମନ୍ତେ ଏକ ଶାନ୍ତି କମିଟି ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ ଓ ଆରକ୍ଷୀ ଅଧୀକ୍ଷକ ସ୍ମିତ ପି ପରମାର୍ ମହରମ୍ ଶାନ୍ତି ଶୃଙ୍ଖଳା ତଥା ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ପାଳନ ପାଇଁ କମିଟିର ସହଯୋଗ କାମନା କରିଥିଲେ। ନିର୍ଦ୍ଧାରିତ ସମୟ ଓ ରାସ୍ତାରେ ଶୋଭାଯାତ୍ରା ଆୟୋଜନ ପାଇଁ ସମ୍ପୃକ୍ତ କମିଟିଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ଶୋଭାଯାତ୍ରାରେ କୌଣସି ପ୍ରକାରର ଅସ୍ତ୍ରଶସ୍ତ୍ର ପ୍ରଦର୍ଶନକୁ ବାରଣ କରାଯାଇଛି। ସ୍ଥାନୀୟ ଥାନାଧିକାରୀ ଏବଂ ଏସ୍‌ଡିପିଓଙ୍କ ସହିତ ଆଲୋଚନା ତଥା ପରାମର୍ଶକ୍ରମେ ମହରମ୍ ପାଳନ ନିମେନ୍ତ ଏସ୍‌ପିଙ୍କୁ କମିଟିଙ୍କୁ ପରାମର୍ଶ ଦେଇଥିଲେ। ମହରମ୍ ଅବ୍ୟବହିତ ପୂର୍ବରୁ ସମ୍ପୃକ୍ତ ଅଞ୍ଚଳମାନଙ୍କରେ ନାଳନର୍ଦ୍ଦମା ପରିଷ୍କାର ପରିଚ୍ଛନ୍ନ ରଖାଯିବା ଓ ରାସ୍ତା ପାର୍ଶ୍ୱସ୍ଥ ବିଜୁଳି ଆଲୋକ ବ୍ୟବସ୍ଥାକୁ ସୁ-ନିୟୋଜିତ ଢଙ୍ଗରେ ପରିଚାଳନା କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ଏହି ବୈଠକରେ ଆଇଏଏସ୍ ପ୍ରବେଶନର୍ ପ୍ରଜ୍ଞାନନ୍ଦ ଗିରି, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ସମେତ ବିଭିନ୍ନ କମିଟିର କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

# 'ଜନବିରୋଧୀ ନୀତି ବିରୁଦ୍ଧରେ ଧର୍ମଘଟ ସଫଳ କରିବାକୁ ଆହ୍ୱାନ'



**ରାଉରକେଲା,୫।୭/ଏନ୍‌ଏନ୍‌ଏସ୍:** ଦେଶର ୧୦ଟି ପ୍ରମୁଖ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ ଓ କର୍ମଚାରୀ ସଂଗଠନମାନେ ଆଗାମୀ ଜୁଲାଇ ୯ରେ ଦେଶବ୍ୟାପି ସାଧାରଣ ଧର୍ମଘଟ ତଥା ହରତାଳ ପାଇଁ ଡାକରା ଦେଇଛନ୍ତି। ଏହିକ୍ରମେ ଆଇଏନ୍‌ଟିୟୁସି, ସିଆଇଟିୟୁ, ଏଚ୍‌ଏମ୍‌ଏସ୍, ଏଆଇଟିୟୁସି, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଜିଏମ୍, ସିୟର୍ ଓ କର୍ମଚାରୀ ଫେଡେରେସନ୍‌ଙ୍କ ମିଳିତ ମଞ୍ଚଖପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସିଆଇଟିୟୁର ରାଷ୍ଟ୍ରୀୟ ଉପାଧକ୍ଷ ବିଷ୍ଣୁ ମହାନ୍ତି ଯୋଗଦେଇ ଜୁଲାଇ ୯ ତାରିଖ ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ ଦେଶର ଶ୍ରମିକ ଶ୍ରେଣୀ, କୃଷକ, କ୍ଷେତ ମଜଦୁର ଓ ଶ୍ରମଜୀବୀ ଜନଗଣ କେନ୍ଦ୍ର ସରକାରଙ୍କ ନୀତି ବିରୋଧରେ ରାଜରାସ୍ତାରେ ପ୍ରତିବାଦ କରିବେ। ବିଜେପି ନେତୃତ୍ୱାଧିନ କେନ୍ଦ୍ର ସରକାର ଭାରତର ଶ୍ରମିକ ଶ୍ରେଣୀ ସ୍ୱାଧୀନତା ପୂର୍ବରୁ ପାଉଥିବା ୮ ଘଣ୍ଟା କାମ କରିବାର ଅଧିକାର ଛଡ଼ାଇ ନେଇଛନ୍ତି। ବର୍ତ୍ତମାନ ଶ୍ରମିକମାନେ ୧୨ ଘଣ୍ଟା କାର୍ଯ୍ୟ କରିବା, ସ୍ଥାୟୀ ଚାକିରି ପରିବର୍ତ୍ତେ ଠିକା ଶ୍ରମିକ ନିଯୁକ୍ତି, ଅବାଧ ଛଟେଇ ଓ ଶ୍ରମିକଙ୍କୁ କ୍ରୀତଦାସରେ ପରିଣତ ପାଇଁ ମୋଦୀ ସରକାର ୪୪ ଶ୍ରମ ଆଇନ୍ ଉଚ୍ଛେଦ କରି ୪ ଶ୍ରମକୋଡ୍ ପ୍ରଚଳନ କରିଛନ୍ତି। ଏଥିସହ ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ଦେଶର ଅମୂଲ୍ୟ ସମ୍ପଦକୁ ସରକାରଙ୍କ ମିତ୍ରଗୋଷ୍ଠୀ ଯଥା ଅଦାନୀ ଓ ଅମ୍ବାନୀଙ୍କ ସହ ପୁଞ୍ଜିପତିମାନେ କିପରି ଅଧିକ ଲାଭ ପାଇବେ ସେ ଦିଗରେ କାମ କରୁଛନ୍ତି।

କେନ୍ଦ୍ରର ଏହି ଜନ ତଥା ଦେଶ ବିରୋଧୀ ନୀତି ବିରୋଧରେ ଦେଶର ସଚେତନ ଶ୍ରମିକ ଶ୍ରେଣୀ, କୃଷକ, ଛାତ୍ର, ଯୁବକ, ବୁଦ୍ଧିଜୀବୀ ଓ ଗଣତନ୍ତ୍ର ପ୍ରେମୀ ଜନଗଣ ଆଜି ପ୍ରତାରିତ ହେଉଛନ୍ତି। କର୍ପୋରେଟର୍ ଲାଭ ନୁହେଁ ଦେଶର ସାଧାରଣ ନାଗରିକଙ୍କ ସ୍ୱାର୍ଥରକ୍ଷା ପାଇଁ କାମ କରିବାକୁ ହେବ। ଶ୍ରମ କୋଡ୍ ବାତିଲ, ଶ୍ରମିକ ଛଟେଇ ବନ୍ଦ, ସର୍ବନିମ୍ନ ମଜୁରୀ ୨୬ ହଜାର, ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦର ନିୟନ୍ତ୍ରଣ, ନିଯୁକ୍ତିର ସୁଯୋଗ ସୃଷ୍ଟି, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ସୁରକ୍ଷା, ସ୍କିମ୍ ଶ୍ରମିକଙ୍କୁ ଶ୍ରମିକର ମାନ୍ୟତା ଓ ସାମାଜିକ ସୁରକ୍ଷା ପ୍ରଦାନ, ଚାଷୀ ଫସଲର ଏମ୍‌ଏସ୍‌ପିକୁ ଆଇନ୍‌ଗତ ସ୍ୱୀକୃତି ଆଦି ୧୭ ଦଫା ଦାବିରେ ବ୍ୟାପକ ପ୍ରଚାର ଅଭିଯାନ ପାଇଁ ଶ୍ରମିକ, କର୍ମଚାରୀ ଓ କୃଷକ ସଂଗଠନ ଜୁଲାଇ ୯ ତାରିଖରେ ଦେଶବ୍ୟାପି ସାଧାରଣ ଧର୍ମଘଟର ଡାକରା ଦେବାସହ ଏହାକୁ ସଫଳ କରିବାକୁ ଆହ୍ୱାନ ଜଣାଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସିଆଇଟିୟୁ ସର୍ବଭାରତୀୟ ଉପସଭାପତି ବିଷ୍ଣୁ ମହାନ୍ତି, ବିମାନ ମାଇତି, ଜାହାଙ୍ଗୀର ଅଲ୍ଲୀ, ବସନ୍ତ ନାୟକ, ରାଜକିଶୋର ପ୍ରଧାନ, ପ୍ରଭାତ ପଣ୍ଡା, ଶ୍ରୀମନ୍ତ ବେହେରା, ଆଇଏନ୍‌ଟିୟୁସିର ନିହାର ଦାସ, ଏଚ୍‌ଏମ୍‌ଏସ୍‌ର ଶଶଧର ନାୟକ ଓ ପ୍ରମୋଦ ଦାସ, ଏଆଇଟିୟୁସିର ସଦାନନ୍ଦ ସାହୁ, ଏଆଇୟୁଟିୟୁସିର ଅଜିତ ନାୟକ ଓ ବିଷ୍ଣୁ ପଣ୍ଡା, ଏଆଇସିସିଟିୟୁର ନିତ୍ୟକିଶୋର ମହାନ୍ତି ଓ ରାଜା ମୁନ୍ନା ପ୍ରମୁଖ ଉପସ୍ଥିତ ଥିଲେ।

**ବାହୁଡ଼ିଲେ ଶ୍ରୀଜିଉ**


# ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ଭକ୍ତିମୟ ପରିବେଶ



**ରାୟଗଡ଼ା,୫।୭/ଏନ୍‌ଏନ୍‌ଏସ୍:** ନବ ଦିନାତ୍ମକ ଲୀଳା ଶେଷ କରି ଶ୍ରୀମନ୍ଦିର ଅଭିମୁଖେ ବାହାରିଛନ୍ତି ଚତୁର୍ଦ୍ଧା ମୂର୍ତ୍ତି। ଏହି ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପାଳନ ହୋଇଛି। ରାୟଗଡ଼ା ସହରର ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ଆଜି ପ୍ରାୟ ୩୫ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶୁକ୍ରବାର ନବମୀ ସନ୍ଧ୍ୟା ଦର୍ଶନ ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ବଡ଼ ସିଂହାର ବେଶ ହୋଇଥିଲା। ମନ୍ଦିରରେ ଶନିବାର ଭୋରରୁ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ମଙ୍ଗଳ ଆଳତୀ ଏବଂ ପହିଲିଭୋଗ ଲାଗି କରାଯାଇ ସୂର୍ଯ୍ୟପୂଜା ଅନୁଷ୍ଠିତ ହୋଇଥିଲା। ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ବେଶ କରାଯାଇଥିଲା। ଖଣ୍ଡୁଆ ପାଟରେ ସଜ୍ଜିତ ହୋଇଥିଲେ ବଡ଼ଭାଇ ବଳଭଦ୍ର, ମହାପ୍ରଭୁ ଜଗନ୍ନାଥ, ଦେବୀ ସୁଭଦ୍ରା ଓ ଅସ୍ତ୍ରରାଜ ସୁଦର୍ଶନ। ଏଥିସହ ଶ୍ରୀଜିଉଙ୍କୁ ଟାହିଆ ଭିଡ଼ା ଯାଇଥିଲା। ସୁସଜ୍ଜିତ ହେବାପରେ ବିଗ୍ରହଙ୍କୁ ଗୁଣ୍ଡିଚା ମଣ୍ଡପରୁ ତଳକୁ ଅଣାଯାଇ ପୂଜାର୍ଚ୍ଚନା ଓ ଆରତୀ କରାଯାଇଥିଲା। ସେଠାରୁ ଆରମ୍ଭ ହୋଇଥିଲା ପହଣ୍ଡି। ସେବାୟତମାନେ ଶ୍ରୀଜିଉଙ୍କୁ ପହଣ୍ଡି କରି ରଥ ଉପରକୁ ନେଇଥିଲେ। ରଥ ଉପରେ ଆଳତି ପରେ ଛେରାପହଁରା କରାଯାଇଥିଲା। ରାଜ ପୁରୋହିତ ବିରଞ୍ଚି ନାରାୟଣ ଦାସ ଛେରାପହଁରା କରିଥିଲେ। ଶ୍ରଦ୍ଧା ଶ୍ରୀକ୍ଷେତ୍ର ରଥଯାତ୍ରା ଭଳି ବାହୁଡ଼ା ଯାତ୍ରାରେ ବ୍ରାହ୍ମଣସାହି ସେବାୟତମାନେ ସମସ୍ତ ନୀତିକାନ୍ତି ସାରିବା ପରେ ରଥଟଣା ଆରମ୍ଭ ହୋଇଥିଲା। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହୋଇ ୬ଟାରେ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ବ୍ରାହ୍ମଣସାହି ସେବାୟତଙ୍କ ମଧ୍ୟରେ ରଞ୍ଜନ ରଥ, ପ୍ରଶାନ୍ତ ତ୍ରିପାଠୀ, କୈଳାସ ରଥ, ଗୋପୀନାଥ ପାଳ, ସୁନୀଲ ଚନ୍ଦ୍ର ପଣ୍ଡା, ସୁରେନ୍ଦ୍ର ରଥ, ହରିଶ୍ଚନ୍ଦ୍ର ପାଢ଼ି, ମନୋଜ ରଥ, ରାମକୃଷ୍ଣ ପଣ୍ଡା, ଜଗନ୍ନାଥ ସାହୁ, ଗୋବିନ୍ଦ ରଥ, ନୀଳମାଧବ ପଣ୍ଡା, ସତ୍ୟନାରାୟଣ ପାଢ଼ୀ, ଅଜିତ ପଣ୍ଡା, ସୁଜିତ ପଣ୍ଡା ଓ ସନ୍ତୋଷ ପାଢୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିବରଣୀ ପାଠ ହୋଇଥିଲା। ଭିଡ଼କୁ ଦୃଷ୍ଟିରେ ରଖି କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଭାରୀଯାନ ଚଳାଚଳ ଉପରେ ସମ୍ପୂର୍ଣ୍ଣ କଟକଣା ଜାରି ହୋଇଥିଲା। ସେହିପରି ଜେକେପୁରର ନାଗାବଳୀ ଶ୍ରୀକ୍ଷେତ୍ର, ପାଇକପଡ଼ା, ଅମଳାଭଟ୍ଟା, ଅଣ୍ଡାମଡ଼ା, କାଶୀପୁର, ବିଷମକଟକ, ଦୁର୍ଗୀ, ଗୁମୁଡ଼ା, ଅମ୍ବାଦଳା, କଲ୍ୟାଣସିଂହପୁର ଓ ମାଣ୍ଡିବିଶି ଜଗନ୍ନାଥ ମନ୍ଦିରରେ ପବିତ୍ର ବାହୁଡ଼ା ଯାତ୍ରା ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ରବିବାର ସୁନାବେଶ ପରେ ନିଳାଦ୍ରୀ ବିଜେ ଅନୁଷ୍ଠିତ ହେବ।

## ହଜାର ହଜାର ଭକ୍ତଙ୍କ ସହ ଉପମୁଖ୍ୟମନ୍ତ୍ରୀ ଟାଣିଲେ ରଥ

**ପାଟଣାଗଡ଼:** ପାଟଣାଗଡ଼ରେ ଶ୍ରୀଜିଉଙ୍କ ବାହୁଡ଼ା ଯାତ୍ରା ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ପାଟଣାଗଡ଼ ଦେବୋତ୍ତର ବିଭାଗର ନିଷ୍ପତ୍ତି ଅନୁଯାୟୀ ପାଟଣାଗଡ଼ ରାମଜୀ ଛକରେ ଥିବା ମାଉସୀ ମା' ମନ୍ଦିରରେ ତିନି ମହାପ୍ରଭୁଙ୍କ ନୀତିକାନ୍ତି କରାଯାଇ ଅପରାହ୍ନ ୩ଟାରେ ମନ୍ଦିରରୁ ପ୍ରଥମେ ସୁଦର୍ଶନ ପରେ ବଳଦେବ, ଦେବୀ ସୁଭଦ୍ରା ଓ ଶେଷରେ ଜଗନ୍ନାଥଙ୍କ ପହଣ୍ଡି ବିଜେ କରି ମୁଖ୍ୟରାସ୍ତାରେ ଛିଡ଼ା ହୋଇ ଥିବା ରଥ ଖଳାକୁ ଅଣାଯାଇଥିଲା। ରଥ ଉପରେ ପ୍ରଭୁଙ୍କ ଆଳତି ପରେ ରଥ ଟଣାଯାଇଥିଲା। ଚଳିତ ବର୍ଷ ପାଗ ଅନୁକୂଳ ଥିବାରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା ପାଟଣାଗଡ଼ ପ୍ରଶାସନ ଓ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଏଥିରେ ପାଟଣାଗଡ଼ ଉପଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ସୁନିଲ କୁମାର ମେହେର ଓ ପୁଲିସ ମଣ୍ଡଳ ଅଧିକାରୀ ସଦାନନ୍ଦ ପୂଜାରୀଙ୍କ ମିଳିତ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାଜିଷ୍ଟ୍ରେଟ୍ ଭାବେ ତହସିଲଦାର୍ ରୁଦ୍ର ମୋହନ ନାୟକ ବଳଦେବ ରଥରେ ଅତିରିକ୍ତ ସହକାରୀ ଉପଜିଲ୍ଲାପାଳ ଭବାନୀ ଶଙ୍କର ନାୟକ ସୁଭଦ୍ରାଙ୍କ ରଥରେ ପାଟଣାଗଡ଼ ଉପଜିଲ୍ଲାପାଳ ଓ ସଦାନନ୍ଦ ପୂଜାରୀ ଓ ଜଗନ୍ନାଥଙ୍କ ରଥରେ ଅନ୍ୟତମ



ସହକାରୀ ଜିଲ୍ଲାପାଳ ପଦ୍ମନାଭ ମାହାନା ତଦାରଖ କରିଥିଲେ। ଏଥିରେ ପାଟଣାଗଡ଼ ପୁଲିସ ପକ୍ଷରୁ ଏସ୍‌ଡିପିଓ ସଦାନନ୍ଦ ପୂଜାରୀ ସହ ଦୁଇ ପ୍ଲାଟୁନ୍ ପୁଲିସ ଫୋର୍ସ ଓ ମହିଳା ପୁଲିସ ସହଯୋଗ କରିଥିଲେ। ଏହି ବାହୁଡ଼ା ଯାତ୍ରା ଦେଖିବା ପାଇଁ ପାଟଣାଗଡ଼ ବିଧାୟକ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ତାଙ୍କ ସମର୍ଥକମାନେ ଯୋଗଦେଇ ବାହୁଡ଼ା ଯାତ୍ରାର ତିନି ଠାକୁରଙ୍କୁ ଦର୍ଶନ କରିଥିଲେ। ପାଟଣାଗଡ଼ ଓ ତା'ର ଆଖପାଖ ଅଞ୍ଚଳରୁ ପ୍ରାୟ ୧୦ ହଜାର ଲୋକଙ୍କ ସମାଗମ ହୋଇଥିଲା।

# 'ବନ ମହୋତ୍ସବ ନୁହେଁ, ଏହା ମାନବ ସମାଜର ଦୀର୍ଘଜୀବୀ ମହୋତ୍ସବ'

**ସିନାପାଲି,୫।୭/ଏନ୍‌ଏନ୍‌ଏସ୍:** ସରକାରଙ୍କ ନିର୍ଦ୍ଦେଶକ୍ରମେ ବନ ବିଭାଗ ପ୍ରତିବର୍ଷ ଜୁଲାଇ ପହିଲାରୁ ଏକ ସପ୍ତାହ ବ୍ୟାପି ବନ ମହୋତ୍ସବ ପାଳନ କରିଆସୁଛି। ଚଳିତ ବର୍ଷ ମଧ୍ୟ ୭୬ତମ ବନ ମହୋତ୍ସବ ପାଳନ କରାଯାଉଛି। ହେଲେ ଏହା ବନ ମହୋତ୍ସବ ନୁହେଁ ବରଂ ମାନବ ସମାଜ ପାଇଁ ଦୀର୍ଘଜୀବୀ ମହୋତ୍ସବ ହେବା ଜରୁରୀ ଅତିଥିମାନେ ମତପୋଷଣ କରିଥିଲେ। ଏହି ଅବସରରେ ଏକ ଜନ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ବିଶିଷ୍ଟ ଅତିଥିଭାବେ ଖଡ଼ିଆଳ ବନଖଣ୍ଡ ଅଧିକାରୀ ମହମ୍ମଦ ଅଜିଜ ଖାନ୍, ଏସିଏଫ୍ ପ୍ରସନ୍ନଜିତ ନାୟକ, ନୂଆପଡ଼ା ଜିଲ୍ଲା ପୂର୍ବତନ ବିଜେପି ସଭାପତି ଶିବ ଏଥିରେ ପୂର୍ବରୁ ଆୟୋଜିତ ହୋଇଥିବା କୁଇଜ୍, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ସ୍ଥାନୀୟ ମୁଣ୍ଡାପଲା ଗ୍ରାମର କାନ୍ଦୁଲ ଡଙ୍ଗରୀ ପାହାଡ଼ରେ ସାମୁହିକ ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଫରେଷ୍ଟର୍ ପୂର୍ଣ୍ଣଚନ୍ଦ୍ର



ବୋଲି କହିବା ସହ ଯେଉଁଭଳି ଭାବେ ଜଙ୍ଗଲ ଧ୍ୱଂସ ହେଉଛି ଭବିଷ୍ୟତ ପିଢ଼ୀ ପାଇଁ ବିପଦ ରହିଛି। ତେଣୁ ଏବେଠାରୁ ଜଙ୍ଗଲ ସୁରକ୍ଷା, ନୂତନ ବନୀକରଣ ଓ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ସାଙ୍ଗକୁ ସବୁଜ ସୁନ୍ଦର ପରିବେଶ ସୃଷ୍ଟି କରିବା ପାଇଁ ସିନାପାଲି ରେଞ୍ଜ ଅଧୀନ ମୁଣ୍ଡାପଲା ଗ୍ରାମରେ ଆୟୋଜିତ ବନ ମହୋତ୍ସବ ଓ ସାମୁହିକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ପ୍ରସାଦ ମୁଣ୍ଡ, ସ୍ଥାନୀୟ ସରପଞ୍ଚ କୌଶଲ୍ୟା ମେହେର, ସମାଜସେବୀ ତ୍ରିନାଥ ମେହେର, ଗୋପାଳ ଭୋଇ, ଗଣ୍ଡାବାହଲି ହାଇସ୍କୁଲ୍ ପ୍ରଧାନଶିକ୍ଷକ ଜଗନ୍ନାଥ ସେଠୀ, ବିଜ୍ଞାନ ଶିକ୍ଷକ କୈଳାସ ଚନ୍ଦ୍ର ଦାସ, ସିନାପାଲି ରେଞ୍ଜର୍ କାମେଶ୍ୱର ତାଣ୍ଡି ପ୍ରମୁଖ ମଞ୍ଚାସୀନ ରହି ବନ ମହୋତ୍ସବ ପାଳନର ଉଦ୍ଦେଶ୍ୟ ଓ ବୃକ୍ଷରୋପଣର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ନାୟକ, ରଞ୍ଜନ ସାହୁ, ମେଘନାଦ ମାଝୀ, କନ୍ଦର୍ପ ସୁନାନୀ, ଚୁଡ଼ାନାଥ ସରାଫ, ରମା ରଞ୍ଜନ ରାଉତ, ଫରେଷ୍ଟ ଗାର୍ଡ ମନୋଜ ବାଗ, ସଂଗ୍ରାମ ପ୍ରଧାନ, ଶରତ ସିଂ ବାରିକ, ହେମନ୍ତ ସୁନା, ଚିନ୍ମୟୀ ପାତ୍ର, ଖୁଲେଶ୍ୱରି ମାଝୀ, ସ୍ୱାଗତିକା ଦାସଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ, ଜଙ୍ଗଲ ସୁରକ୍ଷା କମିଟି ସଦସ୍ୟ ଓ ଗ୍ରାମବାସୀ ସାମିଲ ହୋଇଥିଲେ।

# ଆନ୍ତର୍ଜାତିକ ପ୍ରତିଯୋଗିତାରେ ବଲାଙ୍ଗୀରର ଦିବ୍ୟମ୍

**ବଲାଙ୍ଗୀର,୫।୭/ଏନ୍‌ଏନ୍‌ଏସ୍:** ବଲାଙ୍ଗୀରର ବ୍ୟାଡମିଣ୍ଟନ୍ ଖେଳାଳି ଦିବ୍ୟମ୍ କେଜ୍ରିୱାଲ୍ (୧୭) ଆନ୍ତର୍ଜାତିକ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି। ଇଣ୍ଡୋନେସିଆର ଜାକର୍ତ୍ତାରେ ଜୁଲାଇ ୮ରୁ ୧୩ ପର୍ଯ୍ୟନ୍ତ ହେବାକୁ ଥିବା ୟୋନେକ୍ସ ସନରାଇଜ୍ ପେମ୍ବନ୍ ଗୁନାନ୍ ଜୟା ରୟା ଜୁନିୟର୍ ଆନ୍ତର୍ଜାତିକ ଗ୍ରାଣ୍ଡ ପିକ୍ସ ୨୦୨୫ରେ ଦିବ୍ୟମ୍ ଏକକ ବର୍ଗରେ ଭାରତର ପ୍ରତିନିଧିତ୍ୱ କରିବେ। ଦିବ୍ୟମ୍ ବଲାଙ୍ଗୀରର ପ୍ରଥମ ବ୍ୟାଡମିଣ୍ଟନ୍ ଖେଳାଳି ଭାବେ ଆନ୍ତର୍ଜାତିକ ବ୍ୟାଡମିଣ୍ଟନ୍‌ରେ ଅଂଶଗ୍ରହଣ କରିବାକୁ ଯାଉଥିବାରୁ ବ୍ୟାଡମିଣ୍ଟନ୍ ଖେଳାଳି ତଥା କ୍ରୀଡ଼ାପ୍ରେମୀମାନେ ଉତ୍ସାହିତ ଅଛନ୍ତି। ବଲାଙ୍ଗୀରର ବ୍ୟବସାୟୀ ଆଦିତ୍ୟ କେଜ୍ରିୱାଲ ଓ ଶୀତଳ କେଜ୍ରିୱାଲଙ୍କ



ପୁଅ ହେଉଛନ୍ତି ଦିବ୍ୟମ୍। ସେ ୧୨ ବର୍ଷରୁ ବ୍ୟାଡମିଣ୍ଟନ୍ ଖେଳ ଆରମ୍ଭ କରିଥିଲେ। ୨୦୨୧ରୁ ଭୁବନେଶ୍ୱରରେ ରହି ଖେଳ ଅଭ୍ୟାସ ସହ ପାଠପଢ଼ା ଜାରି ରଖିଛନ୍ତି। ଦିବ୍ୟମ୍ ପୂର୍ବରୁ ରାଜ୍ୟ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିବା ସହ ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଆନ୍ତର୍ଜାତିକ ପ୍ରତିଯୋଗିତାରେ ଓଡ଼ିଶାରୁ ଜଣେ ମାତ୍ର ଖେଳାଳି ଭାବେ ଏକକ ବର୍ଗରେ ଭାରତର ପ୍ରତିନିଧିତ୍ୱ କରିବେ।

# ବିପିୟୁଟି ପକ୍ଷରୁ ଅଧ୍ୟାପକ ବିକାଶ କର୍ମଶାଳା



**ରାଉରକେଲା,୫।୭/ଏନ୍‌ଏନ୍‌ଏସ୍:** ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାର୍ବଜନୀନ ମାନବିକ ମୂଲ୍ୟବୋଧ-୨ ଉପରେ ଏକ ୮ ଦିନିଆ ଅଧ୍ୟାପକ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଭାରତର ପୂର୍ବ କ୍ଷେତ୍ରର ଅଧ୍ୟାପକଙ୍କ ପାଇଁ ଉଦ୍ଦିଷ୍ଟ ଏହି କର୍ମଶାଳାରେ ବିଭିନ୍ନ ପ୍ରତିଷ୍ଠାନ ଓ ଇଞ୍ଜିନିୟରିଂ କଲେଜର ୮୦ରୁ ଅଧିକ ଅଧ୍ୟାପକ ଅଂଶଗ୍ରହଣ କରିଛନ୍ତି। ଏଥିରେ ମାନବିକ ମୂଲ୍ୟବୋଧ ଓ ଶିକ୍ଷା ଜରିଆରେ ସମାଜରେ ସେମାନଙ୍କ ଭୂମିକା ଉପରେ ବିସ୍ତୃତ ଆଲୋଚନା ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିପିୟୁଟିର କୁଳପତି ଡକ୍ଟର୍ ଅମୀୟ କୁମାର ରଥ ଶୀର୍ଷକ ଉପରେ ଆଲୋଚନା କରି ଅଧ୍ୟାପକଙ୍କ ପାଇଁ ଏହାର ପ୍ରାସଙ୍ଗିକତା ସମ୍ପର୍କରେ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ଡକ୍ଟର୍ ସନାତନ ପ୍ରଧାନ ରାଷ୍ଟ୍ର ନିର୍ମାଣରେ ମାନବିକ ମୂଲ୍ୟବୋଧର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷଜ୍ଞ ଡକ୍ଟର୍ ଉପାସନା ମିଶ୍ର ସମାଜ ଗଠନରେ ସାର୍ବଜନୀନ ମାନବିକ ମୂଲ୍ୟବୋଧର ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଡକ୍ଟର ଡି ସି ରାଓ ଧନ୍ୟବାଦ ଦେଇଥିଲେ।

# ଟ୍ରେଲର୍ ଧକ୍କାରେ କନଷ୍ଟେବଳ ମୃତ

**ରାୟଗଡ଼ା,୫।୭/ଏନ୍‌ଏନ୍‌ଏସ୍:** ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ଗୁନାଖାଲ ଛକରେ ଟ୍ରେଲର୍ ତଳେ ଚାପି ହୋଇ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଖେଦାପଡ଼ା ପଞ୍ଚାୟତର କାର୍ଯ୍ୟରତ ପୁଲିସ କନଷ୍ଟେବଳ ଲାବଣ୍ୟା ଗାଣ୍ଟି (୨୪)। ଅନ୍ୟପଟେ ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍‌ରେ ସ୍କୁଟି ବାଜିବାରୁ ବାଇକ୍ ମଧ୍ୟ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ବାଇକ୍‌ରେ ଆସୁଥିବା ବିଷମକଟକ ବ୍ଲକ୍ ବେଠିଆପଡ଼ା ପଞ୍ଚାୟତର ମୁନିଗାଁର କାନ୍ତାରାଓ କାଡ୍ରାକା(୪୦) ଓ ସୁବାରାଓ କାଡ୍ରାକା(୪୦) ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଲାବଣ୍ୟା ଶନିବାର ସକାଳୁ ଘରୁ ବାହାରି ରାୟଗଡ଼ା ଶ୍ରଦ୍ଧା ଶ୍ରୀକ୍ଷେତ୍ରକୁ ବାହୁଡ଼ା ଯାତ୍ରା



ଡ୍ୟୁଟିରେ ଆସୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଅନ୍ୟ ଏକ ବାଇକ୍‌ରେ ୨ ଜଣ ଆସୁଥିଲେ। ତେବେ ନିକଟସ୍ଥ ହମ୍ପସ୍‌ରେ ବ୍ରେକ୍ ମାରିବା ବେଳେ ପଛପଟୁ ସ୍କୁଟିକୁ ଟ୍ରେଲର୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଲାବଣ୍ୟା ସ୍କୁଟିରୁ ପଡ଼ିଯାଇ ଥିବାବେଳେ ତାଙ୍କ ଉପରେ ଟ୍ରେଲର୍ ମାଡ଼ିଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରେଲରକୁ ଜବତ କରିଛି।

# ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

**ଭବାନୀପାଟଣା,୫।୭/ଏନ୍‌ଏନ୍‌ଏସ୍:** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସଚେତନ ନାଗରିକ ମଞ୍ଚ ଦ୍ୱାରା ଜାରି ରହିଥିବା ଗଣଧାରଣା ୧୮ ଦିନରେ ପହଞ୍ଚିଥିଲା। ଏହିକ୍ରମେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଆନ୍ଦୋଳନ ସ୍ଥଳକୁ ଆସି ପ୍ରତିଶ୍ରୁତି ଦେବା ପରେ ସାମୟିକ ଭାବେ ସଚେତନ ନାଗରିକ ମଞ୍ଚ ଆନ୍ଦୋଳନକୁ ପ୍ରତ୍ୟାହାର କରିଥିବା ନେଇ ସଭାପତି ଉତ୍ତର ମହଲା ଘୋଷଣା କରିଛନ୍ତି। ଫଳରେ ସରକାର ଓ କେସିଙ୍ଗାବାସୀଙ୍କ ମଧ୍ୟରେ ଚାଲିଥିବା ଲଢ଼େଇର ଅବସାନ ଘଟିଛି। କୋଣାର୍କ ସୂତାକଳ ପୁନରୁଦ୍ଧାର, କେସିଙ୍ଗାରୁ ଭୁବନେଶ୍ୱର ସିଧାସଳଖ ଟ୍ରେନ୍ ଚଳାଚଳ, କନ୍ତେସିର, ଶିରୋଲ ଓ ଲଇତରାକୁ ମିଶାଇ ପୌରପାଳିକା ଗଠନ, ତୁର୍ଲାଖମନ ବ୍ୟାରେଜ୍‌କୁ ତୁରନ୍ତ କାର୍ଯ୍ୟକାରୀ, ପରଲସିଂଗା, ଶିରୋଲ ଓ ବାଲସିରେ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ, କେସିଙ୍ଗା ବୁଢାଡ଼ଙ୍ଗର ସୌନ୍ଦର୍ଯ୍ୟକରଣ, ୱାର୍ଡ ନଂ ୧୦, ୧୧, ୧୨ ଲୋକଙ୍କୁ ଜମି ପଟ୍ଟା ଓ ଆବାସ ଯୋଜନା ପ୍ରଦାନ, କେସିଙ୍ଗା ଆର୍‌ଏମ୍‌ଏସ୍‌କୁ ବଲାଙ୍ଗୀରରୁ କେସିଙ୍ଗା ସ୍ଥାନାନ୍ତରିତ, କେସିଙ୍ଗା ସଙ୍ଗମ ସ୍ଥଳୀକୁ ପର୍ଯ୍ୟଟନ ସ୍ଥଳୀ ଘୋଷଣା ଓ ମଞ୍ଜୁରୀପ୍ରାପ୍ତ କେସିଙ୍ଗା ଭବାନୀପାଟଣା ରେଳ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ ଏଭଳି ୧୦ ଦଫା ଦାବି ନେଇ ଗତ ମାସ ୧୮ ତାରିଖରୁ କେସିଙ୍ଗା ପୁରୁଣା ଷ୍ଟେଟ୍ ବ୍ୟାଙ୍କ ନିକଟରେ ସଚେତନ ନାଗରିକ ମଞ୍ଚ ଗଣଧାରଣା ଦେଇଥିଲା।

ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଆନ୍ଦୋଳନକାରୀଙ୍କ



## ଦାବିପୂରଣ ନହେଲେ ପୁଣିଥରେ ଆନ୍ଦୋଳନ ଚେତାବନୀ

ସହ ଆଲୋଚନା ପରେ ସମସ୍ତ ଦାବିକୁ ନେଇ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। କୋଣାର୍କ ସୂତାକଳକୁ ଚଲେଇବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି ସେଥିପାଇଁ ମୁଁ ବ୍ୟକ୍ତିଗତ ଭାବେ କୋଣାର୍କ ସୂତାକଳ ପରିଦର୍ଶନ କରି ସରକାରଙ୍କୁ ରିପୋର୍ଟ ଦେଇସାରିଛି। କେସିଙ୍ଗାରୁ ଭୁବନେଶ୍ୱର ଟ୍ରେନ୍ ଚଳାଚଳ ପାଇଁ ଆମେ ଗତ ୩୦ ତାରିଖରେ ରେଳ ପ୍ରବନ୍ଧକଙ୍କୁ ଚିଠି ଲେଖିସାରିଛୁ। ପୌରପାଳିକା ଗଠନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇସାରିଛି, ବୃହତ୍ ଉଠା ଜଳସେଚନ ପାଇଁ ମୁଁ ଉକ୍ତ ବିଭାଗୀୟ ଅଧିକାରୀଙ୍କୁ ଡାକି କଥା ହେବି, ଲୋକଙ୍କୁ ଜମିପଟ୍ଟା ଦେବା ଲାଗି ମୁଁ ତହସିଲଦାର୍‌ଙ୍କୁ କହିଛି ସେ ସର୍ଭେ କରି ଯୋଗ୍ୟ ଲୋକଙ୍କୁ ପଟ୍ଟା ପ୍ରଦାନ କରିବେ, ଆର୍‌ଏମ୍‌ଏସ୍ ସ୍ଥାନାନ୍ତରିତ ପାଇଁ ମୁଁ ସାଂସଦଙ୍କୁ ଅନୁରୋଧ କରିବି ଓ କେସିଙ୍ଗା ଭବାନୀପାଟଣା ରେଳ ପ୍ରକଳ୍ପ ପାଇଁ ରେଳ ବିଭାଗକୁ ଜଣେଇବୁ ବୋଲି ଜିଲ୍ଲାପାଳ ବିଭିନ୍ନ ଦାବି ଉପରେ ଉତ୍ତର ରଖିଥିଲେ।

ଏହି ଦାବି ବାହାରେ ବିଭିନ୍ନ ସମସ୍ୟାକୁ ନେଇ ଲୋକେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଦୀର୍ଘ ବର୍ଷରୁ ଆଦର୍ଶ ବିଦ୍ୟାଳୟ ନିର୍ମାଣ ହେଲେ ମଧ୍ୟ ଯିବାକୁ ରାସ୍ତା ନାହିଁ। ଫଳରେ ଛାତ୍ରଛାତ୍ରୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ତହସିଲ୍ ଅଫିସ୍‌ରୁ ଡୁମେରମୁଣ୍ଡା ରାସ୍ତା ଅତି ଶୋଚନୀୟ ହେବାସହ କେସିଙ୍ଗା ଡାକ୍ତରଖାନାରେ ରୋଗୀସେବା ଦୟନୀୟ ହୋଇଥିବା ଲୋକେ ଅଭିଯୋଗ କରିଥିଲେ। ଏନେଇ ଜିଲ୍ଲାପାଳ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଯାଇଥିଲେ ଓ ଉଭୟ ରାସ୍ତା ନିର୍ମାଣକୁ ନେଇ ସ୍ପଷ୍ଟ କରିଥିଲେ। ମସାଣିମୁଣ୍ଡା ଆଦର୍ଶ ରାସ୍ତା ନିର୍ମାଣ ପାଇଁ ୨୭ ଲକ୍ଷ ଟଙ୍କାର ଟେଣ୍ଡର୍ ହୋଇସାରିଛି ଖୁବ୍‌ଶୀଘ୍ର କାମ ଆରମ୍ଭ କରାଯିବ ବୋଲି ଜିଲ୍ଲାପାଳ ଲୋକଙ୍କୁ ଅବଗତ କରିଥିଲେ। ତେବେ ପୂର୍ତ୍ତ ବିଭାଗର ଖାମଖିଆଲ ମନୋଭାବ ଯୋଗୁ ତହସିଲ୍ ଅଫିସ୍‌ରୁ ଡୁମେରମୁଣ୍ଡା ରାସ୍ତା ଶୋଚନୀୟ ଅବସ୍ଥାରେ ପଡ଼ି ରହିଛି ବୋଲି ଲୋକେ ଅଭିଯୋଗ କରିଥିଲେ। ତେବେ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପାଇଁ ସଚେତନ ନାଗରିକ ମଞ୍ଚକୁ ୧୯ ଦିନ ଅପେକ୍ଷା କରିବାକୁ ପଡ଼ିଥିବା ବେଳେ ୧୦ ଦଫା ଦାବି ପୂରଣ ପାଇଁ କେତେ ଦିନ ଅପେକ୍ଷା କରିବାକୁ ପଡ଼ିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଖୁବ୍‌ଶୀଘ୍ର ଶାରଳା ସୂତାକଳ ସ୍ଥାନରେ ଟେକ୍ସଟାଇଲ ମିଲ୍



**ଜଗତ୍‌ସିଂହପୁର,୫।୭/ଏନ୍‌ଏନ୍‌ଏସ୍:** ଖୁବ୍‌ଶୀଘ୍ର ତିର୍ତ୍ତୋଲ ନାଉପିରା ସ୍ଥିତ ଶାରଳା ସମବାୟ ସୂତାକଳ ସ୍ଥାନରେ ଏକ ଟେକ୍ସଟାଇଲ ମିଲ୍ ଖୋଲିବାକୁ ଯାଉଛି । ଯାହାଦ୍ୱାରା ଜିଲ୍ଲାର ଶତାଧିକ ବେକାରୀ ଯୁବକ ଓ ଯୁବତୀମାନେ କର୍ମ ନିଯୁକ୍ତି ପାଇ ପାରିବେ ବୋଲି ଶନିବାର ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉକ୍ତ ମିଲ୍ ପରିଦର୍ଶନ ସମୟରେ ସୂଚନା ପ୍ରଦାନ କରିଛନ୍ତି । ଜିଲ୍ଲାରେ ଏହି ଟେକ୍ସଟାଇଲ ମିଲ ଖୋଲିବା ନିମନ୍ତେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ । ତେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଗତସିଂହପୁର ଜିଲ୍ଲା ଉତ୍ସବ କଲ୍ୟାଣ ୨୦୨୫ରେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ଦାବି ରକ୍ଷା କରିବା ସହିତ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କୁ ଏଥି ନିମନ୍ତେ ଖୋଲା ଦିଆ ଯାଇଥିବା ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ସହିତ ଜିଲ୍ଲାପାଳ ଜେ ସୋନାଲ ଏବଂ ବିଭାଗୀୟ କର୍ମକର୍ତ୍ତାମାନେ ଯାଇ ସରଜମିନ ଅନୁଧାନ କରିଛନ୍ତି । ଯାହାକୁ ନେଇ ଅଞ୍ଚଳର ଶ୍ରମିକମାନେ ଏବଂ ବେକାର ଯୁବକ ଯୁବତୀଙ୍କ ମୁହଁରେ ହସ ଫୁଟିଥିବା ଦେଖାଯାଇଛି । ପ୍ରକାଶ, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳଙ୍କ ଦ୍ୱାରା ନାଉପିରା ଠାରେ ୮ଏକର ଲିଜ ଜାଗା ସହିତ ୨୪ ଏକର ଜାଗାରେ ଶାରଳା ସମବାୟ ସ୍ପିନିଂ ମିଲ ପ୍ରତିଷ୍ଠା କରାଯାଇଥିଲା । ଏହି ମିଲରେ ଶତାଧିକ ଜନ ସାଧାରଣ କର୍ମ ନିଯୁକ୍ତି ପାଇବା ସହିତ ଲାଭରେ ଚାଲିବା ନେଇ ଅଂଚଳରେ ଗୌରବମୟ ସୃଷ୍ଟି କରିଥିଲା । ଭଲ ସୂତା ଉତ୍ପାଦନ ନେଇ ଦେଶ ଓ ବିଦେଶରେ ଚାହିଦା ମଧ୍ୟ ଥିଲା । କାଳକ୍ରମେ ଉକ୍ତ ମିଲର ପରିଚାଳନାରେ ତ୍ରୁଟି ଯୋଗୁ କ୍ଷତିରେ ଚାଲିବା ଆରମ୍ଭ କରିଥିଲା । କ୍ଷତି ପରିମାଣ ଏତେ ପରିମାଣରେ ବୃଦ୍ଧି ଘଟିଥିଲାରେ ବାଧ ହୋଇ ସେଠାରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ଛଟେଇ କରି ଦିଆ ଯାଇଥିଲା । ତେବେ କ୍ଷତିର ଭରଣ ମିଲ କିମ୍ବା ତତ୍‌କାଳିନ ସରକାର ବହନ କରି ନପାରିବାରୁ ଦୀର୍ଘ ୨୫ବର୍ଷ ହେଲା ଉକ୍ତ ମିଲଟି ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଥିଲା । ବିଜେଡି ସରକାରଙ୍କ ସମୟରେ ଜଗତସିଂହପୁର ବିଧାୟକ ସ୍ୱର୍ଗତ ବିଷ୍ଣୁ ଦାସ ମିଲକୁ ଚଲାଇବା ପାଇଁ ବହୁ ଉଦ୍ୟମ କରିବା ସହିତ ସେଠାରେ ପାଖାପାଖି ୧କୋଟି ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ ବହୁ ବେକାର ହୋଇଥିଲା । ମହାବାତ୍ୟା ଓଡ଼ା ୧୯୯୯ ମସିହାରେ ମିଲଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇ ଛାରଖାର ହୋଇଯାଇଥିଲା । ପରବର୍ତ୍ତୀ ସମୟରେ ଉକ୍ତ ସ୍ଥାନ ଉପରେ ବ୍ୟାଙ୍କ ଲୋନ ଥିବାରୁ, ବ୍ୟାଙ୍କ ତାର ଅର୍ଥ ନପାଇବା ନେଇ ଉକ୍ତ ସମସ୍ତ ଜାଗାକୁ ସିଲ୍ କରି ନେଇଛନ୍ତି । ଅପର ପକ୍ଷରେ କଂଗ୍ରେସ ପକ୍ଷରୁ ଉକ୍ତ ସ୍ପିନିଂ ମିଲକୁ ପୁନଃଉଦ୍ଧାର ନିମନ୍ତେ ଯୋରଦାର ଦାବି ହୋଇ ଆସୁଥିଲା । ୨୪ବର୍ଷ ବିଜେଡି ସରକାରଙ୍କ ପକ୍ଷରେ ସମ୍ଭବ ନହେବା ପରେ ୧ବର୍ଷ ବିଜେପି ସରକାର ଉକ୍ତ ସ୍ଥାନରେ ସ୍ପିନିଂ ମିଲ ବଦଳରେ ଟେକ୍ସଟାଇଲ ମିଲ ଖୋଲିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି । ତେବେ ଏହି କାର୍ଯ୍ୟ କେବେ ଆରମ୍ଭ ହୋଇ ଓ ଶେଷ ହେବ ତାହା ସ୍ପଷ୍ଟ ହୋଇ ନାହିଁ ।

# ଇସ୍କନ ମନ୍ଦିରରୁ ଚୋରି

**ରାଜନଗର,୫।୭/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ୍ ବ୍ରାହ୍ମଣସାହି ପଞ୍ଚାୟତ ଗଜରାଜପୁରଠାରେ ଥିବା ଇସ୍କନ (ଜିଜାନ୍ନାଥ) ମନ୍ଦିରରୁ ଶୁକ୍ରବାର ରାତିରେ ଚୋରି ହୋଇଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଛି । ଇସ୍କନ ମନ୍ଦିର ପକ୍ଷରୁ ସଂପାଦକ ଅର୍ଜୁନ ନାୟକ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ମନ୍ଦିର ଦାୟିତ୍ୱରେ ଥିବା କିଛି କର୍ମକର୍ତ୍ତା ଓ ଭକ୍ତମାନେ ପୁରୀ ରଥଯାତ୍ରାକୁ ଯାଇଛନ୍ତି । ଏହାର ସୁଯୋଗ ନେଇ ଶୁକ୍ରବାର ରାତି ପ୍ରାୟ ୨ଟା ସମୟରେ ମନ୍ଦିର ମଧ୍ୟରେ ଥିବା ଅନ୍ୟ ଭକ୍ତମାନଙ୍କୁ ବାହାରୁ ତାଲା ପକାଇ ଦେଇଥିଲେ । ଏହାପରେ ମୁଖ୍ୟ ମନ୍ଦିରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଦାନ ବାକ୍ସ ନେଇଯାଇଛନ୍ତି । ପୁଲିସ ୨୨୮/୨୫ରେ ମାମଲା ରୁଜୁ କରିବା ସହ ତଦନ୍ତ ଚାଲୁ ରହିଛି ବୋଲି ଆଇଆଇସି ନରେଶକୁମାର ସାହୁ ସୂଚନା ଦେଇଛନ୍ତି ।

## ପୂର୍ତ୍ତବିଭାଗ ରାସ୍ତା ମରାମତି କାର୍ଯ୍ୟରେ ଅବହେଳା

**ପରଜଙ୍ଗ,୫।୭/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ପରଜଙ୍ଗ ଠାରୁ କାଲୁମୁଣ୍ଡା ଦେଇ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ରେଳ ଲାଇନ ଓଭରବ୍ରିଜ୍ ଠାରେ ଥିବା କଂକ୍ରିଟ ରାସ୍ତା ପାଇଁ ବହୁ ଦିନ ଶୋଚନୀୟ ଅବସ୍ଥାରେ ଥିବାବେଳେ ଦୈନିକ ଖବରକାଗଜ ନିତିଦିନରେ ୨୨/୬ ରେ ଖବର ପ୍ରକାଶିତ ହେବା ପରେ ପୂର୍ତ୍ତବିଭାଗ ରାସ୍ତା ମରାମତି କାର୍ଯ୍ୟ ପାଇଁ ତତ୍ପର ହୋଇଥିଲା । ତେବେ ସେଇଁଭଳି ଠିକାଦାର ଓ ଖାମଖିଆଲି ଭାବେ ରାସ୍ତା ମରାମତି କାର୍ଯ୍ୟ ଅତି ନିମ୍ନମାନର ହେବବୋଲି ପଥଚାରୀମାନେ ଚର୍ଚ୍ଚା କରୁଛନ୍ତି । ତେବେ ରାସ୍ତାରେ ରଡ଼ ବିଛା ଯାଇଥିବାବେଳେ ମାଟି ମଳମଳ ସହ ବର୍ଷା ପାଣି ଜମିରହିଛି । ସେପରେ କାର୍ଯ୍ୟ ରକ୍ଷଣ ବାବଦରେ ପାଇଁ ପୂର୍ତ୍ତବିଭାଗର କୌଣସି ଯତ୍ନଶୀଳ ଦେଖାଗଲାନାହିଁ । ଯାହା ଫଳରେ ଠିକାଦାର ମନଇଚ୍ଛା କାର୍ଯ୍ୟ କରାଉଛି । ଲଗାଣ ବର୍ଷା ଓ ଷ୍ଟେଲ ଡ୍ରାଇଭ ପକାଇବା ଯୋଜନା ରହିଥିବା ଦୃଷ୍ଟାମାନ ହେଉଛି । କଂକ୍ରିଟ ରାସ୍ତା ଫାଟି ପୂର୍ବପରି ଶୋଚନୀୟ ଅବସ୍ଥା ହେବାର ସମ୍ଭାବନା ରହିଛି ।


**AFFIDAVIT**

By virtue of an Affidavit No.1628 Dtd.03.07.2025 sworn before the Notary Public,Kujanga, I Akuli Charan Mohapatra Address At-Honsura, PO-Anolipatan, PS- ujanga,Dist-Jagatsinghpur declare that I have changed my son's name from Bhola Kujur to Aditya Kumar Mohapatra. Henceforth he shall be known as Aditya Kumar Mohapatra for all future purposes.

**AFFIDAVIT**

By virtue of an affidavit sworn before Notary Public, Balliguda dated **03.07.2025**, I **Ranu Nayak**, Wife of Prakash Nayak of Village/P.O- Khamankhole, P.S- Balliguda, Dist-Kandhamal, PIN- 762110, Odisha have changed the name of my minor son from "**ALLAN NAYAK**" to "**AMLLAN NAYAK**", and henceforth he shall be known as "**AMLLAN NAYAK**" for all purpose.

**AFFIDAVIT**

By virtue of an affidavit sworn before Executive Magistrate, Barbil I Dalwadi Ektaben Navnitkumar, D/O-Navnitkumar Chotabhai Dalwadi, Flat no-7 B-Block, Joda west lower camp Joda-758034 declare that henceforth I shall be known and called as Dalwadi Ektaben Navnitkumar for all official and personal purpose including for issuance, renewal or correction of my passport.

**AFFIDAVIT**

By Virtue of an affidavit sworn before Executive Magistrate Erasama, Jagatsinghpur, dated 17-06-2025, I Arakshit Samal, At-Janakadeipur, Po - Sahada, Ps- Erasama, Dist - Jagatsinghpur, Odisha, declare that I have changed my daughter's name form Lusi Mandal (old name) to Lusi Samal (new name). Henceforth, she shall be known as Lusi Samal for all purpose. **Arakshit Samal**

**AFFIDAVIT**

By virtue of an affidavit sworn before the Executive Magistrate, Aska dated 5th of July 2025, I A.Padmana Dora, aged about 49 years, S/o. Late A.Apparao Dora, permanent resident of Village/PO: Badakholi, PS-Kotinada, Dist. Ganjam, Odisha, Pin Code: 761116, declare that I have changed my son's name from A.Swayam Dora (old name) to A.Tanmaya Dora (new name). Henceforth he shall be known as **A.Tanmaya Dora** for all purposes.

**NOTICE**

**The partnership firm M/S ROAD AND ROOF CONSTRUCTION bearing Regd No-120202400265/2024 Dist-Angul, Odisha has been reconstituted on 30.06.2025 due to retirement of one partner Mr Biswa Bhusan Amanta and admission of one partner Mrs Madhusmita Pattnayak w.e.f 30.06.2025.**

**Abhaya Kumar Singh**
**Managing Partner**
**M/S ROAD AND ROOF CONSTRUCTION**

**AFFIDAVIT**

By virtue of an affidavit sworn before the Executive Magistrate, Kanika; I Prajna Paramita Biswal D/o- Prasanta Biswal resident of Vill/P.O.- Baruna, P.S.- Rajkanika, Dist.- Kendrapara hereby declare that the actual spelling of my name is Prajna Paramita Biswal & the same has been recorded in my educational certificates along with my Aadhaar Card bearing No.- 7121 4508 1006, but in the Sukanya Samriddhi Yojana Pass Book in Baruna Post Office bearing A/C No. 6456368961 my name has been wrongly mentioned as Pragyan Parimita Biswal instead of Prajna Paramita Biswal. Now I want to rectify such error & record my name as Prajna Paramita Biswal in place of Pragyan Parimita Biswal in my above mentioned Pass Book.

**AFFIDAVIT**

By virtue of an affidavit sworn before the Executive Magistrate, M.Rampur, Kalahandi, dtd. 04.07.2025, I, Sri Haste Jani, aged about 37 years, W/o- Lambodar Jani, At - Ghodapokhari, Po- Muding, Ps- M.Rampur, Dist-Kalahandi, Pin-766102, Odisha do hereby declare that my staying at my perantal house at - Binekala, Po- Kasrupada, Ps- Kesinga, Dist-Kalahandi but present I am residing at my matrimonial house with Gaji Jani father in law and his family members at-Ghodapokhari, Po-Muding, Ps- M.Rampur, Dist-Kalahandi.That my W/o-**Lambodar Yani** and **Labodar Jani** both name is one man and samer person.


# ବାହୁଡ଼ିଲେ ତିନି ଠାକୁର

**ଜଗତ୍‌ସିଂହପୁର,୫।୭/ଏନ୍‌ଏନ୍‌ଏସ୍:** ଶନିବାର ଅପରାହ୍ନରେ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ପବିତ୍ର ବାହୁଡା ଯାତ୍ରା ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ରଥକୁ କେବଳ ଗ୍ରାମର ସମସ୍ତ ମହିଳା ଓ ଝିଅମାନେ ଏକଜୁଟ ହୋଇ ଟାଣିଟାଣି ନେଇଥିଲେ । ଟାଣିବା ସମୟରେ ଠାକୁର



ଏହି ଅବସରରେ ଗୁଣ୍ଡିଚା ମନ୍ଦିରରେ ରିତିବିଧି ଅନୁଯାୟୀ ପୂଜା ଅର୍ଚ୍ଚନା କରାଯିବା ପରେ ତିନି ଠାକୁର ରଥ ଉପରକୁ ପହଣ୍ଡିବିଜେ କରାଯାଇଥିଲା । ପ୍ରଥମେ ଜ୍ୟେଷ୍ଠ ଭ୍ରାତା ପ୍ରଭୁ ଶ୍ରୀବଳଭଦ୍ର ପରେ ଭଉଣୀ ମା' ସୁଭଦ୍ରାଙ୍କୁ ରଥ ଉପରକୁ ଅଣା ଯାଇଥିଲା । ଶେଷରେ ମାଉସିମା ମନ୍ଦିରରୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରଥ ଉପରକୁ ଅଣାଯାଇଥିଲା । ରଥ ଉପରେ ରିତିବିଧି ଅନୁଯାୟୀ ପୂଜାଅର୍ଚ୍ଚନା କରାଯିବା ପରେ ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ବାହୁଡା ଯାତ୍ରା ଦେଖିବା ପାଇଁ ଓ ରଥ ଦଉଡି ଟାଣିବା ପାଇଁ ଭକ୍ତମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଦେଖିବାକୁ ମିଳିଥିଲା । ଜଗତସିଂହପୁର ପୌରପରିଷଦ ଅନ୍ତର୍ଗତ ୧୭ନଂ ୱାର୍ଡରେ ତିନି ଠାକୁରଙ୍କ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପଣ୍ଡା ଦେବବ୍ରତ ଦାଶ ଓ ତାଙ୍କ ସହ ଯୋଗୀଙ୍କ ଦ୍ୱାରା ରିତିବିଧି ଅନୁଯାୟୀ ତିନି ଠାକୁରଙ୍କ ପୂଜାଅର୍ଚ୍ଚନା ପରେ ମାଉସୀମା ମନ୍ଦିରରୁ ରଥ ଉପରକୁ ଅଣା ଯାଇଥିଲା । ରଥ ଉପରେ ତିନି ଠାକୁରଙ୍କ ବିରାଜମାନ ହେବା ପରେ ବଡ ପଣ୍ଡାଙ୍କ ଦ୍ୱାରା କିଛି ନିତିକର୍ମ ସମାପନ ରାଜା ତଥା କାଉନସିଲର ଦେବାଶିଷ ସ୍ୱାଇଁଙ୍କ ସମେତ ଗ୍ରାମର ଯୁବ ଗୋଷ୍ଠୀ ସୁଶାନ୍ତ ରଞ୍ଜନ ସ୍ୱାଇଁ, ସୌଭାଗ୍ୟ ରଞ୍ଜନ ସ୍ୱାଇଁ, ରାହୁଲ ସ୍ୱାଇଁ, ସ୍ୱାଧୀନ ସ୍ୱାଇଁ, ଦୁଷ୍ମନ୍ତ ସ୍ୱାଇଁ, ଅଜୟ ମହାରଣା, ସୌମ୍ୟରଞ୍ଜନ ସ୍ୱାଇଁ, ପରାସାନତ କୁମାର ସ୍ୱାଇଁ, ଚିତ ରଞ୍ଜନ ସ୍ୱାଇଁଙ୍କ ବହୁ ଯୁବକ ଓ ମୁରବି ଅଦୟତ ଚରଣ ନାୟକ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ । ଗ୍ରାମର ଶତାଧିକ ମହିଳା, ପୁରୁଷ ଓ ଯୁବକମାନଙ୍କ ହୁଳହୁଳି ହରିବୋଲ ଶବ୍ଦରେ ବଡଦାଣ୍ଡ କମ୍ପି ଉଠିଥିଲା । ତେବେ ଏହି ରଥଯାତ୍ରାର ବିଶେଷତ୍ୱ ହେଲା ପୁରୁଷମାନେ ଜଗନ୍ନାଥ ମନ୍ଦିରରୁ ମାଉସୀମା ମନ୍ଦିର ପର୍ଯ୍ୟନ୍ତ ରଥକୁ ଟାଣି ନେଇଥିଲେ । କିନ୍ତୁ ବାହୁଡାରେ ମାଉସୀମା ମନ୍ଦିରରୁ ତିନି ଠାକୁରଙ୍କ ରଥକୁ କେବଳ ମହିଳାମାନେ ଟାଣି ନେଇଥିଲେ ବିରଜା କ୍ଷେତ୍ରକୁ । ସେହିପରି ପ୍ରଶାସନ ଓ ଶ୍ରୀବଳଦେବଜିଉ ମନ୍ଦିର କମିଟି ପକ୍ଷରୁ ସିଦ୍ଧଳଠାରେ ଶ୍ରୀଜିଉଙ୍କ ବାହୁଡାଯାତ୍ରା ମହା ସମାରୋହାରେ ଅନୁଷ୍ଠିତ ହୋଇଯାଇଛି । ସେହିପରି ସ୍ଥାନୀୟ ପାଣିସାଳିଆ ନଡିଆବାଦ, ସରାପ୍ଲୋ ଠାରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥିଲା ।

# ଶାନ୍ତିଶୃଙ୍ଖଳାରେ ସରିଲା ବାହୁଡ଼ାଯାତ୍ରା

**ହିନ୍ଦୋଳ,୫।୭/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ଆଜି ଶ୍ରୀଜିଉମାନଙ୍କ ବାହୁଡ଼ାଯାତ୍ରା ସମ୍ପର୍ଣ୍ଣ ହୋଇଯାଇଛି । ଭୋର ୪. ୩୦ରେ ପହଡ ଭାଙ୍ଗିବାପରେ ଠାକୁରଙ୍କ ସମସ୍ତ ନୀତିଈ୍ଣାତି ସମ୍ପର୍ଣ୍ଣ ହେବାପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଇତ୍ୟାଦି ପରେ ରଥପୂଜା ହୋଇଥିଲା । ଏବଂ ଶ୍ରୀଜିଉମାନଙ୍କୁ ପହଣ୍ଡିକରି ଦିବା ୧୧ରେ ରଥାରୁଢ଼ କରାଯାଇଥିଲା । ଅପରାହ୍ନ ୩. ୩୦ରେ ରଥଟଣା ଆରମ୍ଭ ହୋଇଥିଲା । ପ୍ରଭୁ ଜଗନ୍ନାଥଙ୍କ ଆର୍ଶୀବାଦରେ ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ ରଥ, ଦ୍ୱିତୀୟରେ ଦେବି ସୁଭଦ୍ରାଙ୍କ ଦର୍ପଦଳନ ରଥ ଏବଂ ସର୍ବଶେଷରେ ପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ପୋଡ଼ପିଠା ଖାଇବାକୁ ମାଉସୀ ଘରେ ପହଞ୍ଚି ଥିଲେ । ଆସନ୍ତାକାଲି ପବିତ୍ର ସୁନାବେଶ ଅନୁଷ୍ଠିତ ହେବାସହ ତପ୍ରେ ନୀଳାଦ୍ରି ବିଜେ ହେବେବୋଲି ପ୍ରଶାସନ ପକ୍ଷରୁ ଜଣାପଡିଛି ।

# ବର୍ଷାପାଣି ନିଷ୍କାସନରେ ସମସ୍ୟା,ରାସ୍ତାରୋକ କଲେ ଗ୍ରାମବାସୀ



**କେନ୍ଦ୍ରାପଡା,୫।୭/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ପୌରାଞ୍ଚଳର ୧୩ନଂ ୱାର୍ଡ ରଣପଡା ଗ୍ରାମରେ ବର୍ଷାପାଣି ପଶି ଯାଇଥିବାରୁ ଗ୍ରାମବାସୀମାନେ ରାସ୍ତାରୋକ କରି ପ୍ରତିବାଦ ଜଣାଇଛନ୍ତି । ୪ଦିନ ହେଲା ଲଗାଣ ବର୍ଷା ଫଳରେ ପୌରାଞ୍ଚଳର ତଳିଆ ଅଞ୍ଚଳ ରଣପଡା ପୋଲ ନିକଟବର୍ତ୍ତି ଗ୍ରାମ ଗୁଡିକରେ ଆଣ୍ଠୁଏ ଉଚ୍ଚର ବର୍ଷାଜଳ ପ୍ରବେଶ କରିବା ସହ ଘର ଭିତରେ ପାଣି ପଶି ଯିବାରୁ ସ୍ଥାନୀୟ ବାସିନ୍ଦାମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଜଳ ନିଷ୍କାସନ ପଥ ଅବରୁଦ୍ଧ ହୋଇଥିବାରୁ ଉଦ୍‌ବୃତ ବର୍ଷାଜଳ ଗୋବରୀ ନଦୀକୁ ନିଷ୍କାସିତ ହୋଇ ନପାରି ଏହିଗାଁ ଗୁଡିକରେ ଜନ ସାଧାରଣଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିଛି । ଅବସ୍ଥା ଏପରି ହୋଇଛି ଯେ, ବର୍ଷାଜଳ ଲୋକଙ୍କ ଘର ଭିତରେ ଏବଂ ରାସ୍ତାରେ ଲହଡି ମାରୁଛି । ଏ ଘଟଣାକୁ ନେଇ ଗ୍ରାମବାସୀମାନେ ପୌର ଅଧିକାରୀଙ୍କୁ ଜଣାଇଥିଲେ ମଧ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଆଜି ଶତାଧିକ ମହିଳା ରାସ୍ତାରୋକ କରିଥିଲେ ।


CAD-1005

**GOVERNMENT OF ODISHA**
**ST & SC Development Department**
**OFFICE OF THE PROJECT ADMINISTRATOR, NILGIRI**
**e-Procurement Notice**
**e-Procurement Notice Bid Identification No. ITDANGR-01 / 2025-26**

Notice No. 417/ITDA Date : 04.07.2025

**CORRIGENDUM**

In continuation to the office Bid Identification No. ITDANGR-01/2025-26 Notice No. 392/ITDA dtd 30.06.2025 the following change are hereby made.

Availability of Bids 10.00 AM of 08.07.2025 to 5.00 PM of 23.07.2025 & Date of opening & scrutiny to technical bid : 11.00 AM of 24.07.2025 instead of availability of Bids : 10.00 AM of 05.07.2025 to 5.00 PM of 20.07.2025 & Date of opening & scrutiny to technical id : 10.00 AM of 21.07.2025 in the office of the PA, ITDA, Nilgiri, Other terms & conditions remain unchanged.

The bidders have to participate in ONLINE bidding only. The details will be available in the website : www.tendersorissa.gov.in from 10.00 AM of 08.07.2025 to 5.00 PM of 23.07.2025.

**Sd/- Project Administrator**
**ITDA, Nilgiri**

OIPR-26055/11/0002/2526


# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ୩ ବର୍ଷର ଶିଶୁ

**ଯାଜପୁର,୫।୭/ଏନ୍‌ଏନ୍‌ଏସ୍:** ବୟସ ମାତ୍ର ତିନି ବର୍ଷ । କିନ୍ତୁ ସ୍ମରଣ ଶକ୍ତି ପ୍ରଖର ।ନିଜ ଜ୍ଞାନ ଗାରିମା ପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସର ଅଧିକାରୀ ହେବାରେ ସଫଳ ହୋଇପାରିଛନ୍ତି । ଯାଜପୁର ଜିଲ୍ଲା ବରୀ ବ୍ଲକ ଅଧିନ କିମ୍ଭିରିଆପାଳ ପଞ୍ଚାୟତ ଭଳିନୂଆଗାଁ ଗ୍ରାମର ରବିନ୍ଦ୍ର ନାଥ ସାହୁଙ୍କ ତିନିବର୍ଷର ନାତି ଅୟାଂସ ସାହୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଛନ୍ତି । ଏହି ରେକର୍ଡସ ଗତ ୧୪ ତାରିଖ ଦିନ ମିଳିଥିବା ପରିବାର ପକ୍ଷରୁ କୁହାଯାଇଛି । ୪୫ ପଶୁମାନଙ୍କ ନାମ,୨୨ ଟି ପକ୍ଷୀପରିବାର ନାମ,୨୦ଟି ଫଳରନାମ,୧୫ ଯାନର ନାମ,୧୨ଟି ତ୍ରିଥକ୍ଷେତ୍ରରନାମ,୨୬ ଟି ଆଲଫାବେଟିକାଲ ୱାର୍ଡ ର





ନାମ, ୫ଟି ଇଂଗ୍ଲିଶ ରାଇମ୍‌ସ,ବର୍ଷକ ୧୨ ମାସର ନାମ, ଛଅଟି ଋତୁର ନାମ, ଏକରୁ ପଚାଷ ଭିତରେ ଦଶଗୋଟି ସାଧାରଣ ଜ୍ଞାନର ଉତ୍ତର କହି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଛନ୍ତି । ପିତା ଅସିତ କୁମାର ସାହୁ,ମାତା ଶୁଭଶ୍ରୀ ସାହୁ ଜେଜମା କନକ ଲତା ସାହୁ, ଅଜା ସୁରେଶ ସାହୁ,ଆଇମାଆ ନୀଳିମା ସାହୁଙ୍କ ଆର୍ଶୀବାଦ, ଶିକ୍ଷା ପ୍ରଦାନ ଅୟାଂସଙ୍କୁ ଏହି ସଫଳତା ଦେଇଛି । ଛୋଟିଆ ପରିବାର । ଶଙ୍ଖାରିଗଡା ବଜାରରେ ଶଶିକଳା ଭେରାଇଟ ଷ୍ଟୋର ନାମରେ ଏକ ବ୍ୟବସାୟୀ ପ୍ରତିଷ୍ଠାନ ରହିଛି । ଏନେଇ ପରିବାର ଲୋକେ ଖୁସି ପ୍ରକାଶ କରିଥିଲା ବେଳେ ବରୀ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି ।


O-391

**Government of Odisha**
**Office of the Superintending Engineer**
**Rural Works Division-I, Nabarangpur**
E-mail: eerwngp@rediffmail.com

**Letter No. 3956** **Date : 04.07.2025**

**1st Corrigendum to Bid Identification No- EERWNGP-Online-02/2025-26 invited vide this office letter No-3858 dt-25.06.2025**

In continuation to this office tender ID No- EERWNGP-Online-02/2025-26 invited vide this office letter No-3858 dt-25.06.2025, partial modification of TCN has been made as follows: -

| Sl. No. | Items | Time schedule as per original TCN | Time schedule as per Corrigendum notice |
|---|---|---|---|
| 1 | Availability of Tender on-line for bidding | From 04.07.2025 at 10:00 AM To 14.07.2025 up to 3:00 PM | From 10.07.2025 at 10:00 AM To 20.07.2025 up to 3:00 PM |
| 2 | Date & Time of opening of tender (Technical Bid) | 15.07.2025 at 11:00 AM | 21.07.2025 at 11:00 AM |
| 3 | Date & Time of opening of tender (Financial Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

**Sd/- Superintending Engineer**
**Rural Works Division-I, Nabarangpur**

OIPR-25092/11/0016/2526


# ପୀଡ଼ିତା ଶିଶୁର ପରିବାରଙ୍କୁ ଭେଟିଲେ ସାଂସଦ



**ଢେଙ୍କାନାଳ,୫।୭/ଏନ୍‌ଏନ୍‌ଏସ୍:** ହିନ୍ଦୋଳ ବ୍ଲକ ନୂଆବଗ ପଞ୍ଚାୟତ ସରାସିଂହ ଗ୍ରାମର ପୀଡିତା ଶିଶୁ ପରିବାରକୁ ଭେଟି ଶିଶୁର ସ୍ୱାସ୍ଥ୍ୟ ସହ ଭଲ ମନ୍ଦ ପଚାରି ବୁଝିଛନ୍ତି ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି । ଏନେଇ ଢେଙ୍କାନାଳ ଆରକ୍ଷୀ ଅଧିକ୍ଷକଙ୍କ ସହ ଆଲୋଚନା କରି ଦୋଷୀକୁ କଠୋରରୁ କଠୋର ଦଣ୍ଡବିଧାନ ସହ ପୀଡିତା ପରିବାର ସଂପର୍କରେ ଆଲୋଚନା କରିଛନ୍ତି । ଏହି ଅବସରରେ ପୀଡିତା ଶିଶୁ ପରିବାରକୁ ଆର୍ଥିକ ସହଯୋଗ ଯୋଗାଇଦେଇଛନ୍ତି । ଏହାପରେ ନିକଟସ୍ଥ ବାଘଧରିଆ ଗ୍ରାମରେ ହାତୀ ଆକ୍ରମଣରେ ମୃତ ସ୍ୱର୍ଗତ ବିପିନି ଗଡନାୟକଙ୍କ ପରିବାରବର୍ଗଙ୍କୁ ଭେଟି ସମସ୍ତ ସୁବିଧା ଅସୁବିଧା ପଚାରିବୁଝିବା ସହ ସମସ୍ତ ପ୍ରକାର ସରକାରୀ ସୁବିଧା ଶୀଘ୍ର ପାଇବା ନିମନ୍ତେ ଢେଙ୍କାନାଳ ବନଖଣ୍ଡ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି ଏବଂ ମୃତକ ପରିବାର ବର୍ଗକୁ ଆର୍ଥିକ ସହଯୋଗ କରିଛନ୍ତି । ଏହି ଅବସରରେ ପାଳଚକଡା ସରସାହିରେ ନୂତନ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ପୂଜାର୍ଚ୍ଚନା କରିବା ସହ ସେଠାରେ ଉପସ୍ଥିତ ଥିବା ସ୍ଥାନୀୟ ଜନସାଧାରଣ ଏବଂ ଆମେରିକାର ସର ଦମ୍ପତିଙ୍କ ସହ କେତେକ ସ୍ଥାନୀୟ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଏହି ଗସ୍ତ ସମୟରେ ସାଂସଦଙ୍କ ପ୍ରତିନିଧି ସୁଶାନ୍ତ ପତି , ବ୍ଲକ ଉପାଧ୍ୟକ୍ଷ ବରୁଣ ସର , ବିଜେପି ନେତା ଭାସ୍କର ନାୟକ , ତପନ ମହାପାତ୍ର, ମନୋଜ ପଟନାୟକ , ପ୍ରେମାନନ୍ଦ ପଟନାୟକ , ପ୍ରବୋଧ ପ୍ରଧାନ , ଲିଙ୍ଗରାଜ ସାହୁ , ବିଷ୍ଣୁସାହୁ , ବିଭୁତି ମାଝୀ , ଗିରିଷ ସେଠି , ଆଲୋକ ଚିନାରା , ଧରଣିଧର ପାଳ, ଦୁଷ୍ମନ୍ତ ନାଏକ , ସମେତ ବହୁକମଚ୍ଚର୍ତ୍ତା ଉପସ୍ଥିତ ଥିଲେ ।


CAD-979

**ODISHA CONSTRUCTION CORPORATION LIMITED**
**BHUBANESWAR, ODISHA**
PIN: 751012, Tel No.(0674) 2562020,
e-Mail: theoccltd@odishaconstruction.com
**GSTIN- 21AAACO2571K2ZM**

**"e- Procurement Notice No- 17/OCCL/2025-26 (on-line)**

On-line Item rate tenders are invited for the following works;

| Sl No | Name of Work | Bid Identification No | Approx value of work | Bid Security (through on-line transfer only) (in Rs.) | Period of Completion (in days) | Availability & Submission of tender of Tender (on-line) |
|---|---|---|---|---|---|---|
| 1 | TANK IMPROVEMENT/ RENOVATION/ MODERNISATION WORKS OF 05 (five) Nos of Minor Irrigation Projects in Keonjhar District **(CLUSTER-VI)** under OIIPCRA Scheme | OCCL_TSI_CL_VI_01/ 2025-26 | Rs.8.18 Crore | Rs. 8,18,000/- | **510 days** | From 10/07/2025, 10.00 Hrs to 08/08/2025, 15.00 Hrs. |
| 2 | TANK IMPROVEMENT/ RENOVATION/ MODERNISATION WORKS OF 12 (twelve) Nos of Minor Irrigation Projects in Kalahandi & Bargarh District **(CLUSTER-VII)** under OIIPCRA Scheme | OCCL_TSI_CL_VII_01/ 2025-26 | Rs.3.93 Crore | Rs. 3,93,000/- | **510 days** | From 10/07/2025, 10.00 Hrs to 08/08/2025, 15.00 Hrs. |
| 3 | TANK IMPROVEMENT/ RENOVATION/ MODERNISATION WORKS OF 10 (ten) Nos of Minor Irrigation Projects in Mayurbhanj District **(CLUSTER-VIII)** under OIIPCRA Scheme | OCCL_TSI_CL_VIII_01 /2025-26 | Rs.8.56 Crore | Rs. 8,56,000/- | **510 days** | From 10/07/2025, 10.00 Hrs to 08/08/2025, 15.00 Hrs. |
| 4 | TANK IMPROVEMENT/ RENOVATION/ MODERNISATION WORKS OF 2 (two) Nos of Minor Irrigation Projects in Keonjhar Districts **(CLUSTER-IX)** under OIIPCRA Scheme | OCCL_TSI_CL_IX_01/ 2025-26 | Rs.11.33 Crore | Rs. 11,33,000/- | **510 days** | From 10/07/2025, 10.00 Hrs to 08/08/2025, 15.00 Hrs. |

Procurement Officer: Managing Director, OCCL
Date of Opening of the Tender: **08.08.2025, 15.30 Hrs. onwards**
Further details can be seen from the e-procurement portal: *https://www.tendersodisha.gov.in* *https://octdms.in* *https://odishaconstruction.com*

OIPR-34120/11/0037/2526

MANAGING DIRECTOR


# ଖାଦ୍ୟସାମଗ୍ରୀ ଦୋକାନରେ ଯାଞ୍ଚ, ୧୦ ହଜାର ଜରିମାନା

**ଢେଙ୍କାନାଳ,୫।୭/ଏନ୍‌ଏନ୍‌ଏସ୍:** ସମ୍ପ୍ରତି ସମଗ୍ର ରାଜ୍ୟରେ ଦେଖାଦେଇଥିବା ଝାଡା ବାନ୍ତି ରୋଗ ପରିପେକ୍ଷୀରେ ଉକ୍ତ ଗଁଦିଆ ବ୍ଲକରେ ମଧ ଅନୁରୂପ ଭାବରେ କେତେକ ସ୍ଥାନରେ ଏହି ଝାଡା ବାନ୍ତି ରୋଗ ବ୍ୟାପିବାର ସମ୍ଭାବନା ଥିବାର ଆଶଙ୍କା କରି ଆଜି ଢେଙ୍କାନାଳ ଖାଦ୍ୟ ଅଧିକାରୀ ଲୋପାମୁଦ୍ରା ନାଏକ ଓ ସ୍ଥାନୀୟ ତହସିଲଦାର ସତ୍ୟଜିତ ମହାପାତ୍ରଙ୍କ ସମେତ ଗଁଦିଆ ପୁଲିସ ପକ୍ଷରୁ ବ୍ଲକର ମୁଖ୍ୟ କେନ୍ଦ୍ର ବ୍ଲକ ଛକ, ବଣିଆପଡା ଛକ, ହାଟ ଛକ, ଗଁଦିଆ ଛକ, ମେଡିକାଲ ଛକ ଗୁଡିକରେ ଥିବା ଜଳଖିଆ, ହୋଟେଲ, ଢ଼ାବା ତଥା ଅନ୍ୟ ଖାଦ୍ୟ ସାମଗ୍ରୀ ବିକ୍ରି କରୁଥିବା ଦୋକାନ ଗୁଡିକ ଉପରେ ଥିବା ଖାଦ୍ୟ ଗୁଡିକର ମାନ ଯାଞ୍ଚ କରାଯାଇଥିଲା । କେତେକ ଖାଦ୍ୟ ବିକ୍ରୟ ଦୋକାନ ନିମ୍ନ ମାନର ଖାଦ୍ୟ ରଖି ଜନସାଧାରଣମାନଙ୍କୁ ବିକ୍ରି କରୁଥିବାର ଦେଖିବାକୁ ମିଳିଥିଲା । ଆଜି ୫ଗୋଟି ଜାଗାରେ ଯାଞ୍ଚ ପରେ ସେଠାରେ ବ୍ୟାନ ଥିବା ଚାଇନା ସ୍ଲଟ ସହିତ ବ୍ୟାନ କମ୍ପାନୀ ରଙ୍ଗ ଓ ବାସି ଖାଦ୍ୟ ରଖି ବିକ୍ରୟ ଅଭିଯୋଗରେ ଜରିମାନା ବାବଦରେ ୧୦ହଜାର ଟାଙ୍କର ଆଦାୟ କରାଯାଇଥିବାର ବିଭାଗୀୟ ସୁତ୍ରରୁ ଜଣାଯାଇଛି । ଏହି ୫ଟି ଖାଦ୍ୟ ବିକ୍ରୟ କେନ୍ଦ୍ରମାନଙ୍କର ଏଫ୍‌ଏସ୍‌ଏସ୍‌ଆଇ ଏଠାରେ ଥିବା ହୋଟେଲ, ଢ଼ାବା, ଜଳଖିଆ ଦୋକାନ ଫାଷ୍ଟ୍‌ଫୁଡ୍ ଦୋକାନ ଗୁଡିକ ବେଆଇନ ଭାବରେ ଖାଦ୍ୟ ଓ ଅନ୍ୟାନ ଖାଦ୍ୟ ଯୁକ୍ତ ସାମଗ୍ରୀ ଖୁଲମ ଖୁଲା ବିକ୍ରି କରୁଥିଲେ । ତୁରନ୍ତ ଫୁଡ ବିଭାଗରେ ଆବେଦନ କରି ଖାଦ୍ୟ ବିକ୍ରୟ ନିମନ୍ତେ ହୋଟେଲ, ଜଳଖିଆ, ଫାଷ୍ଟ୍‌ଫୁଡ, ଢ଼ାବା ଗୁଡିକ ଅନୁମତି ପତ୍ର ଆଣି ବିକ୍ରୟ କରିବାକୁ ତାଗିତ କରାଯାଇଛି । ଯଦି ଆଗାମୀ ଦିନରେ ଏପରି ବେଆଇନ କାର୍ଯ୍ୟ ହେଉଥିବାର ଦେଖିବାକୁ ମିଳେ ତାହାଲେ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ସ୍ଥାନୀୟ ତହସିଲଦାରଙ୍କ ଠାରୁ ପ୍ରକାଶ ।


OIPR-32160/11/0030/2526 A-369

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**CENTRAL IRRIGATION CIRCLE, BHUBANESWAR**
**'e' Procurement Notice No. ACECIC - 05/ 2025-26**

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs) | Class of Contractor | Bid documents available online for bidding | | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| | | | | | | | From | To | | |
| ACE, CIC, Bhubaneswar | NGR-04/ 2025-26 | Protection to Mahanadi Right Embankment from Banapur to Banapur College from RD.1200 mtr. to 2700 mtr. | 720.09 | 720100/- (On Line) | 10000/- (On Line) | "A" & "Special" Class | 08.07.2025 At 10.00 Hours | 22.07.2025 At 17.00 Hours | 23.07.2025 At.11.00 Hours | 12 (Twelve Calendar Month) |

e-mail ID: -secic_dowr@yahoo.com
Further details conditions can be seen from Govt. website www.tenderorissa.gov.in

**Sd/- Additional Chief Enigneer**
**Central Irrigation Circle**

# ଏନ୍‌ସି କଲେଜରେ ଅବସରକାଳୀନ ସମ୍ବର୍ଦ୍ଧନା

**ନୟାଗଡ଼,୫/୭/ଏନ୍‌ଏନ୍‌ଏସ୍:** ନୟାଗଡ଼ ବ୍ଲକ ଅନ୍ତର୍ଗତ କେନ୍ଦୁଡିପି ଦର୍ପ ନାରାୟଣପୁର ଯୁକ୍ତ ଦୁଇ କଲେଜରେ ଏକକାଳୀନ ୩ ଜଣଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ସେମାନେ ହେଲେ ଇତିହାସ ବିଭାଗର ଅଧ୍ୟାପକ ପ୍ରଶାନ୍ତ କୁମାର ରଥ, ଗ୍ରନ୍ଥାଗାରିକ ଅଲେଖ ସାହୁ ଓ ମୁଖ୍ୟ କିରାଣି ଭୁବନେଶ୍ୱର ପ୍ରଧାନ । ମୁଖ୍ୟ କିରାଣୀ ଶ୍ରୀ ପ୍ରଧାନ ଅପ୍ରେଲ ମାସରେ ଅବସର ନେଇଥିବା ବେଳେ ଅଧ୍ୟାପକ ଶ୍ରୀ ରଥ ଓ ଗ୍ରନ୍ଥାଗାରୀକ ଶ୍ରୀ ସାହୁ ମେ ମାସରେ ଅବସର ନେଇଥିଲେ ।ତେବେ ସେମାନଙ୍କୁ କଲେଜ ପକ୍ଷରୁ ଏକକାଳୀନ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । କଲେଜର ଅଧକ୍ଷ ନାରାୟଣ ଚୌଧୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ପୂର୍ବତନ ଅଧକ୍ଷ ରାଜକିଶୋର ପଣ୍ଡା ଯୋଗଦେଇ ସେମାନଙ୍କ ଚାକିରୀ ଜୀବନର ନିଷ୍ଠା ଓ ପରାକାଷ୍ଠା ଏବଂ ସେମାନେ



ନିଜ ନିଜ ପଦବୀର ପଦମର୍ଯ୍ୟାଦା ଠିକ୍ ଭାବେ ରଖି ପାରିଥିବା କହିବା ସହିତ ତାଙ୍କର କର୍ତ୍ତବ୍ୟ ପରାୟଣତା ପାଇଁ କଲେଜ ତାଙ୍କୁ ସବୁଦିନ ମନେ ରଖିବ ବୋଲି କହିଥିଲେ । ଅଧକ୍ଷ ଶ୍ରୀ ଚୌଧୁରୀ କଲେଜ ପ୍ରତି ଥିବା ସେମାନଙ୍କର ଅବଦାନ ଭୁଲିବାର ନୁହେଁ ବୋଲି କହିବା ସହିତ ଦୀର୍ଘ ୩୫ ବର୍ଷ ଧରି ଏହି ଅନୁଷ୍ଠାନରେ ଶ୍ରମଦାନ କରି ଅବସର ନେଇଥିଲା ବେଳେ ଗଲାବେଳେ ବିନା ପେନ୍‌ସନ୍‌ରେ ରିକ୍ତ ହସ୍ତରେ ଘରକୁ ଫେରିବା ଅତ୍ୟନ୍ତ ଦୁଃଖ ଦାୟକ ବୋଲି କହିଥିଲେ । ବିଦାୟୀ ଅଧ୍ୟାପକ ଶ୍ରୀ ରଥ ନିଜ ଚାକିରି ଜୀବନର ଅଭିଜ୍ଞତାକୁ ବାଣ୍ଟିବା ସହିତ କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ଏବଂ ଭଲ କୁହ ଭଲ ମଣିଷ ହୁଅ ବୋଲି ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କଲେଜରେ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲାବେଳେ ଅଧ୍ୟାପକ ପଦ୍ମ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାରୁ

### ସିଂହଦ୍ୱାର ସମ୍ମୁଖରେ ...

୭. ୧୦ରେ ମଇଲମ, ୭. ୧୫ଟାରେ ତଡ଼ପ ଲାଗି, ୭. ୧୦ ରୁ ୭. ୪୦ରୋଷହୋମ ଓ ଅବକାଶ ପୂଜା ଶେଷ, ୮. ୦୫ରେ ସୂର୍ଯ୍ୟପୂଜା ସମ୍ପନ୍ନ ହେବା ପରେ ୮. ୩୦ରୁ ୯. ୧୦ମିନିଟ୍ ମଧ୍ୟରେ ଗୋପାଳ ବଲ୍ଲଭ ଓ ସକାଳ ଧୂପ ଖେଚୁଡ଼ି ଭୋଗ ଖାଇ ୯. ୫୫ ମିନିଟ୍‌ରେ ମହାପ୍ରଭୁଙ୍କ ଧାଡ଼ି ପହଣ୍ଡି ଆରମ୍ଭ ହୋଇଥିଲା । ପ୍ରଥମେ ଚକ୍ରରାଜ ସୁଦର୍ଶନ, ପରେ ପଛକୁ ପଛ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ସୁସଜ୍ଜିତ ଟାହିଆ ପରିଧାନ କରି ୧୨. ୩୦ ସୁଦ୍ଧା ରଥାରୂଢ଼ ହୋଇଥିଲେ । ଏହା ପରେ ୧. ୦୫ରେ ରାମକୃଷ୍ଣ ଓ ମଦନ ମୋହନ ରଥାରୂଢ଼ ହୋଇଥିଲେ । ୨. ୪୦ମିନିଟ୍‌ରେ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଦ୍ୱାରା ତିନିରଥର ଛେରା ପହଁରା କାର୍ଯ୍ୟ ସମାପନ କରାଯାଇଥିଲା ।

ଛେରାପହଁରା ପରେ ଚାରମାଳ ଖୋଲାଯାଇ ଘୋଡ଼ା ଯୋଚା ଯାଇଥିଲା । ପରେ ଆରମ୍ଭ ହୋଇଥିଲା ରଥଟଣା । ପ୍ରଥମେ ୨. ୫୦ମିନିଟ୍‌ରେ ଗଡ଼ିଥିଲା ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ । ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ୩. ୪୦ରେ ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ୪. ୦୩ମିନିଟ୍ ସମୟରେ ଶ୍ରୀମନ୍ଦିର ଅଭିମୁଖେ ଗଡ଼ିଥିଲା । ଲକ୍ଷ ଲକ୍ଷ ଭକ୍ତଙ୍କ ଜୟ ଜଗନ୍ନାଥ ଧ୍ୱନୀରେ ବଡ଼ଦାଣ୍ଡ ଆଧ୍ୟାତ୍ମିକ ପରିବେଶ ସୃଷ୍ଟିହେବା ସହ ଭକ୍ତ ଓ ଭଗବାନଙ୍କର ଅପୂର୍ବ ମିଳନ ପରିଲକ୍ଷିତ ହୋଇଥିଲା ।

ଭକ୍ତଙ୍କ ଜୟ ଜଗନ୍ନାଥ ଧ୍ୱନି ଓ ହରିବୋଲ ହୁଳହୁଳିରେ କମ୍ପୁଥିଲା ବଡ଼ଦାଣ୍ଡ । ବାଟରେ ଚତୁର୍ଦ୍ଧାମୂରତି ତାଙ୍କ ପ୍ରିୟ ମାଉସୀ ମା' ପ୍ରସ୍ତୁତ କରିଥିବା ପୋଡ଼ପିଠା ଖାଇବା ପରେ ପୁନର୍ବାର ରଥ ଶ୍ରୀମନ୍ଦିର ଅଭିମୁଖେ ଗଡ଼ି ଚାଲିଥିଲା ।

ମହାପ୍ରଭୁ ଶ୍ରୀଜଗନ୍ନାଥ ଆଜି ଶରଧାବାଲି ଠାରୁ ଶ୍ରୀମନ୍ଦିର ଅଭିମୁଖେ ବାହାରିଥିବା ବେଳେ ଅଧବାଟରେ ତାଙ୍କୁ ଅଟକାଇଛନ୍ତି ମା' ଲକ୍ଷ୍ମୀ । ରଥଯାତ୍ରାରେ ତାଙ୍କୁ ସାଥୀରେ ନେଇ ନଥିବାରୁ ପ୍ରଭୁ ଜଗନ୍ନାଥଙ୍କ ଉପରେ ମା' ଲକ୍ଷ୍ମୀ ଅଭିମାନ କରିଛନ୍ତି । ଶେଷରେ ଆସୁଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଶ୍ରୀନହର ସମ୍ମୁଖରେ ପହଞ୍ଚିବା ପରେ ସେଠାରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ଲକ୍ଷ୍ମୀ-ନାରାୟଣ ଭେଟ କରାଇଥିଲେ । ଏହି ନୀତି ସମ୍ପନ୍ନ ହେବା ପରେ ନନ୍ଦିଘୋଷ ରଥ ସିଂହଦ୍ୱାର ଅଭିମୁଖେ ଟଣା ଯାଇଥିଲା । ଆଜି ବାହୁଡ଼ାଯାତ୍ରାର ସମସ୍ତ ନୀତିକାନ୍ତି, ନିର୍ଦ୍ଧାରିତ ସମୟ ଆଗରୁ ସମ୍ପନ୍ନ କରାଯାଇଥିଲା । ନିର୍ଦ୍ଧାରିତ ସମୟର ପ୍ରାୟ ୧ ଘଣ୍ଟା ୧୦ମିନିଟ୍ ଆଗରୁ ରଥଟଣା ଆରମ୍ଭ ହୋଇଥିଲା । ରଥଟଣା ପାଇଁ ପୂର୍ବରୁ ସ୍ଥିରୀକୃତ ସମୟ ଅପରାହ୍ଣ ୪ଟାର ଯଥେଷ୍ଟ ପୂର୍ବରୁ ତଥା ଅପରାହ୍ଣ ୨. ୫୦ମିନିଟ୍‌ରେ ବଳଭଦ୍ରଙ୍କ ତାଳଧ୍ୱଜ ରଥଟଣା ଆରମ୍ଭ ହୋଇଥିଲା । ଶାନ୍ତିଶୃଙ୍ଖଳାର ସହ ବଡ଼ଠାକୁର ବଳଭଦ୍ର ମହାପ୍ରଭୁଙ୍କ ତାଳଧ୍ୱଜ, ମା' ସୁଭଦ୍ରାଙ୍କ ଦର୍ପଦଳନ ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ୯.୩୧ମିନିଟ୍‌ରେ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲା ।

ଅନ୍ୟପଟେ ମହାପ୍ରଭୁ ବାହୁଡ଼ି ଆସିବା ପରେ ଏବେ ଝୁରୁଛି ଗୁଣ୍ଡିଚା ମନ୍ଦିରର ଆଡ଼ପମଣ୍ଡପ ସହ ଶରଧାବାଲି । ଗତ ନଅଦିନ ଧରି ମହାପ୍ରଭୁଙ୍କୁ ପାଇଁ ଆଡ଼ପମଣ୍ଡପ ନିଜକୁ ଧନ୍ୟ ମନେ କରୁଥିବା ବେଳେ ଶରଧାବାଲି ଅଞ୍ଚଳ ଏବେ ମହାପ୍ରଭୁଙ୍କ ଅନୁପସ୍ଥିତିରେ ନୀରବି ଯାଇଛି ।

ଆସନ୍ତାକାଲି ଏକାଦଶୀ ଅବସରରେ ଅନୁଷ୍ଠିତ ହେବ ଶ୍ରୀଜିଉ ଦୁର୍ଲ୍ଲଭ ବଡ଼ତଢ଼ାଉ ବା ସୁନାବେଶ । ରଥ ଉପରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ସରିବା ପରେ ସନ୍ଧ୍ୟା ଆଳତି ସହ ମେକାପ ସର୍ବାଙ୍ଗ ନୀତି କରାଯାଇ ସୁନାବେଶ ଲାଗି କରାଯିବ । ଅପରାହ୍ଣ ପ୍ରାୟ ୫ଟାରୁ ସୁନାବେଶରେ ମହାପ୍ରଭୁ ବିଭୂଷିତ ହୋଇ ରାତି ୧୧ଟା ପର୍ଯ୍ୟନ୍ତ ଦର୍ଶନ ଦେବେ । ସୁନାବେଶ ଦର୍ଶନ ପାଇଁ କିଛିବର୍ଷ ଧରି ପ୍ରବଳ ଜନସମାଗମ ହେଉଥିବାରୁ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ପରି ସୁରକ୍ଷା ବନ୍ଦୋବସ୍ତ କରାଯିବ । ପ୍ରାୟ ୧୦ ହଜାର ପୁଲିସ ଅଧିକାରୀ ଓ କର୍ମଚାରୀ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ଓ ଟ୍ରାଫିକ୍ ପରିଚାଳନାରେ ମୁତୟନ ରହିବେ ।

### ସୁରୁଖୁରୁରେ ଦର୍ଶନ ପାଇଁ ...

ହୋଇଛି । ଯାନବାହନ ଭିଡ଼ ନିୟନ୍ତ୍ରଣ ପାଇଁ ପର୍ଯ୍ୟାପ୍ତ ଟ୍ରାଫିକ ପୁଲିସ ମୁତୟନ ହୋଇଛନ୍ତି । ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନକୁ ସ୍ୱତନ୍ତ୍ର ଏବଂ ସ୍ମରଣୀୟ କରିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ।

### ଅମରନାଥ ଯାତ୍ରା, ଦୁର୍ଘଟଣାରେ ...

ପରେ, ଜମ୍ମୁ କାଶ୍ମୀର ଉପରାଜ୍ୟପାଳ ଏଲଜି ମନୋଜ ସିହ୍ନା ଅମରନାଥ ଯାତ୍ରା କରୁଥିବା ତୀର୍ଥଯାତ୍ରୀଙ୍କ ଗାଡ଼ି ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବା, ସମସ୍ତ ପ୍ରମୁଖ ସ୍ଥାନରେ ସୁରକ୍ଷା ଯାଞ୍ଚ ଏବଂ ଯାତ୍ରା ମାର୍ଗରେ ଖାଦ୍ୟ ଏବଂ ଔଷଧର ନିରବଚ୍ଛିନ୍ନ ଉପଲବ୍ଧତା ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ପହଲଗାମ୍ ରୁଟ୍ ଏବଂ କେବଳ ଧାର୍ମିକ ତୀର୍ଥ ଭାବରେ ଅମରନାଥ ଆସୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ବାଲଟାଲ୍ ରୁଟ୍‌କୁ ଭଲ ମାର୍ଗ ଭାବେ ବିବେଚନା କରାଯାଏ ।

ପ୍ରକାଶ, ପ୍ରବଳ ବର୍ଷା ସତ୍ତ୍ୱେ, ଶନିବାର ଭଗବତୀ ନଗର ବେସ୍ କ୍ୟାମ୍ପରୁ ୬,୯୦୦ ତୀର୍ଥଯାତ୍ରୀଙ୍କ ଏକ ନୂତନ ଦଳ ଅମରନାଥଙ୍କ ଦର୍ଶନାର୍ଥେ ବାହାରିଥିଲା । ଏହି ଦଳରେ ୫୧୯୬ ପୁରୁଷ, ୧୪୨୭ ମହିଳା, ୨୪ ଶିଶୁ, ୩୩୧ ସାଧୁ ଓ ସାଧ୍ୱୀ ଏବଂ ଜଣେ ଟ୍ରାନ୍ସଜେଣ୍ଡର ଅଛନ୍ତି । ତେବେ ବର୍ତ୍ତମାନ ସୁଦ୍ଧା ଉଭୟ ରୁଟ୍‌ରେ ପ୍ରାୟ ୩୦,୦୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଅମରନାଥଙ୍କ ଦର୍ଶନ କରିସାରିଛନ୍ତି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି ।

### ଖୋଲିଲା ରେଙ୍ଗାଲି ଡ୍ୟାମ୍‌ର ...

୬ ଟା ୨୦ ମିନିଟ୍‌ରେ ଡ୍ୟାମ୍ କର୍ତ୍ତୃପକ୍ଷ ଡ୍ୟାମ୍‌ର ଗୋଟିଏ ଗେଟ୍ (ଗେଟ୍ ନଂ-୭)କୁ ଖୋଲି ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରିଥିଲେ । ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୨୪୮୯.୯୭ ଘନ ମିଟର ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଖୋଲା ଯାଇଥିବା ଗୋଟିଏ ଗେଟ୍ ଓ ପାୱାର୍ ଚ୍ୟାନେଲ୍ ମାଧ୍ୟମରେ ମୋଟ୧୭୦୦ ଘନ ମିଟର ବନ୍ୟାଜଳ ନିଷ୍କାସିତ ହେଉଛି । ଡ୍ୟାମ୍ ଗେଟ୍ ଖୋଲିବା ସମୟରେ ମୁଖ୍ୟଯନ୍ତ୍ରୀ ହୃଦାନନ୍ଦ ମଲ୍ଲିକ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଭଗବାନ ଚନ୍ଦ୍ର ଦାସ, ଅଧୀକ୍ଷଣ ଯନ୍ତ୍ରୀ ସୌମେନ୍ଦ୍ର ବେହେରା, ଉପଖଣ୍ଡ ଅଧିକାରୀ ଶଙ୍କରା ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# ଗୃହରକ୍ଷୀ ଚୟନ ପ୍ରକ୍ରିୟାକୁ ନେଇ କଂଗ୍ରେସର ଅଭିଯୋଗ



**ନୟାଗଡ଼,୫/୭/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲାର ବିଭିନ୍ନ ଥାନାରେ ଗୃହରକ୍ଷୀ ନିଯୁକ୍ତି ପାଇଁ ଜିଲ୍ଲା ଏସ୍‌ପିଙ୍କ ଦସ୍ତଖତରେ ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ ପତ୍ର ଅନୁସାରେ ପ୍ରକାଶିତ ବିଜ୍ଞାପନ ସର୍ତ୍ତାବଳୀଗୁଡିକୁ ଖୋଲା ଉଲ୍ଲଙ୍ଘନ କରାଯାଇ ମନଇଚ୍ଛା ନିଯୁକ୍ତି ଦିଆଯାଇଛି ବୋଲି ବରିଷ୍ଠ ଆଇନଜୀବୀ ତଥା ନୟାଗଡ଼ ବିଧାନସଭା କଂଗ୍ରେସ ପ୍ରାର୍ଥୀ ରଣଜିତ ଦାଶ ଅଭିଯୋଗ କରିଛନ୍ତି । ଗୃହରକ୍ଷୀ ଚୟନ ପାଇଁ ସମୁଦାୟ ୧୦୦ ମାର୍କ ପରୀକ୍ଷାରୁ ୬୦ ମାର୍କ ଲିଖିତ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ କେଉଁ ଉଦ୍ଦେଶ୍ୟରେ ୨୦+୨୦ ମାର୍କ ଲେଖାଏଁ ଉଦ୍ଦିଷ୍ଟ ଥିବା ବିଭିନ୍ନ ଟ୍ରେଡ଼ ପରୀକ୍ଷା ସମେତ ସାକ୍ଷାତକାର ମାର୍କ ମିଶାଇ ୪୦ ମାର୍କ ପରୀକ୍ଷା ଫଳ ପରୀକ୍ଷାର୍ଥୀ ମାନଙ୍କ ଉପଲବ୍ଧ ପାଇଁ ପ୍ରକାଶ କରା ନଯିବା ଯୋଗୁଁ ନିଯୁକ୍ତି ପ୍ରକ୍ରିୟା ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ ବୋଲି କଂଗ୍ରେସ ନେତା କହିଛନ୍ତି । ଏହି ଦୁଇଟି ପରୀକ୍ଷାର ୪୦ ନମ୍ବର ମାର୍କକୁ ସାର୍ବଜନୀନ କରାନଯାଇ ଲୁଚାଚୋରା ଭାବେ ଏହାର ଦୁରୁପଯୋଗ କରାଯାଇ ଥିବା ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କ ମନରେ ସନ୍ଦେହ ବଢ଼ିବଢ଼ି ଚାଲିଛି । ଯଦି ୧୦୦ ମାର୍କ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନେ ନିଯୁକ୍ତି ପାଇବେ ବୋଲି ବିଜ୍ଞାପନ ରେ ଦର୍ଶାଯାଇ ଥିଲା ତେବେ ୮୦ ମାର୍କ ନମ୍ବର ଆଧାରରେ ଗୃହରକ୍ଷୀ ନିଯୁକ୍ତି ଦିଆଯାଇ ଥିବା ଅଭିଯୋଗରେ ସତ୍ୟତା ଥିଲେ ସମୁଦାୟ ଗୃହରକ୍ଷୀ ନିଯୁକ୍ତିରେ ପ୍ରିୟାପ୍ରୀତି ଜାଲିଆତି ହୋଇଥିବା ସମ୍ଭାବନାକୁ ଅସ୍ୱୀକାର କରାଯାଇ ନପାରେ ବୋଲି ଶ୍ରୀ ଦାଶ ଗଣମାଧ୍ୟମକୁ କହିଛନ୍ତି । ନିଯୁକ୍ତି ପ୍ରକ୍ରିୟାର ଆଉ ଏକ ଖୋଲା ଉଲ୍ଲଙ୍ଘନ ପ୍ରସଙ୍ଗ ହେଉଛି ନୟାଗଡ ସଦର ଥାନା ପାଇଁ ବିଜ୍ଞାପନ ଅନୁସାରେ ୧୫ଗୋଟି ଗୃହରକ୍ଷୀ ପଦବୀ ନିର୍ଦ୍ଧାରିତ ଥିବାବେଳେ ପରୀକ୍ଷାରେ ୧୩ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେଲେ । କିନ୍ତୁ ଚୂଡାନ୍ତ ନିଯୁକ୍ତି ତାଲିକାରେ ମାତ୍ର ୬ଜଣଙ୍କୁ ନିଯୁକ୍ତି ଦିଆଯାଇ ଅବଶିଷ୍ଟ ୯ ଗୋଟି ପଦବୀ ଅନ୍ୟ ଥାନାକୁ ଦିଆଯିବା ଭଳି ସଂଗୀନ ତ୍ରୁଟି କରାଯାଇ ମୂଳ ବିଜ୍ଞାପନ କାର୍ଯ୍ୟକାରୀ କରାଯାଇ ନାହିଁ । ଏହିଭଳି ନୟାଗଡ ଜିଲ୍ଲାରେ ଗୃହରକ୍ଷୀ ନିଯୁକ୍ତି ପ୍ରକ୍ରିୟାରେ ସମସ୍ତ ନୀତିନିୟମ ଉଲ୍ଲଙ୍ଘନ କରାଯାଇ ମନଇଚ୍ଛା ନିଯୁକ୍ତି ଦିଆଯାଇ ଥିବା ପ୍ରତିବାଦ ରେ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ପାଇଁ ରାଜ୍ୟ ଗୃହରକ୍ଷୀ ବାହିନୀ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ନୟାଗଡ଼ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯିବ ବୋଲି ରଣଜିତ ଦାଶ ସୂଚନା ଦେଇଛନ୍ତି ।

# କେନାଲବନ୍ଧ ରାସ୍ତା ଭାଙ୍ଗିଲା

**ଫୁଲନଖରା,୫/୭/ଏନ୍‌ଏନ୍‌ଏସ୍:** ପ୍ରତାପନଗରୀଠାରୁ କୋରକରା ମଧ୍ୟରେ କାକଟପୁର ଶାଖା କେନାଲ ବନ୍ଧ ବିଭିନ୍ନ ସ୍ଥାନରେ ଭାଙ୍ଗିଥିବା ଦେଖିବାକୁ ମିଳିଛି । ମୂଳକୋଦିଣ୍ଡା, ଖଲର୍ଦ୍ଦା ଓ ଅନ୍ୟାନ୍ୟ ସ୍ଥାନରେ ଏହା କ୍ଷତିଗ୍ରସ୍ତ ହୋଇଛି । କେନାଲ ଶଯ୍ୟା ଢଳେଇ ଏବଂ ଲାଇନିଙ୍ଗ କାର୍ଯ୍ୟ ଚାଲିଥିଲାବେଳେ ଠିକାଦାରଙ୍କ ବେପରୱା କାର୍ଯ୍ୟ ଯୋଗୁଁ ଏପରି ହୋଇଥିବା ଅଭିଯୋଗ ହୋଇଛି । ସଂସ୍ଥାଦ୍ୱାରା ବଡ଼ ବଡ଼ ଭାରୀଯାନ ଚଳାଚଳ କରିବାରୁ ଢଳେଇ ରାସ୍ତା ଫାଟି ବିପଜ୍ଜନକ ଅବସ୍ଥାରେ ରହିଛି । ଅପରପକ୍ଷରେ ଦିନ ରାତି ବାଲି ବୋଝେଇ ହାଇୱା ଦ୍ରୁତ ବେଗରେ ଯିବା ଆସିବା କରିବା ଯୋଗୁଁ ମଧ୍ୟ ରାସ୍ତା ଗୁରୁତରଭାବେ କ୍ଷତିଗ୍ରସ୍ତ ହେଉଛି । ଏଥିପ୍ରତି ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ପ୍ରାଚୀ ଡିଭିଜନ ପ୍ରତାପନଗରୀ ଜଳସମ୍ପଦ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

**୬ଦଫା ଦାବି ପୂରଣ ନେଇ ଓଡ଼ିଶା ଡ୍ରାଇଭର ମହାସଂଘର ନିଷ୍ପତ୍ତି**

# ଜୁଲାଇ ୮ରୁ ଆନ୍ଦୋଳନ ଧମକ

**କଣ୍ଟିଲୋ,୫/୭/ଏନ୍‌ଏନ୍‌ଏସ୍:** ଅଲ୍ ଓଡ଼ିଶା ଡ୍ରାଇଭର ମହାସଂଘ ତରଫରୁ ଡ୍ରାଇଭରମାନଙ୍କର ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ ପାଇଁ ୭ ଦଫା ସମ୍ବଳିତ ଏକ ଦାବିପତ୍ର ରାଜ୍ୟ ସରକାରଙ୍କୁ ପୂର୍ବରୁ ପ୍ରଦାନ କରାଯାଇଥିବା ବେଳେ ସରକାର ଏଥି ମଧ୍ୟରୁ ଗୋଟିଏ ମାତ୍ର ଦାବି ପୂରଣ କରି ଅବଶିଷ୍ଟ ୬ଗୋଟି ଦାବିକୁ ଆଜିଯାଏ ପୂରଣ କରିପାରି ନଥିବାରୁ ଡ୍ରାଇଭରମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଯଥାଶୀଘ୍ର ଗୋଟିଏ ମାସ ମଧ୍ୟରେ ତାହା ପୂରଣ କରିବା ପାଇଁ ଡ୍ରାଇଭର ମହାସଂଘ ରାଜ୍ୟ ସରକାରଙ୍କୁ ଲିଖିତ ଆବେଦନ କରିଥିଲେ । ଏହି ଭିତରେ ଏକମାସର ଧାର୍ଯ୍ୟ ସମୟ ସୀମା ପୂର୍ତ୍ତି ହୋଇଥିଲେ ମଧ୍ୟ ସରକାର କୌଣସି ପ୍ରକାର ସମାଧାନ କରି ନଥିବାରୁ ଆସନ୍ତା ଜୁଲାଇ ୮ରୁ ସମୂହ ଡ୍ରାଇଭର ମହା ସଂଘ ଆନ୍ଦୋଳନ କରିବାକୁ ଧମକ ଦେଇଛନ୍ତି ।


ସୂଚନାରୁ ଜଣାପଡିଛି ଯେ, ଅଲ୍ ଓଡିଶା ଡ୍ରାଇଭର ମହାସଂଘ ନିଜର ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ ପାଇଁ ଗତ ମାର୍ଚ୍ଚ ୨୯ ତାରିଖରେ ଭୁବନେଶ୍ୱର ଲୋୟର ପିଏମଜି ଛକରେ ୬ଦିନ ଧରି ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ । ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇ ଡ୍ରାଇଭରମାନଙ୍କ ସମସ୍ୟାକୁ ଅଣଦେଖା କରି ଗୁରୁତ୍ୱ ନଦେଇ କୌଣସି ପ୍ରକାର ପଦକ୍ଷେପ କିମ୍ବା ସମାଧାନ କରୁନଥିବାରୁ ଯଥା ଶୀଘ୍ର ଆସନ୍ତା ଗୋଟିଏ ମାସ ମଧ୍ୟରେ ଦାବି ପୂରଣ ପାଇଁ ଜୁନ ୨୦୨୫ରେ ମାସିକିଆ ସମୟ ସୀମା ରଖି ଏକ ଲିଖିତ ଆବେଦନ କରିଥିଲେ । ଯଦି ଏହି ମାସ ମଧ୍ୟରେ ଦାବି ପୂରଣ ପାଇଁ ରାଜ୍ୟ ସରକାର କିଛି ସମାଧାନ ନ କରନ୍ତି, ତେବେ ଜୁଲାଇ ୮ରୁ ଅଲ୍ ଓଡ଼ିଶା ଡ୍ରାଇଭର ମହାସଂଘ ସମୂହ ଏକ କାଳୀନ ଷ୍ଟେରିଙ୍ଗ ଛାଡ଼ିବା ସହିତ ସରକାରଙ୍କୁ ଅସହଯୋଗ କରି ରାଜ ରାସ୍ତାରେ ଆନ୍ଦୋଳନ କରିବା ପାଇଁ ଧମକ ଦେଇଛନ୍ତି । ଏଥି ପାଇଁ ଅଲ୍ ଓଡିଶା ଡ୍ରାଇଭର ମହାସଂଘ ଆଦୌ ଦାୟୀ ହେବେ ନାହିଁ ବୋଲି ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଶାଖା ସଭାପତି ରଜତ କୁମାର ଦାସ ସୂଚନା ଦେଇଛନ୍ତି ।

# ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହେଲେ ବାଚସ୍ପତି



**ଓଡ଼ଗାଁ,୫/୭/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ପଞ୍ଚିରିଡ଼ା ବନାଞ୍ଚଳ ଦର୍ପନାରାୟଣପୁର ଗୋପବନ୍ଧୁ କୋଅପରେଟିଭ ଫାର୍ମ ପରିସରରେ ଫରେଷ୍ଟର ଚନ୍ଦ୍ରମଣି ଡାକୁଆଙ୍କ ତତ୍ତ୍ୱାବଧାନରେ ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢୀ ଯୋଗଦେଇ ପରିବେଶ ସୁରକ୍ଷା ଦିଗରେ ବକ୍ତବ୍ୟ ରଖିଥିଲେ । ଗତବର୍ଷ ମାନଙ୍କରେ ଅନେକ ଜଙ୍ଗଲ ଉଜୁଡ଼ି ଯାଇଥିବା ବେଳେ କାଠମାଫିଆ ଜଙ୍ଗଲକୁ ନଷ୍ଟକରି ଚାଲିଛନ୍ତି ।ଯାହାଦ୍ୱାରା ଜଙ୍ଗଲ ଧିରେ ଧିରେ ଲୋପ ପାଉଛି । ବାୟୁମଣ୍ଡଳରେ ଅସ୍ୱାଭାବିକ ପରିବର୍ତ୍ତନ ଘଟିବା କାରଣରୁ କୃଷିକ୍ଷେତ୍ରରେ ସମସ୍ୟା ସୃଷ୍ଟିହେଉଛି । ତେଣୁ ସମସ୍ତେ ଅଧିକରୁ ଅଧିକଗଛ ଲଗାଇ ପରିବେଶକୁ ସୁସ୍ଥ ରଖିବାକୁ ଜନସାଧାରଣଙ୍କୁ ବାର୍ତ୍ତା ମାଧ୍ୟମରେ ପରାମର୍ଶ ଦେଇଥିଲେ । ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀ ଯୋଗଦେଇ ସରକାରଙ୍କ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଚାରାରୋପଣ କରିବା ଯେତିକି ଜରୁରୀ ଗଛର ଯତ୍ନନେବା ଅଧିକ ଜରୁରୀ ବୋଲି କହିଥିଲେ । ଗଛ ବଞ୍ଚିଲେ ତାହା ଆମପାଇଁ ଏକ ସଂକଳ୍ପ ବୋଲି ଧରିବାକୁ ହେବବୋଲି କହିଥିଲେ । ଏ ଅବସରରେ ଅଳାଁ, ବାହାଡ଼ା, ମହୁଲ, ଆମ୍ବ ଆଦି ୫ଶହରୁ ଊର୍ଦ୍ଧ୍ୱ ଚାରା ଲଗାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଏସିଏଫ୍ ସତ୍ୟଜିତ୍ କର, ପଞ୍ଚିରିଡ଼ା ଏସଏଫ୍ ଚୂଡ଼ାରାଣୀ ମୁର୍ମୁ, ଫରେଷ୍ଟର ଲୋକମାନ ଅଲ୍ଲୀ, ଶ୍ରବଣ କୁମାର ବଳିୟାରସିଂହ ଉପସ୍ଥିତ ଥିବାବେଳେ ଦର୍ପନାରାୟଣପୁର ଫରେଷ୍ଟର ଚନ୍ଦ୍ରମଣୀ ଡ଼ାକୁଆ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ ।ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସ୍ଥାନୀୟ ସ୍ୱେଚ୍ଛାସେବୀ ମାନେ ଯୋଗଦେଇଥିଲେ ।

# ବିଜେଡି କର୍ମୀଙ୍କ ମୃତ୍ୟୁରେ ଶୋକ



**ସାଲେପୁର,୫/୭/ଏନ୍‌ଏନ୍‌ଏସ୍:** ସାଲେପୁର ବ୍ଲକ ଅନ୍ତର୍ଗତ ଓଡାସିଂ ପଞ୍ଚାୟତ ଧନୁପଡ଼ା ଗ୍ରାମର ସମାଜସେବୀ ତଥା ବିଜେଡ଼ିର ସକ୍ରିୟ କର୍ମୀ ଜଗଦୀଶ ପରିଜା(୭୮)ଙ୍କ ପରଲୋକ ଘଟିଛି । ସେ କିଛି ଦିନ ହେବ ଶାରୀରିକ ଅସୁସ୍ଥତା ପାଇଁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ହେଲେ, ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ସ୍ୱର୍ଗତ ପରିଜା ଜଣେ ମିଷ୍ଟଭାଷୀ, ପରୋପକାରୀ, ସ୍ନେହୀ, ମେଳାପି,ସମାଜସେବୀ ଓ ବିଜେଡିର ଜଣେ ସକ୍ରିୟ କର୍ମୀ ଥିଲେ । ସେ ପ୍ରାକ୍ତନ ମନ୍ତ୍ରୀ ଚନ୍ଦ୍ର ସାରଥୀ ବେହେରାଙ୍କ ଏକାନ୍ତ ଅନୁଗତ ଥିଲେ । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁଅ ସଞ୍ଜୀବ ପରିଜା, ନିହାର ପରିଜା, ମିଳନ ପରିଜା, ପୁତୁରା ରଶ୍ମିରଞ୍ଜନ ପରିଜା, ବୋହୂ, ଝିଅ, ଜ୍ୱାଇଁ ନାତିନାତୁଣୀ ଓ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ । ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସତ୍କାର କରାଯାଇଥିବା ବେଳେ ବଡ଼ପୁଅ ସଞ୍ଜୀବ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ଚନ୍ଦ୍ର ସାରଥୀ ବେହେରା, ବିଧାୟକ ପ୍ରଶାନ୍ତ ବେହେରା, ପଞ୍ଚାୟତ ସମିତିର ପ୍ରାକ୍ତନ ଅଧକ୍ଷା ପ୍ରମିଳା ବେହେରା, ବରିଷ୍ଠ ବିଜେଡି ନେତା ଦିଲ୍ଲୀପ ଦାଶ, ସାଲେପୁର ବ୍ଲକ ବିଜେଡ଼ି କାର୍ଯ୍ୟକାରୀ ସଭାପତି ନାରାୟଣ ପତି, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତ ରଂଜନ ମହାନ୍ତି, ପ୍ରାକ୍ତନ ସରପଞ୍ଚ ଅକ୍ଷୟ ନାୟକ, ସରପଞ୍ଚ ଜ୍ୟୋତିରେଖା ନାୟକ, ନାଏବ ସରପଞ୍ଚ ନିରଞ୍ଜନ ସିଂଙ୍କ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିବା ସହିତ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# କଲେଜ ଛାତ୍ରୀ ନିଖୋଜ, ଥାନାରେ ଅଭିଯୋଗ

**କୁଆଁପାଳ,୫/୭/ଏନ୍‌ଏନ୍‌ଏସ୍:** ମାହାଙ୍ଗା ବ୍ଲକ ଏରକଣାସ୍ଥିତ ମାହାଙ୍ଗା ପୁଷ୍ପଗିରୀ ମହାବିଦ୍ୟାଳୟର +୩ ବିଜ୍ଞାନ ଦ୍ୱିତୀୟ ବର୍ଷର ଛାତ୍ରୀ ସୋନମ୍ ସୋନାଲୀ ରାଉତ(୧୯)ଙ୍କର କୌଣସି ପତ୍ତା ମିଳୁନଥିବା ଅଭିଯୋଗ ଥାନାରେ ହୋଇଛି । ସୋନାଲୀଙ୍କର ଘର ପୋଡାମରାଇ ପଞ୍ଚାୟତ ଅଲିଆରା ଗ୍ରାମରେ । ସେ ଘରୁ ଦିନ ୧୦ ଘଟିକା ସମୟରେ କଲେଜ ଯିବାକୁ କହି କେଉଁଆଡ଼େ ଚାଲି ଯାଇଛନ୍ତି । ଖୋଜାଖୋଜି ପରେ ଝିଅର ପତ୍ତା ନ ମିଳିବାରୁ ଭଦ୍ରେଶ୍ୱର ଥାନାରେ ଝିଅର ବାପା ରମାକାନ୍ତ ରାଉତ ଲିଖିତ ଅଭିଯୋଗ କରିଛନ୍ତି ।



















# ବାପାଙ୍କ ଚପଲ



ଜିନାତମାମ୍ ଦର୍ଜୀ

ବାପାଙ୍କୁ ଏମିତି ଡେଇଁ ଡେଇଁ ଆସୁଥିବା ଦେଖି ସେ ଭାରି ବିରକ୍ତ ହେଲା । ବାଲକୋନୀରେ ବସି ସାମ୍ନା ରାସ୍ତାକୁ ଅନେଇ ଥିଲା ସେ । ଖୁସି ଭିତରେ ରୁଟି ତିଆରି କରୁଛି । ବାପାଙ୍କର ଏଇଟା କଣ ଫେରିବା ସମୟ ? ହାତ ଘଣ୍ଟାରୁ ସମୟ ଦେଖିଲା ସାତଟା ହେଲାଣି । ଆହୁରି ବିରକ୍ତ ହୋଇ ଉଠିଲା ସିଏ ମନେ ମନେ । ଶୀଘ୍ର ଘରକୁ ଫେରି ଆସିଲେ ଅସୁବିଧା କଣ ? ବୁଢା ଲୋକ ଖାଇବ, ପିଇବ, ଘରେ ଶାନ୍ତିରେ ବସିବ । ଅଯଥାରେ ବାହାରେ ଧାଁ ଧପଡ଼ ହେଲେ ଦେହ ଖରାପ ହେବା ହିଁ ସାର ହେବ ।

ବାପା ଶିଡ଼ି ଚଢ଼ି ଉପରକୁ ଆସୁ ଆସୁ ସେ ବାପା ଉପରେ ବର୍ଷିଗଲା । କୁଆଡେ ଯାଇ ଥିଲ ଏତେବେଳ ଯାଏ ? କେତେଥର କହିଛି ଏମିତି ମଇଳା ପୁରୁଣା ଲୁଗା ପିନ୍ଧନି, ଲୋକେ କଣ କହିବେ ! ଏହେଁ ! ଦେହଟା ପୁରା ଭିଜି ଯାଇଛି ! କାହିଁକି ବର୍ଷାରେ ଭିଜୁଥିଲ ? ଠିକ ଭାବେ କଣ ଚାଲି ପାରୁନ ଏମିତି ଡେଇଁ ଡେଉଁ ଆସୁଛ ।

ଏକା ସାଥେ ଏତେ ଗୁଡିଏ ପ୍ରଶ୍ନ ଓ ଅଭିଯୋଗ ଶୁଣି ବାପା ପ୍ରଥମେ ଥଙ୍ଗ ଥଙ୍ଗ ହୋଇଗଲେ । ପରେ ଶାନ୍ତ ଦୁଃଖିତ ଗଳାରେ କହିଲେ, 'ଶାନ୍ତିପଡା ରାଧାମାଧବ ମନ୍ଦିରରେ ସଂକୀର୍ତ୍ତନ ହେଉଥିଲା, ହରି ନାମ ଧରିବାକୁ ଯାଇଥିଲି । ବାହାର ପିଣ୍ଡିରେ ଚପଲ ରଖି ଦେଇଥିଲି । ଏମିତି ବାଦଲ ଫଟା ବରଷା ହେଲା ଯେ ଆଣ୍ଠୁଏ ଲେଖା ପାଣିର ସୁଅ ଛୁଟିଲା । ପାଣି ସୁଅରେ ମୋର ପଟେ ଚପଲ ଭାସିଗଲା । ଚପଲକୁ ଧରିବା ପାଇଁ ଭିଜି ଭିଜି ତା ପଛରେ ଦୌଡ଼ିଲି । ହେଲେ ଚପଲକୁ ଧରିବା ଆଗରୁ ଡ୍ରେନ୍ ଭିତରକୁ ପଶିଗଲା । ଖାଲି ପାଦରେ ଚାଲିବା ଭାରି କଷ୍ଟ । ଗେଡି ଗୋଡି ବାଜି ପାଦ କାଟିଲା । ତହିଁକୁ ପୁଣି ଏ ବର୍ଷା ମାସରେ ରାସ୍ତା ସାରା ବଡ଼ ବଡ଼ ଘୁଲି, ସାପ, ବିଛୁ, ସେଇଥିପାଇଁ ଡେଇଁ ଡେଇଁ ଆସୁଛି । ତତେ ତ ଭଡାଘର ଖୋଜିଲା ବେଳେ କେତେଥର ମନା କରିଥିଲି ସହରଠୁ ବାହାରେ ଏମିତି ଅନାବନା ଗଛଲତା ଭରିଥିବା, ପକ୍କା ରାସ୍ତା ନଥିବା ଜାଗାରେ ଘର ନେଏନି ବୋଲି । କିଛି ଶୁଣିଲୁଣି ମୋ କଥା । ନିଜେ ସିନା ଗାଡ଼ିରେ ବାହାରି ଯାଉଛୁ ବୋଲି ଜନ୍ତୁଜନ୍ତା କଥା କିଛି ଜାଣିନୁ... ସେତେବେଳେ ଯାଇ ତା ଦୃଷ୍ଟି ବାପାଙ୍କ ଖାଲି ପାଦ ଉପରେ ପଡିଲା ।

ଉଭୟଙ୍କ ପାଟି ଶୁଣି ଖୁସି ହାତ ପାପୁଲିରେ ଅଟାର ଗୋଲାଟିଏ ଧରି ବାହାରି ଆସିଲା । ଦେଖୁ ଦେଖୁ ନାକ ଟେକିଲା । ଛି ! ଛି ! ପୁରା ବାରଣ୍ଡାଟା କାଦୁଅ ହେଇଗଲା । ମଣିଷ ଏବେ ଏତେ ରାତିରେ ପୁଣି ହଇରାଣ ହୋଇ ବାରଣ୍ଡା ଧୋଇବ । ଗଲ ବାପା ଆଗ ପାଦଟା ଧୋଇଲ, ହଳିଆ, ମୁଲିଆଙ୍କ ଭଳି ପାଦରେ ମେଞ୍ଚେ କାଦୁଅ ଲାଗିଛ । ଦେଖିଲେ ବାନ୍ତି ମାଡୁଛ । ବାନ୍ତି ଆସିଲା ଭଳି ଦୁଇ ଥର ଅଁ.. ଅଁ.. କରି ଅତି ବିରକ୍ତିର ସହ କହିଲା ଖୁସି ।

ବାପା ପାଦ ଧୋଇବା ପାଇଁ ଚାଲିଗଲେ । ଖୁସି ରୁଟି ତିଆରି କରିବା ପାଇଁ ଫେରିଗଲା ପରେ ବିକ୍ରାନ୍ତ ବି ନିଜ ରୁମରୁ ଫେରିଆସି ବେଡ଼ରେ ଗଡି ପଡିଲା । ତା' ଆଖି ସାମ୍ନାରେ ଆଉଥରେ ଦେଖା ଗଲା ବାପା କେମିତି ଡେଇଁ ଡେଇଁ ଆସୁଥିଲେ । ସେ ନିଜେ ବି ଥରେ ଠିକ୍ ଏମିତି ଡେଇଁ ଡେଉଁ ଚାଲିଥିଲା । ତା'ର ପୁରୁଣା କଥା ସବୁ ମନେପଡି ଯାଉଥାଏ । ସେତେବେଳେ ସେ ଛୋଟଟେ ଥିଲା । ତିନି କି ଚାରି ପଢୁଥାଏ । ଥରେ ବାପାଙ୍କ ସହ କୌଣସି କାମ ପାଇଁ ବଡ଼ ସହରକୁ ଯାଇଥାଏ । ବଡ଼ ସହରର ପିଚୁ କରା କଳା ମଚ୍‌ମଚ୍ ଚଉଡା ପକ୍କା ରାସ୍ତା ସିଧା ସିଧା ଲମ୍ବିଥାଏ । ତାରି ଉପରେ ବାପ ପୁଅ ଦୁହେଁ ଯାକ ଚାଲୁଥିଲେ । ଅଚାନକ ତା' ଚପଲ ଛିଡ଼ିଗଲା । ବୈଶାଖ ମାସ । ରାସ୍ତା ଏମିତି ତାତୁ ଥାଏ ଯେମିତି ରାସ୍ତା ରାସ୍ତା ନୁହଁ ଭାଟି ଉପରେ ଚଢ଼ିଥିବା ଲୁହା ତାୱା । ଦୁଇ ମିନିଟରେ ପାଦରେ ଫୁଟକରା ଉଠିଯିବ । ସେତେବେଳେ ସେ ଠିକ୍ ଏମିତି ଡେଇଁ ଡେଇଁ ଚାଲିଥିଲା । ଶେଷରେ ଦୌଡ଼ି ଯାଇ ଛିଡା ହୋଇଥିଲା ରାସ୍ତା କଡ଼ କୃଷ୍ଣଚୁଡା ଗଛମୂଳେ । ରାସ୍ତାର ଉଭୟ ପାର୍ଶ୍ୱରେ କିଛି କିଛି ବ୍ୟବଧାନରେ ମୁଣ୍ଡରେ ନାଲି ଫୁଲର ତାଜ୍ ପିନ୍ଧି ଛିଡା ହୋଇଥିଲେ ଏମିତି ଗୋଟିଏ ଗୋଟିଏ କୃଷ୍ଣଚୁଡା ସୁନ୍ଦରୀ । ବାପା ତା' ପାଖକୁ ଆସିଲା ପରେ ସେ ଆଗକୁ ଥିବା ଆଉ ଗୋଟିଏ କୃଷ୍ଣଚୁଡା ଗଛ ଯାଏ ଦୌଡ଼ି ଯାଇ ସେଇଠି ପୁଣି ବାପାଙ୍କୁ ଅପେକ୍ଷା କରୁଥିଲା । ବାପା ସେଇଠି ପହଞ୍ଚିବା ପରେ ଆଉ ଏକ ଗଛ ତଳକୁ । ତାକୁ ଲାଗୁଥିଲା ଏ ଖଇଫୁଟା ରାସ୍ତାର ଯନ୍ତ୍ରଣାରୁ ତା ପାଦକୁ ରକ୍ଷା ଦେବା ପାଇଁ ଏ କୃଷ୍ଣଚୁଡା ମାନେ ନିଜର ପଣତ ପାରି ଦେଇଛନ୍ତି । ରାସ୍ତା କଡ଼ରେ ଯେ ଚପଲ ବିକ୍ରି ହେଉ ନଥିଲା ସେ କଥା ନୁହେଁ, କିନ୍ତୁ ଚପଲ କିଣି ଦେବା ଭଳି ସାମର୍ଥ୍ୟ ସେତେବେଳେ ବାପାଙ୍କ ନଥିଲା । କୁମ୍ଭାର ବାପା ଟଙ୍କା ଟଙ୍କାର ହିସାବ କରି ଘର ଚଳାଉଥିଲେ । କୌଣସି ବାବଦକୁ କିଛି ଟଙ୍କା ଅଧିକ ଖର୍ଚ୍ଚ ହୋଇଗଲେ ଦୈନନ୍ଦିନ ଚାଉଳ, ଡାଲି କିଣିବା ପାଇଁ ମଧ ଅଭାବ ପଡେ । ସେଦିନ ଶେଷରେ ବାପା ନିଜ ଚପଲ ଖୋଲି ତାକୁ ପିନ୍ଧିବା ପାଇଁ ଦେଇ ଦେଇଥିଲେ । ସିଏ ସିନା ସେଦିନ ବାପାଙ୍କ ବଡ଼ ବଡ଼ ଚପଲ ଭିତରେ ନିଜର ଛୋଟ ଛୋଟ ପାଦ ଗଳେଇ ଆରାମରେ ଚାଲିଲା; ହେଲେ ବାପା ସେଇ ନିଆଁବର୍ଷି ଖରାରେ ନଙ୍ଗଳା ପାଦରେ ଚାଲିଥିଲେ । ପିଲାଦିନର ସେଇ ଅଭାବି ଦିନଠାରୁ ଆଜିର ଏ ସ୍ୱଚ୍ଛଳ ଦିନ ପର୍ଯ୍ୟନ୍ତ ଅନେକ ସଂଘର୍ଷ କରିବାକୁ ପଡିଛି ତାକୁ ଆଉ ପରିବାରକୁ । ସବୁଠୁ ବେଶି ତ୍ୟାଗ ଦେଇଛନ୍ତି ବାପା । ତାଙ୍କ ତ୍ୟାଗ ବଳିଦାନ ନଥିଲେ ଆଜି ସେ ପୋଷ୍ଟ ମାଷ୍ଟର ଚାକିରୀଟିଏ ପାଇ ସୁଖ ସୁବିଧା ଭୋଗୀପାରୁ ନଥାନ୍ତା । ଆହାଃ ବାପାଙ୍କ ପାଇଁ ସିଏ ସତରେ କଣ ବା କରି ପାରିଲା ଜୀବନରେ । ଆଜିଯାଏ ଖଣ୍ଡେ କୁର୍ତ୍ତା ବି କିଣି ଦେଇ ପାରିନାହିଁ ! ଯେତେ ଥର ବାପାଙ୍କୁ କହିଲେ ବାପା ମନା କରି ଦିଅନ୍ତି ।

କାଲି ବାପା ନୂଆ ଚପଲ କିଣିବା ପାଇଁ ମାର୍କେଟ ଯାଏ ଖାଲି ପାଦରେ ଯିବେ କେମିତି ? ଘର ଯେ ପୁଣି ସହରଠୁ ବାହାରେ । ସେ ମନେମନେ ନିର୍ଣ୍ଣୟ କଲା, ସେ ଏବେ ବାହାରି ଯାଇ ବାପାଙ୍କ ପାଇଁ ହଳେ ନୂଆ ଚପଲ କିଣି ଆଣିଦେବ । ପୋଷ୍ଟ ଅଫିସରୁ ଫେରି ଭାରି ହାଲିଆ ଲାଗୁଛି । ଆଉ କିଛି ସମୟ ଯାଉ ତା'ପରେ ବାହାରି ଯିବ ବଜାରକୁ । ଏମିତି ଭାବୁ ଭାବୁ ରାତି ହେଇ ଆସିଲା ହେଲେ ନିଜ ଅଳସୁଆମି ଛାଡି ସେ ଯାଇ ପାରିଲା ନାହିଁ ବଜାର । ମନେ ମନେ ପ୍ରତିଜ୍ଞା ଖାଇଲା, କାଲି ଶୀଘ୍ର ଉଠି ଆଗ ବାପାଙ୍କ ପାଇଁ ଚପଲ ଆଣିଦେବ । ତା'ପରେ ଯାଇ ଯିବ ନିଜ ଡ୍ୟୁଟିକୁ । ସେଇ ଭାବନା ସହ ବିକ୍ରାନ୍ତ ଖାଇ ପିଇ ଶୋଇ ପାରିଲା ରାତିରେ ।

ସକାଳେ ନିଦ ଭାଙ୍ଗିଲା ବେଳକୁ ଘଡି ଦେଖି ଏକ ପ୍ରକାର ଚମକି ପଡିଲା ସେ । ସାତଟା ତିରିଶ । ସେ ଏତେବେଳ ଯାଏ ଶୋଇ ପଡିଲା କେମିତି ? ଶୀଘ୍ର ନ ବାହାରିଲେ ଏତେ ଦୂରରେ ଥିବା ତା' ଅଫିସକୁ ପହଞ୍ଚିବାକୁ ନିହାତି ଲେଟ୍ ହେବ । ଶୀଘ୍ର ଶୀଘ୍ର ନିତ୍ୟକର୍ମ ସାରି, ଗାଧୋଇ ପଧୋଇ, ବାହାରି ପଡିଲା ସିଏ । ନିଜ ଜୋତା ହଳକ ପାଦରେ ଗଳାଉ ଗଳାଉ ତା'ର ମନେ ପଡିଲା ବାପାଙ୍କ ଚପଲ କଥା । କେମିତି ଯେ ତା' ମୁଣ୍ଡରୁ ବାହାରି ଗଲା । ହେଲେ ଏବେ କିଛି ଉପାୟ ନାହିଁ । ଅଫିସରୁ ଫେରିଲେ ଯାଇ ଯାହା କରିହେବ ।

ବିକିର ଯିବା ବାଟକୁ ବାପା ଶୂନ୍ୟ ଆଖିରେ ଚାହିଁ ରହିଥିଲେ ।

ବିକ୍ରାନ୍ତ ଚାଲିଗଲା ପରେ ବାପା ବାରଣ୍ଡାରେ ଥିବା ଚପଲ ଷ୍ଟାଣ୍ଡରୁ ନିଜର ପୁରୁଣା ଛିଣ୍ଡା ଚପଲ ହଳେ ଖୋଜୁଥିଲେ, କାମ ଚଳେଇ ନେବା ପାଇଁ । କାଇଁ ତାଙ୍କର ଗୋଟିଏ ବି ପୁରୁଣା ଚପଲ ତ ଦେଖା ଯାଉନି । ତାଙ୍କର ମନେ ପଡିଲା, ଖୁସିକୁ ନୂଆ ନୂଆ ଶାଢ଼ୀ ଓ ନୂଆ ନୂଆ ଚପଲର ବହୁତ ସଉକ । ଥରେ ମାର୍କେଟ ଗଲେ ଏକା ସାଥେ ଅନେକ ଶାଢ଼ୀ, ଆଉ ଅନେକ ଯୋଡ଼ା ଚପଲ ନିଜ ପାଇଁ ନେଇଆସେ । ଏମିତି ଦିନେ ତିନି-ଚାରି ଯୋଡ଼ା ଭେରାଇଟି ଭେରାଇଟି ଚପଲ ନେଇ ଆସିଥିଲା । ସେଇସବୁ ଚପଲ ରଖିବା ପାଇଁ ଷ୍ଟାଣ୍ଡରେ ଜାଗା କମ୍ ପଡିଲା ବୋଲି ତାଙ୍କ ପୁରୁଣା ଚପଲ ଗୁଡ଼ାକୁ ଫୋପାଡ଼ି ଦେଇଥିଲା । ବାପା ଷ୍ଟାଣ୍ଡରୁ ବିକ୍ରାନ୍ତର ପୁରୁଣା ଚପଲ ହଳେ ଖୋଜି ପାଇଲେ । ଯାକୁ ପିନ୍ଧି ଯଦି ଚାଲିହେବ ତା'ହେଲେ ଆଉ ଚିନ୍ତାନାହିଁ । ସେଇ ଚପଲକୁ ଗଳେଇ ବାପା ବାରଣ୍ଡାର ଏପଟରୁ ସେପଟ, ସେପଟରୁ ଏପଟ ଚାଲିବାକୁ ଲାଗିଲେ । ତାଙ୍କ ଚାଲି ଏମିତି ଲାଗୁଥିଲା ଯେମିତି ନିପଟ ଗାଉଁଲି ଝିଅଟିଏ ନୂଆ ନୂଆ ହାଇ ହିଲ୍ ମାଡି ଚାଲିବା ପ୍ରାକ୍ଟିସ୍ କରୁଛ ।

'ନା, ଏ ଚପଲ ବି ଛିଣ୍ଡି ଯାଇଛ । ସହଜରେ ଚାଲି ହେଉନି- ବାପା ନିରାଶ ହେଲେ ।

ପର ମୁହୂର୍ତ୍ତରେ ବାପା ବିକିର ସେଇ ପୁରୁଣା ଚପଲକୁ କାଗଜରେ ଗୁଡେଇ, ଏକ ପଲିଥିନ ଭିତରେ ଭରି, ଖାଲି ପାଦରେ ବାହାରି ଗଲେ । ବୋଧେ ସହରର ମୋଚି ପାଖରୁ ସିଲେଇ କରି ଆଣିବା ପାଇଁ...

ମୋ -୮୦୧୮୮୦୭୧୫୩



# ରଥଯାତ୍ରା



ରବୀନ୍ଦ୍ରନାଥ ଠାକୁର
ମୂଳ ବଙ୍ଗଳାରୁ ଓଡ଼ିଆ ଅନୁବାଦ: ମୃଣାଳ

ରଥଯାତ୍ରା ଦିନ ପାଖେଇ ଆସିଲା ।
ରାଣୀ ରାଜାଙ୍କୁ କହିଲେ, ଚାଲ ରଥ ଦେଖିବାକୁ ଯିବା ।
ରାଜା କହିଲେ, ହେଉ ।
ଘୋଡାଶାଳରୁ ଘୋଡ଼ା ବାହାରିଲା । ହାତୀଶାଳରୁ ହାତୀ ।
ମୟୂରପଙ୍ଖି ରଥ ଧାଡ଼ି ଧାଡ଼ି । ବଲ୍ଲମ ହାତରେ ସୈନ୍ୟ ଧାଡ଼ି ଧାଡ଼ି । ଦଳ ଦଳ ଦାସଦାସୀ ପଛେ ପଛେ ଚାଲିଲେ । ବାକି ରହିଲା କେବଳ ଜଣେ । ରାଜା ଘରେ ଝାଡୁର କାଠି ଗୋଟେଇ ଆଣିବା ତା'ର କାମ ।
ସର୍ଦ୍ଦାର ଆସି ତାକୁ ଦୟା କରି ଡାକିଲା, ଆରେ ତୁ ଯିବୁ ଯଦି ଚାଲ ।
ସେ ହାତ ଯୋଡ଼ି କହିଲା ମୋର ଯିବା ହେବ ନି ।
ରାଜାଙ୍କ କାନକୁ କଥା ଗଲା, ସମସ୍ତେ ଯାଉଛନ୍ତି, କେବଳ ସେଇ ଦୁଃଖୀଟା ଯାଉନି ।
ରାଜା ଦୟା କରି ମନ୍ତ୍ରୀଙ୍କୁ କହିଲେ, ତାକୁ ବି ଡାକି ନିଅ ।
ରାସ୍ତା କଡ଼େ ତା' ଘର । ହାତୀ ଯେତେବେଳେ ସେଠି ପହଞ୍ଚିଲା, ମନ୍ତ୍ରୀ ତାକୁ ଡାକି କହିଲେ, ଆରେ ଦୁଃଖୀ, ଠାକୁର ଦେଖିବୁ ଚାଲ ।
ସେ ହାତ ଯୋଡ଼ି କହିଲା, କେତେ ଚାଲିବି ? ଠାକୁରଙ୍କ ଦୁଆରକୁ ପହଞ୍ଚିବି - ସେ ସାଧ କଣ ମୋର ଅଛି !
ମନ୍ତ୍ରୀ କହିଲେ, ତୋର କଣ ଭୟ ? ରାଜାଙ୍କ ସହିତ ଚାଲିବୁ ।
ସେ କହିଲା, ସର୍ବନାଶ । ରାଜାଙ୍କ ପଥ କଣ ମୋର ପଥ ?
ମନ୍ତ୍ରୀ କହିଲେ, ତେବେ ତୋର କଣ ଉପାୟ ? ତୋ ଭାଗ୍ୟରେ କଣ ରଥଯାତ୍ରା ଦେଖା ହେବ ନାହିଁ ?
ସେ କହିଲା, ନିଶ୍ଚୟ ଦେଖା ହେବ । ଠାକୁର ରଥରେ ବସି ମୋ ଦୁଆରକୁ ଆସନ୍ତି ।
ମନ୍ତ୍ରୀ ହସିଲେ । କହିଲେ, ତୋ ଦୁଆରରେ ରଥର ଚିହ୍ନ କାହିଁ ?
ଦୁଃଖୀ କହିଲା, ତାଙ୍କ ରଥର ଚିହ୍ନ ପଡ଼େନାହିଁ ।
ମନ୍ତ୍ରୀ କହିଲେ, କାହିଁକି ?
ଦୁଃଖୀ କହିଲା, ଠାକୁର ପୁଷ୍ପକ ରଥରେ ଆସନ୍ତି ।
ମନ୍ତ୍ରୀ କହିଲେ, କାହିଁ ସେ ରଥ ?
ଦୁଃଖୀ ଦେଖେଇ ଦେଲା, ତା'ଦୁଆରର ଦୁଇ ପାଖରେ ଦୁଇଟି ସୂର୍ଯ୍ୟମୁଖୀ ଫୁଟି ରହିଛି ।

ସଂଗୃହିତ-ଲିପିକା ଗ୍ରନ୍ଥରୁ(୧୯୨୨)



ସଂଚାରମାର୍ଗ, ଢେଙ୍କାନାଳ
ମୋ-୯୪୩୭୦୨୬୧୯୪


# ପାଞ୍ଚଟି ଏକପଦୀ



ଡ.ଭରତ ଚନ୍ଦ୍ର ଦାଶ

-୧-
ତୁମ ପ୍ରତିଛବି ଦେଖିଲା ପରେ ଗୋ
ନିଦ ମୋ ଯାଇଛି ଚାଲି,
ନିଶୀଥ କଷଣ ଅତନୁରେ ପ୍ରାଣ
ସପନେ ଖୋଜୁଛି ଖାଲି ।
-୨-
ପ୍ରୀତି ମୋ କହିଲା ହୃଦୟରେ ତୁମ
ସରାଗେ ରହିଛି ଯାଇ
ଅନ୍ୟତ୍ର କାହିଁକି ଖୋଜୁଛ ଗୋ ପ୍ରିୟ
ହୃଦୟେ ମୋ ଅଛ ରହି ।
-୩-
ମୋ ପ୍ରେୟସୀ ଦେହ ପ୍ରଣୟେ ସମ୍ମୋହ
ଅନଙ୍ଗ ଅନଳେ ଜଳେ ?
ଶୟନେ ସପନେ ପ୍ରଣୟୀର ରୂପ
ଚିନ୍ତା ଚେତନାରେ ଭାଳେ ।
-୪-
ତନୁରେ ମଞ୍ଚ ତୋଳଇ ରୋମାଞ୍ଚ
ଦେହ ଦେଉଳର ଗାତ୍ରେ
କେମିତି ବର୍ଣ୍ଣିବି ଅତନୁର ରାସ
ପ୍ରବାହ ଜୀବନ ପାତ୍ରେ ।
-୫-
ଭଲ ପାଉଥିଲି ତୋତେ ଲୋ ସଙ୍ଗିନୀ
ପ୍ରଣୟ ପ୍ରଦୀପ ଜାଳି
ମୋ ହୃଦୟେ ତୁମେ ପ୍ରୀତିର ପୀୟୂଷ
ଗୋଧୂଳି ଲଗ୍ନର ଧୂଳି ।

ମାର୍କୋଣା, ବାଲେଶ୍ୱର
ମୋ-୮୯୮୪୪୩୯୧୬୬



# ଶିପସରୁବାଲି



ପବିତ୍ର ମୋହନ ଦାଶ

ଶିପସରୁବାଲି
ନୁହଁ ଖାଲି ବାଲିର ପ୍ରାନ୍ତର,
ଯୋଉଠି ସହଜରେ ଖୋଳିହବ ନିଅଁ
ତୁମ ପଞ୍ଚତାରକା ବିକୃତିର ।

ଗଢାହେବ ସୁଇମିଂପୁଲ୍
ଆବଦ୍ଧ ବିଳାସର,
ଗଡ଼ିଗଡ଼ି ଯିବ ଗୁଡ଼କଙ୍କ
ତୁମ ଅଳସ ସ୍ୱପ୍ନର,
ତିଆରି ହେବ ପ୍ରଦର୍ଶନୀ ପଡ଼ିଆ
ହାଟ ସରାଗୀ ମନର,
ପ୍ରସ୍ତୁତ ହେବ ଗଲ୍‌ଫ୍ କୋର୍ସ
ତୁମ ଲକ୍ଷଭେଦୀ ମଗଜର,
ଗଢ଼ାହେବ ସ୍ପା
ତାଜା କରିବାକୁ
ତେଜହୀନ ସ୍ନାୟୁକୁ ତୁମର ।

ଶିପସରୁବାଲି
ନୁହଁ ଖାଲି ଛନ୍ଦାଛନ୍ଦି ଜାଲ ହେନ୍ତାଳବନର,
ଯୋଉଠି ନିଅନ୍ ଅନ୍ଧାରେ
ତୁମ ପକେଟ୍‌ର ଝନ୍‌ଝନ୍
ତୀର ହୋଇ କରିଯିବ ହରିଣୀ ଶିକାର ।


ଜୀବନର ରହସ୍ୟ ଆମର ଏଠି
ମାଇଲ୍ ମାଇଲ୍ ଝାଉଁ ଜଙ୍ଗଲ,
ଧାଡ଼ି ଧାଡ଼ି ତାଳଗଛ
ଆମର ସିଧା ମେରୁହାଡ଼,
ଆମ ବହିଯିବାର ଇଚ୍ଛାରେ ପ୍ରଖର
କେତକୀ ଝର,
ଆମର ରସ ଶୋଷକୁ
ଫଳରୂପେ ଧରିରଖେ ଆମ୍ବ ଡ଼ାଳ,
ବାଲି ହିଁ ଆମର ଭାଗବତ,
ଭାବକୁଣ୍ଡଳ ।

ଯେବେ ନଥିଲା
ବନ୍ଦୋବସ୍ତ, ତହସିଲ୍
ନକ୍‌ସା, ଖାତା, ପ୍ଲଟନମ୍ବର
ସେଦିନରୁ ବାଲିଉପରେ ଲେଖା
ଆମର ନାଁ – ବାଲିଗରଡ଼ା ପଥର ।

ସୁନ୍ଦରୀ ବନ୍ତ ଉପରେ ଠିଆ ଆମର ଟାଣପଣ
ତା'ର କିଣାବିକା କରିପାରିବ କି
ଗ୍ଲୋବାଲ୍ ଟେଣ୍ଡର୍ ?

ଇଂରାଜୀ ବିଭାଗ
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ
ବାଲିପୁଟ, ପୁରୀ
ମୋ-୯୪୩୭୨୦୭୫୪୮

## ନବ ସୃଜକ



ଅମୃତପୁରୁଷ ଶ୍ରୀଜଗନ୍ନାଥ
ସଂକଳକ ଓ ସଂପାଦନା-ପୀତବାସ ରାଉତରାୟ
ପ୍ରକାଶକ-ମହାବୀର ପ୍ରକାଶନ,
ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର
ମୂଲ୍ୟ-୪୦୦/-

ଜଗନ୍ନାଥ ହେଉଛନ୍ତି ଭାବର ଠାକୁର । ଯିଏ ଯେପରି ଭାବରେ ଡ଼ାକିଛି, ମହାପ୍ରଭୁ ସେଭଳି ଭାବରେ ଦର୍ଶନ ଦେଇଛନ୍ତି । ଦାସିଆ ବାଉରୀ କି ସାଲବେଗ ନୁହେଁ, ଏବେ ବି ପ୍ରାୟ ସବୁ ଜଗନ୍ନାଥପ୍ରେମୀଙ୍କ ମନରେ ଯେମିତି ଭାବ ରହିଛି, ସେପରି ମଧ୍ୟ ରହିଛି କିଛି ନାକିଛି ଦିବ୍ୟ ଅନୁଭବ । ଶ୍ରୀଜଗନ୍ନାଥଙ୍କୁ ଆଖି ପୂରେଇ ଥରେ ଦେଖିନେଲେ, ମନ ଭିତରେ ଯେଉଁ ଅଫୁରନ୍ତ ଭାବ ଜାଗ୍ରତ ହୁଏ, ତାହା କେଉଁ ଦିବ୍ୟ ଅନୁଭବ ଠାରୁ କିଛି କମ୍ ନୁହେଁ । ଅନେକ ଭକ୍ତ ମଧ୍ୟ ମହାପ୍ରଭୁଙ୍କର ଅଲୌକିକ ଲୀଳା ଓ ଭାବକୁ ଅନୁଭବ କରିଛନ୍ତି । ଅନେକଙ୍କର ଜୀବନର ଘଟିଛି ସେହି ଅଲୌକିକ ଘଟଣାର ପୁନରାବୃତ୍ତି । ସେ ଭକ୍ତଙ୍କୁ କେବଳ ଭକ୍ତିର ମାଧ୍ୟମ ଦେଇ ଟାଣି ନିଅନ୍ତି ନାହିଁ ବରଂ କିଛି ଅନୁଭବର ଭାବକୁ ଉପଲବ୍ଧି କରିବା ପାଇଁ ବଡ଼ଦାଣ୍ଡରେ ସ୍ମରଣିବା ପାଇଁ ଆହ୍ୱାନ କରିଥାନ୍ତି । ସେହିଭଳି ଏକ ନିଦର୍ଶନକୁ ନେଇ ଅବିଶ୍ରାନ୍ତ ଭାବରେ ପ୍ରକାଶ କରୁଥିବା ଏକ ଅନନ୍ୟ ସଂକଳନ ହେଉଛି ଅମୃତପୁରୁଷ ଶ୍ରୀଜଗନ୍ନାଥ । ସଂପାଦକ ଅବିଚଳିତ ଭାବରେ ଦୀର୍ଘ ବର୍ଷ ଧରି ଶ୍ରୀଜଗନ୍ନାଥଙ୍କ ମହିମା, କରୁଣା, ଅଲୌକିକତାକୁ ଅନୁଭବ କରିଥିବା ଶ୍ରଦ୍ଧାଳୁଙ୍କ ବହୁମୂଲ୍ୟ ଆଲେଖ୍ୟ ସଂଗ୍ରହ କରି ଯେଉଁ ଶ୍ରମଦାନ କରନ୍ତି, ମହାପ୍ରଭୁଙ୍କର କୌଣସି ପ୍ରିୟ ସେବକଙ୍କ ସେବା ଠାରୁ କିଛି କମ୍ ନୁହେଁ । ଶ୍ରୀଜଗନ୍ନାଥଙ୍କ ମହିମା ପ୍ରଚାର ପ୍ରସାର କରିବା କେବଳ ଓଡ଼ିଶା ନୁହେଁ ଦେଶବିଦେଶରେ ବାସ କରୁଥିବା ଜଗନ୍ନାଥପ୍ରେମୀଙ୍କ ପର୍ଯ୍ୟନ୍ତ ଯେଉଁ ଅବାରିତ ସେବା କରିଚାଲିଛନ୍ତି, ତାହା ନିହାତି ଭାବରେ ପ୍ରଶଂସାଯୋଗ୍ୟ ପଦକ୍ଷେପ । ଅନେକଙ୍କ ଅନୁଭବ, ସାକ୍ଷାତକାର, କାହାଣୀମାଳା, କବିତାରେ ରହିଛି ସେହି ମହନୀୟ ଭାବଧାରାର ଝଲକ । ଯେଉଁମାନେ ଥରେ ବି ଜଗନ୍ନାଥଙ୍କୁ ଦର୍ଶନ କରିଛନ୍ତି, ସେମାନେ ବୁଝି ନେଇଛନ୍ତି ମହାପ୍ରଭୁ କେଡ଼େ କୀର୍ତ୍ତିମନ୍ତ ଦେବତା । ଯାହାଙ୍କ ମାନବୀୟ ନୀତିକାନ୍ତି କେବଳ ମାନବସମାଜକୁ ସଚେତନ କରିବାର ଏକ ଭାବର ଧାରା । ମହାପ୍ରଭୁଙ୍କ ପ୍ରତିଟି ନୀତିକାନ୍ତି ମଧ୍ୟରେ ଯେମିତି ବୈଜ୍ଞାନିକ, ସାମାଜିକ, ସାଂସ୍କୃତିକ ଭାବ ରହିଛି, ତାହା ମାନବ ସମାଜର ମଙ୍ଗଳ ପାଇଁ କେବଳ ନୁହେଁ ସମାଜକୁ ଶୃଙ୍ଖଳିତ କରିବାର ଅନୁଶାସନ ମଧ୍ୟ ରହିଛି । ପ୍ରତିଟି ବେଶ, ପର୍ବ, ଯାତ୍ରା, ରୀତିନୀତି ପଛରେ ମାନବୀୟ ସାମାଜିକ ଚେତନାର ବାର୍ତ୍ତା ରହିଛି । ଏହି ସଂକଳନରେ ଯେଉଁ ମହାନୁଭବମାନେ ନିଜର ଆଲେଖ୍ୟ ଲେଖିଛନ୍ତି, ସେମାନେ ମହାପ୍ରଭୁଙ୍କ ଗୁଣଗାନ କେବଳ କରିନାହାନ୍ତି ବରଂ ଦେଖେଇ ଦେଇଛନ୍ତି ଜଗତରନାଥ ଜଗନ୍ନାଥଙ୍କ ମହିମାମଣ୍ଡିତ ଅଧ୍ୟାୟ । ଏହି ସଂକଳନ ପ୍ରତିବର୍ଷ ରଥଯାତ୍ରାରେ ମହାପ୍ରଭୁଙ୍କୁ ପ୍ରଥମେ ସମର୍ପି ସାର୍ବଜନୀନ କରାଯାଇଥାଏ, ଯାହାର ସ୍ୱାଦ ଆସ୍ୱାଦନ କରନ୍ତି ଶ୍ରଦ୍ଧାଳୁ । ଏହି ସଂକଳନଟି ଅନେକ ଦୁର୍ମୂଲ୍ୟ ଲେଖାକୁ ନେଇ ସମୃଦ୍ଧ । ମହାପ୍ରଭୁଙ୍କ ଇଚ୍ଛାରେ ସବୁ ସମ୍ଭବ, ଯାହାଙ୍କ ଦାୟିତ୍ୱ ନେଇ ସଂପାଦକ ମହାନ କାର୍ଯ୍ୟକୁ ଆହୁରି ଅଗ୍ରସର କରିଛନ୍ତି ।

# ବର୍ଷାର ଏକ ସ୍କେଚ୍



କୈଳାସ ବେହେରା

ରାସ୍ତା କଡ଼ରେ ଛତା ବିକୁଥିବା ପିଲାଟି ସେମିତି ଆକାଶକୁ ଅପଲକ ନୟନରେ ଚାହିଁରହିଥାଏ । ପାଖ ପାନ ଦୋକାନରେ ଖବର କାଗଜ ପଢୁଆ ବାବୁମାନଙ୍କ କଥାକୁ ବି କାନେଉ ଥାଏ । ଆଜି ବର୍ଷା ବାବଦେ କିଛି ଖବର ବାହାରିଛି କି !

ଏଥର ସେମିତି ଭଲବର୍ଷା ଅସରାଏ ନାହିଁ ବୋଲି ଛତା ବେପାର ନାହିଁ । ଆଜି ବି ଛତାତକ ଫେରେଇ ଘରକୁ ଯିବାକୁ ହେବ । ମା' ର ଶୁଖିଲା ମୁହଁ ତା' ଆଖି ଆଗରେ ଭାସି ଉଠୁଥାଏ । ସେ ତ ନିରୁପାୟ! କ'ଣ ଅବା କରିପାରିବ ଦଇବ ପାଖରେ । ପିନ୍ଧିଥିବା ଜାମାରୁ ଠାଏ ଠାଏ ଦେହର ଅଂଶ ଦୃଶ୍ୟମାନ ହେଉଥାଏ । ନୁଖୁରା କେଶରୁ ଅଭାବୀର କରୁଣଚିତ୍ର ବାରି ହୋଇପଡୁଥାଏ । ଆଜିବି ତା' ମା'କୁ ଯାଇ କହିବ ଛତା ବିକ୍ରି ହୋଇନି ବୋଲି । ତା' ମା' ମୁହଁରୁ ଚେନାଏ ହସ ସେ ଦେଖି ପାରିବନି ଏଇ ବର୍ଷାର ଅନୁପସ୍ଥିତ ପାଇଁ । ଗାଁ ମହାଜନ ପାଖରୁ କରଜ ଆଣି ଛତା ବେପାର ଆରମ୍ଭ କରିଥିଲା । ପାଖ ପାନ ଦୋକାନରୁ ସ୍ପଷ୍ଟ ଭାବେ ସେ ଶୁଣିପାରୁଥିଲା ମୌସୁମୀ ଗାଏବ, ଲଘୁଚାପ ଟଳିଗଲା, ବର୍ଷାର ସମ୍ଭାବନା କ୍ଷୀଣ, ଏତକ କଥା ତା' ହୃତସ୍ପନ୍ଦନ ବଢ଼େଇ ଦେଲା । ଛତା ବିକୁଥିବା ପିଲାଟି ସେଇମିତି ଆକାଶକୁ ଚାହୁଁଥାଏ । ଟୋପା ଟୋପା ବର୍ଷା ପଡ଼ିଲେ ସିନା ତା ସୌଭାଗ୍ୟର ଅନ୍ନ ତା' ହାତ ପାପୁଲିରେ ଅଜାଡ଼ି ପଡ଼ିବ ।



ତିହିଡି, ଭଦ୍ରକ, ମୋ - ୭୦୦୮୭୪୫୧୭୦

# ବିଭିନ୍ନ ସ୍ଥାନରେ ପବିତ୍ର ବାହୁଡ଼ା ଯାତ୍ରା



କଟକ


କଏରାପାରୀ

**କଟକ,୫।୭/ଏନ୍‌ଏନ୍‌ଏସ୍:** କଟକ ସହରର ବିଭିନ୍ନ ସ୍ଥାନରେ ଆଜି ବାହୁଡ଼ା ଯାତ୍ରା ପାଳିତ ହୋଇଯାଇଛି। ଦୋଳମୁଣ୍ଡାଇ, ଯୋବ୍ରା, ରାଣୀହାଟ, ଚାନ୍ଦିନୀଚୌକ ଓ ମହାନଦୀବିହାର ସମେତ ସହରର ଅନ୍ୟାନ୍ୟ ମନ୍ଦିରରେ ବାହୁଡ଼ା ଯାତ୍ରା ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ପ୍ରାତଃ ସମୟରୁ ଅପରାହ୍ନ ମଧ୍ୟରେ ବିଭିନ୍ନ ନୀତିକାନ୍ତି ଶେଷ ହେବା ପରେ ବିଗ୍ରହମାନଙ୍କୁ ପହଣ୍ଡିରେ ନେଇ ରଥାରୁଢ଼ କରାଯାଇଥିଲା। ବିଧି ମୁତାବକ ରଥ ଉପରେ ଛେରାପହଁରା ପରେ ଗୁଣ୍ଡିଚା ମନ୍ଦିରରୁ ରଥ ଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁଙ୍କ ହରିବୋଲ, ହୁଳାହୁଳି, ଘଣ୍ଟଓ ଶଙ୍ଖ ଧ୍ୱନିରେ ସମଗ୍ର ଅଂଚଳ ପ୍ରକମ୍ପିତ ହୋଇ ଉଠିଥିଲା। ଝିପିଝିପି ବର୍ଷା ସତ୍ତ୍ୱେ ହଜାର ହଜାର ଭକ୍ତ ଯାତ୍ରାରେ ଉପସ୍ଥିତ ରହି ରଥ ଟାଣିଥିଲେ। ରଥ ଦାଣ୍ଡରେ ସନ୍ଧ୍ୟା ଆଳତୀ ପରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବାହୁଡ଼ା ଯାତ୍ରା ଅବସରେ ସହରରେ ଟ୍ରାଫିକ ବ୍ୟବସ୍ଥାରେ କଟକଣା କରାଯାଇଥିଲା। ଏହାଛଡ଼ା ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ଶୃଙ୍ଖଳିତ ଭାବରେ ବାହୁଡ଼ା ଯାତ୍ରା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସୁରକ୍ଷା ଦାୟିତ୍ୱରେ ୧୫ ପ୍ଲାଟୁନ ପୁଲିସ ଫୋର୍ସ ସହ ୧୦୬ଜଣ ଅଧିକାରୀ ନିୟୋଜିତ ହୋଇଥିଲେ। ଆସନ୍ତା କାଲି ପ୍ରଭୁଙ୍କର ସୁନାବେଶ ଅନୁଷ୍ଠିତ ହେବ।

**କଏରାପାରୀ:** ଟାଙ୍ଗୀ-ଚୌଦ୍ୱାର ବ୍ଲକର କଏରାପାରୀଠାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପବିତ୍ର ବାହୁଡା ଯାତ୍ରା ଯଥାରୀତି ସମ୍ପନ୍ନ ହୋଇଛି। ପ୍ରତ୍ୟୁଷରେ ଡ୍ରିମ୍‌ସ ପରିସରରେ ଥିବା ସଂକଟମୋଚନ ମନ୍ଦିର ଆଡ଼ପ ମଣ୍ଡପରେ ଅବସ୍ଥାନ କରିଥିବା ତିନି ଠାକୁରଙ୍କ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଚତୁର୍ଦ୍ଧା ବିଗ୍ରହ ପହଣ୍ଡିରେ ଆସି ସୁସଜ୍ଜିତ ରଥରେ ବିଜେ କରିଥିଲେ। ରଥ ଉପରେ ଠାକୁରଙ୍କୁ ଭୋଗ, କର୍ପୂର ଆଳତୀ ଓ ପୁଷ୍ପାଞ୍ଜଳି ଅର୍ପଣ ପରେ ରଥ ଟଣା ଆରମ୍ଭ ହୋଇଥିଲା। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରାଧ୍ୟାପକ ସୁଶାନ୍ତ କୁମାର ଦାସ, ଡ. କୁମ୍ଭକର୍ଣ୍ଣ ରାଉତ, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଡେପୁଟି ରେଜିଷ୍ଟ୍ରାର ଶିଶିର କୁମାର ସାହୁ, ପଣ୍ଡିତ ପ୍ରଭାତ ଦାଶ, ଗୀତାଞ୍ଜଳି ରଥ, ନିୟମିତା ରଥ, ମୋହିନୀ ମୋହନ ରଥ, ଶିବ ପ୍ରସାଦ ରଥଙ୍କ ସମେତ ଡ୍ରିମ୍‌ସ ଓ ରଥ ପରିବାରର ବରିଷ୍ଠ ସଦସ୍ୟ, ଶ୍ରଦ୍ଧାଳୁ ଓ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଣୀହାଟରେ ଛେରାପହଁରା କଲେ ଜିଲ୍ଲାପାଳ



**କଟକ,୫।୭/ଏନ୍‌ଏନ୍‌ଏସ୍:** ରାଣୀହାଟଠାରେ ବଳଦେବଜିଉ ରଥଯାତ୍ରା କମିଟି ପକ୍ଷରୁ ନିତିକାନ୍ତି ଅନୁଯାୟୀ ବାହୁଡ଼ା ଯାତ୍ରା ଅନୁଷ୍ଠିତ ଆଜି ଅପରାହ୍ନ ସାଢ଼େ ଚାରିଟାରେ ହେଇଥିଲା। ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିରର ରଥରେ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ଅବସରରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କୀର୍ତ୍ତନ, ମୃଦଙ୍ଗ ବାଜା ସହ ପାଟ ପଟୁଆର ପଦଯାତ୍ରାରେ ଆସି ରଥାରୂଢ଼ ତିନି ଠାକୁରଙ୍କ ରଥର ଛେରା ପହଁରା ଓ ପୂଜାର୍ଚ୍ଚନା କରିଥିଲେ। ଏହା ପରେ ଭକ୍ତମାନଙ୍କ ଦ୍ୱାରା ରଥଟଣା ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ଶାନ୍ତିଶୃଙ୍ଖଳାର ସହ ରଥଯାତ୍ରା ଅନୁଷ୍ଠିତ ହୋଇଥିବାରୁ ଆଜି ବାହୁଡ଼ା ଅବସରରେ ଜିଲ୍ଲାପାଳ ସମସ୍ତ ରଥଯାତ୍ରା କମିଟିର କର୍ମକର୍ତ୍ତାଙ୍କ ସହ କଟକ ବାସୀ ତଥା ସମ୍ପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ, ପୁଲିସ ପ୍ରଶାସନ ଏବଂ ଅଗ୍ନିଶମ କର୍ମଚାରୀଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଅବ୍ୟବସ୍ଥା ଘେରରେ କଟକ ବଡ଼ ମେଡ଼ିକାଲ୍

## ଛାତ୍ର ବିଜେଡିର ଶାନ୍ତିପୂର୍ଣ୍ଣ ଧାରଣା

**କଟକ,୫।୭/ଏନ୍‌ଏନ୍‌ଏସ୍:** ଅବ୍ୟବସ୍ଥା ଘେରରେ କଟକ ବଡ଼ ମେଡ଼ିକାଲ। ଫଳରେ ଆନ୍ଦୋଳନକୁ ଓହ୍ଲାଇଲା ଛାତ୍ର ବିଜେଡି। ଏସ୍‌ସିବି ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ର ବିଜେଡି ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଛି। ଗତ ସରକାର ସମୟରେ ମେଡ଼ିକାଲ ପରିସର ମଧ୍ୟରେ ଯେଉଁ ଦୃଶ୍ୟ ଥିଲା, ସମ୍ପ୍ରତି ତାହାଠୁ ଅଧିକ ଭାବରେ କଟକ ବଡ଼ ମେଡ଼ିକାଲ ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ଛାତ୍ର ବିଜେଡ଼ି ପକ୍ଷରୁ ଅଭିଯୋଗ ହୋଇଛି। ମେଡ଼ିକାଲର ବିଭିନ୍ନ ବିଭାଗରେ ଡାକ୍ତର ଓ କର୍ମଚାରୀ ସଂଖ୍ୟା କମ୍ ରହିଥିବା ଏବଂ ପରିମଳ ବ୍ୟବସ୍ଥା ଭୁଷୁଡ଼ି ପଡ଼ିଥିବା ଛାତ୍ର ବିଜେଡି ପକ୍ଷରୁ ଅଭିଯୋଗ ହୋଇଛି। ଏହାବ୍ୟତୀତ ଏସସିବିରେ ଦଲାଲମାନଙ୍କ ସଂଖ୍ୟା ବୃଦ୍ଧି ପାଇ ରୋଗୀମାନଙ୍କ ନିୟମିତ ଲୁଟୁଥିବା ଅଭିଯୋଗ ହୋଇଛି। ତେଣୁ ବିଶ୍ୱସ୍ତରୀୟ ମେଡ଼ିକାଲ ହେବାର ସ୍ୱପ୍ନ ଦେଖିଥିବା ଓ ତାକୁ ନେଇ କାର୍ଯ୍ୟ ଆରମ୍ଭ କରିବାର ଫଳ ବର୍ତ୍ତମାନ ନିମ୍ନସ୍ତରକୁ ଯାଉଥିବା ଛାତ୍ର ବିଜେଡି ପକ୍ଷରୁ କୁହାଯାଇଛି। ଯଦି ଏ ଦିଗରେ ସୁଧାର ନ ଆସେ ତେବେ ରାଜ୍ୟ ସରକାରଙ୍କୁ ଜୋରଦାର୍ ବିରୋଧ କରାଯିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି। ଏହି ଅବସରରେ ଛାତ୍ର ବିଜେଡି ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ମହାନଗର ଛାତ୍ର ବିଜେଡି ସଭାପତି ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।



## ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀଙ୍କ ସ୍ମୃତି ସମାରୋହ

**କଟକ,୫।୭/ଏନ୍‌ଏନ୍‌ଏସ୍:** ଓଡ଼ିଶା ଲଳିତ କଳା ଏକାଡେମୀ ଓ ଶିଳ୍ପୀ ଅସିତ ମୁଖାର୍ଜୀଙ୍କର ସ୍ମୃତି ସଂସଦ ପକ୍ଷରୁ ଚିତ୍ରଶିଳ୍ପୀ ଅସିତ ମୁଖାର୍ଜୀଙ୍କ ସ୍ମୃତି ସମାରୋହ ଶ୍ରୀରାମଚନ୍ଦ୍ର ଭବନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସଂସଦର ସଭାପତି ଡ. ମହେଶ୍ୱର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଧର୍ମପଦ ପୁରସ୍କାରପ୍ରାପ୍ତ ବରିଷ୍ଠ ଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର ସ୍ମୃତିଚାରଣ କରି ସ୍ୱର୍ଗତ ମୁଖାର୍ଜୀ କେବଳ ଓଡ଼ିଶା ନୁହେଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରସିଦ୍ଧ ଚିତ୍ରଶିଳ୍ପୀ ଭାବରେ ନିଜକୁ ପ୍ରତିଷ୍ଠା କରିଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ଡ. ନିତ୍ୟାନନ୍ଦ ସ୍ୱାଇଁ, ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ବକ୍ତବ୍ୟରେ ଶିଳ୍ପୀ ମୁଖାର୍ଜୀଙ୍କ ସ୍ମୃତିଚାରଣ କରିଥିଲେ। ଚଳିତ ବର୍ଷ ବିଶିଷ୍ଟ ଚିତ୍ରଶିଳ୍ପୀ କେଶୁ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଳ୍ପୀ ମୁଖାର୍ଜୀଙ୍କର ଜୟନ୍ତୀ ଅବସରରେ ଅନୁଷ୍ଠିତ ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସ୍ମୃତି ସଂସଦର ସମ୍ପାଦକ ହରେକୃଷ୍ଣ ରାଉତ ବିବରଣୀ ପାଠ କରିଥିଲେ। ଶିଳ୍ପୀ ବିଜୟ ପ୍ରଧାନ, ଅକ୍ଷୟ ବେହେରା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବନ ମହୋତ୍ସବ



**କଟକ,୫।୭/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ସିଲଭର ସିଟି ବୋଟ କ୍ଲବ ହାଡ଼ିଆପଠା ପରିସରରେ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ କଟକ ଜିଲ୍ଲା କୋର୍ଟର ଜିଲ୍ଲା ଜଜ୍ ତଥା ଅଧ୍ୟକ୍ଷ ଏବଂ ଜିଲ୍ଲା ଆଇନସେବା ପ୍ରାଧିକରଣର ଦାୟିତ୍ୱରେ ଥିବା ରାଜକିଶୋର ମହାପାତ୍ର ଚାରାରୋପଣ କରିଥିଲେ। ଏହି ଅବସରରେ କଟକ ଜିଲ୍ଲାର ସମସ୍ତ ବିଚାୟ ବିଭାଗୀୟ ଅଧିକାରୀବୃନ୍ଦ, ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ମଧ୍ୟ ଚାରାରୋପଣ କରିଥିଲେ। ଏହି କାର୍ଯ୍ୟରେ ଜିଲ୍ଲା ବନ ବିଭାଗର ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ଜଗଦୀଶ ଚନ୍ଦ୍ର ଜେନା ଏହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## ବିଦ୍ୟାଳୟ ଫାଟକ ବିଳମ୍ବରେ ଖୋଲିବାରୁ ଧାରଣା



**ଟାଙ୍ଗୀ,୫।୭/ଏନ୍‌ଏନ୍‌ଏସ୍:** ସରକାର ସରକାରୀ ବିଦ୍ୟାଳୟ ପ୍ରତି ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଆକୃଷ୍ଟ କରିବା ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ଚେଷ୍ଟା କରୁଛନ୍ତି। ହେଲେ କିଛି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କର ମନମୁଖୀ କାର୍ଯ୍ୟ ପାଇଁ ଛାତ୍ରଛାତ୍ରୀମାନେ ସରକାରୀ ବିଦ୍ୟାଳୟରୁ ଯାଇ ଘରୋଇ ବିଦ୍ୟାଳୟକୁ ଆପଣାଉଛନ୍ତି। ବିଦ୍ୟାଳୟ ଫାଟକ ଖୋଲିବା ସମୟ ୯ଟାରେ ହୋଇଥିବା ବେଳେ ୧୦ଟା ପର୍ଯ୍ୟନ୍ତ ଫାଟକ ନ ଖୋଲାଯାଉଥିବାରୁ ଛାତ୍ରଛାତ୍ରୀମାନେ ବିପଦପୂର୍ଣ୍ଣ ଅବସ୍ଥାରେ ରାସ୍ତାରେ ବୁଲିବା ଦେଖି ଫାଟକ ସମ୍ମୁଖରେ ଛାତ୍ରଛାତ୍ରୀ ଓ ଅଭିଭାବକ ଧାରଣା ଦେଇଥିଲେ। ଶିକ୍ଷୟିତ୍ରୀଙ୍କ ସହ ଯୁକ୍ତି ତର୍କ ପରେ ଫାଟକ ଖୋଲା ଯାଇଥିଲା। ଏଭଳି ଘଟଣା ଦେଖିବାକୁ ମିଳିଛି ଟାଙ୍ଗୀ ଚୌଦ୍ୱାର ବ୍ଲକ ନିଶ୍ଚନ୍ତା ୟୁପି ବିଦ୍ୟାଳୟ ନିକଟରେ। ଅଭିଭାବକଙ୍କ କହିବାନୁଯାୟୀ ଛାତ୍ରଛାତ୍ରୀମାନେ ୯ଟା ୩୦ରେ ବିଦ୍ୟାଳୟକୁ ଆସୁଥିବାବେଳେ ଶିକ୍ଷକଶିକ୍ଷୟିତ୍ରୀମାନେ ବିଳମ୍ବିତ ସମୟରେ ଆସୁଛନ୍ତି। ଯାହା ଫଳରେ ରାସ୍ତା କଡ଼ରେ ବିଦ୍ୟାଳୟ ହୋଇଥିବାରୁ ଛାତ୍ରଛାତ୍ରୀମାନେ ବାହାରେ ବୁଲିବା ସହ ଅଘଟଣକୁ ସାମ୍ନା କରୁଛନ୍ତି। ଯଦି କୌଣସି ଛାତ୍ରଛାତ୍ରୀଙ୍କ ଅଘଟଣ ଘଟେ କିଏ ଦାୟୀ ରହିବ ବୋଲି ଅଭିଭାବକମାନେ ଶିକ୍ଷୟିତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି। ଅନ୍ୟ ପଟେ ଶିକ୍ଷୟିତ୍ରୀ ନିଜର ଭୁଲ୍ ସ୍ୱୀକାର କରିବା ବଦଳରେ ପିଲା କାହିଁକି ୧୦ଟାରେ ନ ଆସି ୯ଟା ୩୦ଟାରେ ଆସୁଛନ୍ତି ବୋଲି ଓଲଟା ପ୍ରଶ୍ନ କରିଛନ୍ତି। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ତେବେ ଏଠାରେ ସ୍ପଷ୍ଟ ହୋଇଛି ବିଦ୍ୟାଳୟର ଫାଟକ ଖୋଲିବା ସମୟ, ପ୍ରାର୍ଥନା ସମୟ ଓ କ୍ଲାସ୍ ଆରମ୍ଭ ସମୟ, ଶିକ୍ଷକଶିକ୍ଷୟିତ୍ରୀ ଆସିବା ସମୟ କେତେବେଳେ ତାହା ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଜଣାନାହିଁ। ବାହାରେ ବୁଲିବା ସମୟରେ ଯଦି କୌଣସି ଛାତ୍ରଛାତ୍ରୀ ଦୁର୍ଘଟଣାର ଶିକାର ହୁଅନ୍ତି, ସେଥିପାଇଁ କିଏ ଦାୟୀ ରହିବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ସିବ୍‌ନାମ୍‌ର କାର୍ଯ୍ୟକାରିଣୀ ବୈଠକ

**କଟକ,୫।୭/ଏନ୍‌ଏନ୍‌ଏସ୍:** ସିଡିଏ ବରିଷ୍ଠ ନାଗରିକ ମହାସଂଘ (ସିବନାମ୍)ର କାର୍ଯ୍ୟକାରିଣୀ ବୈଠକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠାନର ସଭାପତି ନିତ୍ୟାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଯାଇଛି। ମହାସଚିବ ଉତ୍କଳ ଭୂଷଣ ରାଉତରାୟ ବୈଠକରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ବୈଠକରେ ମହାସଂଘର ମୁଖ୍ୟ ଉପଦେଷ୍ଟା ଧରଣୀ ପଟ୍ଟନାୟକ, ଉପ-ସଭାପତି ବିଜୟ କୁମାର ପାତ୍ର, ନକୁଳ ଚନ୍ଦ୍ର ମହାରଣା, ବିଚିତ୍ରାନନ୍ଦ ପ୍ରଧାନ, ବିତ୍ତ ସଚିବ ଗୌରାଙ୍ଗ ଚରଣ ଦାସ, ଅଶୋକ କୁମାର ଚୌଧୁରୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିବାବେଳେ ଉପସଭାପତି ବିଚିତ୍ରାନନ୍ଦ ପ୍ରଧାନ ଧନ୍ୟବାଦ୍ ଦେଇଥିଲେ।

## ‘ମୋ ମନର ଜଗନ୍ନାଥ’ ଚିତ୍ରକଳା ପ୍ରଦର୍ଶନୀ



**କଟକ,୫।୭/ଏନ୍‌ଏନ୍‌ଏସ୍:** ମହାନଦୀ ବିହାରସ୍ଥିତ ମଙ୍ଗଳାମନ୍ଦିର ଛକରେ ଅନୁଷ୍ଠିତ ହୋଇଆସୁଥିବା ଶ୍ରୀଗୁଣ୍ଡିଚା ମହୋତ୍ସବ - ୨୦୨୫ର ଉଦ୍‌ଯାପନୀ ଉତ୍ସବରେ ମହୋତ୍ସବ କମିଟି ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ ମୋ ମନର ଜଗନ୍ନାଥ ଆୟୋଜିତ ହୋଇଯାଇଛି। ମହୋତ୍ସବ କମିଟି ପକ୍ଷରୁ ଡାକ୍ତର ଅର୍ପିତା ପ୍ରିୟଦର୍ଶିନୀ, ମାନସିକ ବିଭାଗର ପ୍ରଫେସର୍ ଡାକ୍ତର ନୀଳମାଧବ ରଥ, ଡାକ୍ତର ସଂଗ୍ରାମ ନାୟକ, ଲେଖିକା ସୋହାଗିନୀ ବେହେରା, ସରୋଜ ପ୍ରସାଦ ସ୍ୱାଇଁ, କର୍ପୋରେଟର ପ୍ରଦୀପ ସାହୁ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ଜଗନ୍ନାଥଙ୍କ ଫଟୋ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଡ଼ଃ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏବଂ ଆବାହକ ସଞ୍ଜୟ ଜେନା, ହିମାଂଶୁ ଷଡ଼ଙ୍ଗୀ, ରମାକାନ୍ତ ଲେଙ୍କା, ଅଭୟ ପରିଜା, ଶରତ ଚନ୍ଦ୍ର କୁଣ୍ଟୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚୌଦ୍ୱାର କଟକର ବିଧାୟକ ସୌଭିକ ବିଶ୍ୱାଳ, ସମ୍ମାନିତ ଅତିଥି ସଞ୍ଜୟ ସାହାଣୀ, ସ୍ଥାନୀୟ କର୍ପୋରେଟର୍ ଇଂ. ସୁବ୍ରତ ଘଡ଼ାଇ, ଷଷ୍ଠ ବାଟାଲିୟନ୍‌ର ଦୁର୍ଗପତି ସୂର୍ଯ୍ୟନାରାୟଣ ମଲ୍ଲିକ, ବିଶ୍ୱଜିତ୍ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଷ୍ଠିତ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା।

## ୨ୟ ଟେଷ୍ଟ: ୪୨୭/୬ରେ ପାଳି ଘୋଷଣା କଲା ଭାରତ

# ବିଜୟ ଲକ୍ଷ୍ୟ ୬୦୮, ଇଂଲଣ୍ଡ ୭୨/୩



**ବର୍ମିଂହାମ୍,୫/୭/ଏଜେନ୍ସି:** ଭାରତ-ଇଂଲଣ୍ଡ ମଧ୍ୟରେ ଏଜବାଷ୍ଟନ ଠାରେ ଖେଳାଯାଉଥିବା ୨ୟ ଟେଷ୍ଟ ମ୍ୟାଚ୍‌ର ଆଜି ୪ର୍ଥ ଦିନ ରହିଥିଲା। ୪ର୍ଥ ଦିନରେ ଭାରତ ଦ୍ୱିତୀୟ ପାଳିରେ ଅଧିନାୟକ ଶୁଭମନ୍ ଗିଲଙ୍କ ୧୬୧ ରନ୍‌ର ଦମଦାର୍ ଇନିଂସ ବଳରେ ଇଂଲଣ୍ଡକୁ ୬୦୮ ରନ୍‌ର ବିଶାଳ ଲକ୍ଷ୍ୟ ଦେଇଥିବା ବେଳେ ଇଂଲଣ୍ଡ ନିଜ ୨ୟ ପାଳି ଆରମ୍ଭ କରିଛି। ରିପୋର୍ଟ ଲେଖାହେବା ବେଳକୁ ଇଂଲଣ୍ଡ ୧୬ ଓଭରରେ ୩ ୱିକେଟ୍ ବିନିମୟରେ ୭୨ ରନ୍ ସଂଗ୍ରହ କରିନେଇଛି। ଓପନର ବେନ୍ ଡକେଟ୍ ୨୫ ରନ୍ କରି ପାଭିଲିୟନ୍ ଫେରିଛନ୍ତି। ସେହିପରି ଜୋ ରୁଟ୍ ୬ରନ୍ କରି ଆଉଟ୍ ହୋଇଥିବା ବେଳେ ଜ୍ୟାକ୍ କ୍ରଲେ (୦) ରେ ଆଉଟ୍ ହୋଇଛନ୍ତି। ଓଲି ପୋପ୍ ୨୪ ରନ୍ ଏବଂ ହ୍ୟାରୀ ବ୍ରୁକ୍ ୧୫ ରନ୍ କରି ଖେଳ ଜାରି ରଖିଛନ୍ତି। ଭାରତୀୟ ବୋଲର ଆକାଶ ଦୀପ୍ ୨ଟି ୱିକେଟ୍ ପାଇଥିବା ବେଳେ ମହମ୍ମଦ ସିରାଜ ଗୋଟିଏ ୱିକେଟ୍ ହାସଲ କରିଛନ୍ତି। ଉଭୟ ଦଳଙ୍କ ହାତରେ ଆଜି ଦିନକ ସମୟ ଥିବା ବେଳେ ଇଂଲଣ୍ଡକୁ ବିଜୟ ପାଇଁ ୭ ୱିକେଟ୍‌ରେ ୫୩୬ ରନ୍ କରିବାକୁ ଥିବା ବେଳେ ଭାରତକୁ ବିଜୟୀ ହେବା ପାଇଁ ୭ ୱିକେଟ୍ ନେବାକୁ ହେବ।

ଅଧିନାୟକ ଶୁଭମନ ଗିଲ୍ ପ୍ରଥମ ଇନିଂସରେ ୨୬୯ ରନ୍ କରିବା ପରେ ୨ୟ ପାଳିରେ ମଧ୍ୟ ଆଉ ଏକ ଲମ୍ବୁଆ ଶତକୀୟ ଇନିଂସ (୧୬୧) ଖେଳିଥିଲେ। ସେହିପରି କେଏଲ ରାହୁଲ, ରଷଭ୍ ପନ୍ତ ଏବଂ ରବୀନ୍ଦ୍ର ଜାଡେଜା ଅର୍ଦ୍ଧଶତକ କରିଥିଲେ। ଭାରତ ପ୍ରଥମ ଇନିଂସରେ ଇଂଲଣ୍ଡ ଠାରୁ ୧୮୦ ରନ୍ ଅଗ୍ରଣୀ ରହିଥିବା ବେଳେ ଶନିବାର ଚତୁର୍ଥ ଦିନର ଶେଷ ସେସନରେ ୪୨୭/୬ ରେ ନିଜର ଦ୍ୱିତୀୟ ଇନିଂସର ପାଳି ଘୋଷଣା କରିଥିଲା। ଫଳରେ ଭାରତ ୬୦୭ ରନ୍ ଆଗୁଆ ରହି ଇଂଲଣ୍ଡକୁ ଖେଳିବା ପାଇଁ ଆମନ୍ତ୍ରଣ କରିଛି। ଚତୁର୍ଥ ଦିନରେ ଇଂଲଣ୍ଡ ବୋଲରମାନେ ଭାରତୀୟ ବ୍ୟାଟ୍ସମ୍ୟାନ୍‌ଙ୍କ ସମ୍ମୁଖରେ କ୍ଲାନ୍ତ ଜଣାପଡୁଥିଲେ। ଇଂଲଣ୍ଡ ପକ୍ଷରୁ କେବଳ ଜୋଶ ଟଙ୍ଗ୍ ଏବଂ ସୋଏବ ବଶିର ଦୁଇଟି ଲେଖାଏଁ ୱିକେଟ୍ ହାସଲ କରିବାରେ ସଫଳ ହୋଇଥିଲେ।

ଗିଲ୍ ନିଜ ପ୍ରଥମ ଇନିଂସ ଏବଂ ୨ୟ ଇନିଂସକୁ ମିଶାଇ ଅନେକ ପୂର୍ବ ରେକର୍ଡକୁ ଭାଙ୍ଗିଥିବା ବେଳେ ଅନେକ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଗିଲ୍, ବିରାଟ୍ କୋହଲିଙ୍କ ଅଷ୍ଟ୍ରେଲିଆ ବିପକ୍ଷ ପୂର୍ବ ରେକର୍ଡ (୪୪୯ ରନ୍)ର ଇନିଂସକୁ ବ୍ରେକ୍ କରି ୪୫୯* ରନ୍ କରିବାରେ ସଫଳ ହୋଇଛନ୍ତି। ଏହି ସ୍କୋର ସହ ଗିଲ୍, ସୁନୀଲ ଗାଭାସ୍କରଙ୍କ ପୂର୍ବ ରେକର୍ଡ (୩୪୪)କୁ ମଧ୍ୟ ବ୍ରେକ୍ କରିଛନ୍ତି। ଏହା ବ୍ୟତୀତ ଶୁଭମନ ଗିଲ୍, ସୁନୀଲ ଗାଭାସ୍କରଙ୍କ ଆଉ ଏକ ରେକର୍ଡର ସମକକ୍ଷ ହୋଇଛନ୍ତି। ଗିଲ୍ ଦ୍ୱିତୀୟ ଭାରତୀୟ ଖେଳାଳି ଯିଏକି ସମାନ ଟେଷ୍ଟ ମ୍ୟାଚର ଦ୍ୱିତୀୟ ଇନିଂସରେ ଦ୍ୱିଶତକ ଏବଂ ପରେ ଶତକ ମାରିଛନ୍ତି। ପୂର୍ବରୁ ସୁନୀଲ ଗାଭାସ୍କରଙ୍କ ନାମରେ ଏହି ରେକର୍ଡ ଥିଲା।

# ପ୍ରଥମ ଏନ୍‌ସି କ୍ଲାସିକ୍ ଜିତିଲେ ନୀରଜ

## ୮୬.୧୮ ମିଟର ଥ୍ରୋ' ସହ ହାସଲ କଲେ ସ୍ୱର୍ଣ୍ଣପଦକ





**ବେଙ୍ଗାଲୁରୁ,୫/୭/ଏଜେନ୍ସି:** କର୍ଣ୍ଣାଟକ ବେଙ୍ଗାଲୁରୁ ସ୍ଥିତ ଶ୍ରୀ କାନ୍ତିରଭା ଷ୍ଟାଡିୟମ୍‌ରେ ଆୟୋଜିତ ନୀରଜ ଚୋପ୍ରା କ୍ଲାସିକ୍ (ଏନ୍‌ସି କ୍ଲାସିକ୍)-୨୦୨୫ ଅନ୍ତର୍ଜାତୀୟ ଜାଭେଲିନ୍ ଥ୍ରୋ' ପ୍ରତିଯୋଗିତାରେ ୨୭ ବର୍ଷୀୟ ଅଲିମ୍ପିକ୍ ପଦକ ବିଜେତା ନୀରଜ ଚୋପ୍ରା ବିଜୟୀ ହୋଇଛନ୍ତି। ସେ ନିଜ ତୃତୀୟ ରାଉଣ୍ଡରେ ୮୬.୧୮ ମିଟର ଥ୍ରୋ କରିଥିଲେ ଯାହାକି ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ନୀରଜଙ୍କ ପଛକୁ କେନିଆର ୨୦୨୫ ବିଶ୍ୱ ଚାମ୍ପିଅନ୍ ଜୁଲିୟସ୍ ୟେଗୋ ୮୪.୫୧ ମିଟର ସହିତ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଶ୍ରୀଲଙ୍କାର ରୁମେଶ ପାଥିରେଜ୍ ୮୪.୩୪ ମିଟର ସହିତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ଇଭେଣ୍ଟରେ ମୋଟ୍ ୧୨ ଜଣ ଜାଭେଲିନ୍ ଥ୍ରୋ'ୟର୍ (୭ ଅନ୍ତର୍ଜାତୀୟ ଥ୍ରୋୟର୍ ଏବଂ ନୀରଜଙ୍କ ସମେତ ୫ ଭାରତୀୟ ଆଥଲେଟ୍) ଅଂଶଗ୍ରହଣ କରିଥିଲେ।

ନୀରଜ ନିଜ ଦେଶରେ ଘରୋଇ ଦର୍ଶକ ଏବଂ ପରିବାର ସଦସ୍ୟଙ୍କ ସମ୍ମୁଖରେ ଏକ ବିଶ୍ୱସ୍ତରୀୟ ଜାଭେଲିନ୍ ଥ୍ରୋ' ଇଭେଣ୍ଟ ଆୟୋଜନ କରିବାକୁ ସ୍ୱପ୍ନ ଦେଖିଥିଲେ। ଫଳରେ ସେ ଏହି ଇଭେଣ୍ଟର ଅନ୍ୟତମ ଆୟୋଜକ ସାଜିଥିଲେ। ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟସ ଏବଂ ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ମିଳିତ ସହଭାଗିତାରେ ଆୟୋଜିତ ଏହି ଏହି ଇଭେଣ୍ଟର ନାମକରଣ ନୀରଜ ଚୋପ୍ରାଙ୍କ ନାମ ଅନୁସାରେ 'ନୀରଜ ଚୋପ୍ରା କ୍ଲାସିକ୍ (ଏନ୍‌ସି କ୍ଲାସିକ୍)' ଭାବେ ରଖାଯାଇଥିଲା। ଏହି କ୍ରୀଡାର ସଫଳ ଆୟୋଜନ ନୀରଜଙ୍କ ଦୀର୍ଘଦିନର ସ୍ୱପ୍ନକୁ କେବଳ ସାକାର କରିଛି ତାହା ନୁହେଁ ସେ ନିଜେ ଏଥିରେ ଅନ୍ୟତମ ପ୍ରତିଯୋଗୀ ଭାବେ ଅଂଶଗ୍ରହଣ ପୂର୍ବକ ସ୍ୱର୍ଣ୍ଣ ପଦକ ମଧ୍ୟ ହାସଲ କରିଛନ୍ତି। ପ୍ରକାଶ, ଏହା ନୀରଜଙ୍କର କ୍ରମାଗତ ତୃତୀୟ ଟାଇଟଲ୍ ଥିଲା। ଏହାପୂର୍ବରୁ ସେ ପ୍ୟାରିସ୍ ଡାଇମଣ୍ଡ ଲିଗ୍ (ଜୁନ୍ ୨୦, ୨୦୨୫) ଏବଂ ପୋଲାଣ୍ଡର ଓଷ୍ଟ୍ରାଭାରେ ଗୋଲଡେନ୍ ସ୍ପାଇକ୍ (ଜୁନ୍ ୨୪, ୨୦୨୫) ମଧ୍ୟ ଜିତିଥିଲେ। ପ୍ରକାଶ, ଏନ୍‌ସି କ୍ଲାସିକ୍ ବିଶ୍ୱ ଆଥଲେଟିକ୍ସ ଦ୍ୱାରା 'ଏ' ବର୍ଗର ମାନ୍ୟତା ପାଇଛି।

### ୱିମ୍ବଲଡନ୍ ଚାମ୍ପିଅନ୍‌ଶିପ୍

# ରାଉଣ୍ଡ ଅଫ୍ ୧୬ରେ ସିନର, ସାବାଲେଙ୍କା





**ଲଣ୍ଡନ, ୫/୭/ଏଜେନ୍ସି:** ୱିମ୍ବଲଡନ୍ ଚାମ୍ପିଅନ୍‌ଶିପ୍‌ର ପୁରୁଷ ସିଙ୍ଗଲ୍ସ ରାଉଣ୍ଡ୍ ଅଫ୍ ୧୬ରେ ପ୍ରବେଶ କରିଛନ୍ତି ବିଶ୍ୱ ନମ୍ବର ୧ ର୍ୟାଙ୍କ୍ ଖେଳାଳି ଜାନିକ୍ ସିନର। ସେ ତୃତୀୟ ରାଉଣ୍ଡରେ ସ୍ପେନ୍‌ର ପେଡ୍ରୋ ମାର୍ଟିନେଜଙ୍କୁ ସିଧାସଳଖ ସେଟରେ ପରାସ୍ତ କରିଛନ୍ତି।

ସିନର ଏହି ସମୟରେ ୩ ଡବଲ୍ ଫଲ୍ଟ କରିଛନ୍ତି ଇଟାଲୀର ସିନର ମାର୍ଟିନେଜଙ୍କୁ ୬-୧, ୬-୩, ୬-୧ରେ ପରାସ୍ତ କରିଛନ୍ତି। ସିନର ୩ ଥର ତାଙ୍କ ସର୍ଭିସ୍ ଡବଲ୍ ଫଲ୍ଟ କରିଛନ୍ତି ଏବଂ ମାର୍ଟିନେଜଙ୍କୁ ପଏଣ୍ଟ ଦେଇଛନ୍ତି। ଅନ୍ୟପକ୍ଷେ ମାର୍ଟିନେଜ୍ କିନ୍ତୁ ଗୋଟିଏ ବି ଡବଲ୍ ଫଲ୍ଟ କରିନାହାଁନ୍ତି। ପୁରୁଷ ସିଙ୍ଗଲ୍ସରେ, ଇଟାଲୀର ଫ୍ଲାଭିଓ କୋବୋଲି ମଧ୍ୟ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେ ଚେକ୍ ରିପବ୍ଲିକ୍‌ର ଯାକୁବ ମେନସିକଙ୍କୁ ୬-୨, ୬-୪, ୬-୨ରେ ପରାସ୍ତ କରିଛନ୍ତି।

ସେହିପରି ମହିଳା ସିଙ୍ଗଲ୍ସରେ, ବିଶ୍ୱର ନମ୍ବର-୧ ମହିଳା ଖେଳାଳି ବେଲାରୁସ୍‌ର ଆରିନା ସାବାଲେଙ୍କା ମଧ୍ୟ ତାଙ୍କ ମ୍ୟାଚ୍ ଜିତି ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛନ୍ତି। ସେ ବ୍ରିଟେନର ଏମା ରାଡୁକାନୁଙ୍କୁ ୭-୬ (୮-୬), ୬-୪ ରେ ପରାସ୍ତ କରିଛନ୍ତି। ମହିଳା ସିଙ୍ଗଲ୍ସରେ, ଅଷ୍ଟ୍ରେଲିଆର ଡାରିଆ କାସାକିନା, ସ୍ପେନର ଜେସିକା ବୋଜାସ୍ ମାନେରୋ, ସ୍ୱିଜରଲ୍ୟାଣ୍ଡର ବେଲିଣ୍ଡା ବେନସିକ୍, ଡେନମାର୍କର କ୍ଲାରା ଟୁସନ୍ ଏବଂ ରୁଷିଆର ମାରା ଆଣ୍ଡ୍ରିଭା ମଧ୍ୟ ରାଉଣ୍ଡ ଅଫ୍ ୧୬ ରେ ପ୍ରବେଶ କରିଛନ୍ତି।




# ଦେଶ ବିଦେଶ

## ଭୟଙ୍କର ସଡ଼କ ଦୁର୍ଘଟଣା: ବର ସମେତ ୮ ମୃତ

**ସମ୍ଭଲ,୫/୭/ଏଜେନ୍ସି:** ଉତ୍ତରପ୍ରଦେଶର ସମ୍ଭଲରେ ଘଟିଥିବା ଏକ ଭୟାବହ ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାର ସମ୍ପୂର୍ଣ୍ଣ ରୂପେ ଉଜୁଡିଯାଇଛି। ରିପୋର୍ଟ ଅନୁସାରେ ବିବାହ ଭୋଜି ପାଇଁ ଖାଦ୍ୟସାମଗ୍ରୀ ନେଇ ଯାଉଥିବା ବୋଲେରୋଟି ଦୁର୍ଘଟଣାଗ୍ରସ୍ତ ହେବା ପରେ ୨୪ ବର୍ଷୀୟ ବର ସମେତ ପରିବାରର ୮ଜଣ ସଦସ୍ୟଙ୍କର ମୃତ୍ୟୁ ଘଟିଛି ଏବଂ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଏହି ଦୁର୍ଘଟଣା ପ୍ରାୟ ଶନିବାର ସକାଳ ୬.୩୦ ସମୟରେ ଜେୱାନାଇ ଗାଁରେ ଘଟିଛି। ଜନତା ଇଣ୍ଟର କଲେଜ ନିକଟରେ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ଗାଡ଼ିଟି ଯାଇ କଲେଜ୍ କାନ୍ଥରେ ପିଟି ହୋଇ ଯାଇଥିଲା। ବୋଲେରୋ ଦ୍ରୁତ ଗତିରେ ଯାଉଥିବା ବେଳେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଏହି ଅଘଟଣ ଘଟିଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ଗାଡିଟି କଲେଜ କାନ୍ଥ ସହିତ ଧକ୍କା ହୋଇ ଓଲଟି ପଡ଼ିଥିଲା।

# ବିଜେପି ନେତାଙ୍କୁ ଗୁଳିକରି ହତ୍ୟା



**ପାଟନା,୫/୭/ଏଜେନ୍ସି:** ବିହାର ରାଜଧାନୀ ପାଟନାରେ ଘଟିଯାଇଛି ଏକ ଜଘନ୍ୟ ହତ୍ୟାକାଣ୍ଡ। ବିହାରର ପ୍ରଖ୍ୟାତ ବ୍ୟବସାୟୀ ତଥା ବିଜେପି ନେତା ଗୋପାଳ ଖେମ୍‌କାଙ୍କୁ କିଛି ଅଜ୍ଞାତ ବାଇକ୍ ଆରୋହୀ ଆକ୍ରମଣକାରୀମାନେ ଗୁଳି କରି ହତ୍ୟା କରିଥିବା ସୂଚନା ମିଳିଛି। ଶୁକ୍ରବାର ବିଳମ୍ବିତ ରାତିରେ ଏହି ହତ୍ୟାକାଣ୍ଡ ଘଟିଛି। ଶୁକ୍ରବାର ରାତିରେ ରାଜକୀୟ ଗାନ୍ଧୀ ମୈଦାନ ଅଞ୍ଚଳରେ ଥିବା ତାଙ୍କ ବାସଭବନ, ପନାଚେ ହୋଟେଲ ପାର୍ଶ୍ୱସ୍ଥ ଏକ ଆପାର୍ଟମେଣ୍ଟ ନିକଟରେ କିଛି ଅଜଣା ଆକ୍ରମଣକାରୀମାନେ ତାଙ୍କୁ ଆକ୍ରମଣ କରିଥିଲେ। ମୃତ ବ୍ୟବସାୟୀଙ୍କ ଭାଇ ଶଙ୍କର ଖେମ୍‌କା ପୁଲିସ୍‌କୁ ଦେଇଥିବା ସୂଚନାନୁସାରେ ତାଙ୍କ ଭାଇ ଗୋପାଳ ଖେମ୍‌କା ରାତି ପ୍ରାୟ ୧୧.୪୦ ବେଳକୁ ଗାଡ଼ି ଚଳାଇ ଘରକୁ ଫେରିଥିଲେ। ଗାଡିରୁ ଓହ୍ଲାଇବାମାତ୍ରେ ଆକ୍ରମଣକାରୀମାନେ ତାଙ୍କ ଉପରେ ଗୁଳି ଚଳାଇଥିଲେ। କିନ୍ତୁ ପୁଲିସ୍ ଟିମ୍‌କୁ ତୁରନ୍ତ ଏସମ୍ପର୍କରେ ସୂଚନା ଦିଆଯାଇଥିଲେ ମଧ୍ୟ ରାତି ୨.୩୦ ସୁଦ୍ଧା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିନଥିଲା ବୋଲି ଶଙ୍କର ଅଭିଯୋଗ କରିଛନ୍ତି। ବିଧାନସଭା ନିର୍ବାଚନ ଆଉ ମାତ୍ର କିଛି ମାସ ବାକି ଥିବାରୁ, ଏହି ଘଟଣା ରାଜନୈତିକ ଉତ୍ତେଜନା ସୃଷ୍ଟି କରିଛି। ସାଂସଦ ପପୁ ଯାଦବ ନୀତିଶ କୁମାର ସରକାରଙ୍କ ସୁଶାସନ ଦାବି ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ ଘଟଣାସ୍ଥଳ ପରିଦର୍ଶନ କରି ପରିବାରକୁ ସାନ୍ତ୍ୱନା ମଧ୍ୟ ଦେଇଛନ୍ତି। ପରେ ଖବର ପାଇ ପୁଲିସ୍ ଏବଂ ଫରେନ୍‌ସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସିସି ଟିଭି ଯାଞ୍ଚ କରିବା ସହ ଅଧିକ ତଦନ୍ତ ଜାରି ରଖିଛି। ପ୍ରକାଶ, ପୁଲିସ୍ ରିପୋର୍ଟ ଅନୁସାରେ ଆଜିକୁ ୬ ବର୍ଷ ପୂର୍ବେ ତାଙ୍କ ପୁଅ ଗୁଞ୍ଜନ ଖେମ୍‌କାଙ୍କୁ ମଧ୍ୟ ସମାନ ଭାବରେ ହତ୍ୟା କରାଯାଇଥିଲା।

**୬ ବର୍ଷ ପୂର୍ବେ ପୁଅକୁ ବି ସମାନ ଢ଼ଙ୍ଗରେ କରାଯାଇଥିଲା ହତ୍ୟା**

# ୨୦ ବର୍ଷ ପରେ ଏକାଠି ହେଲେ ଠାକ୍‌ରେ ବ୍ରଦର୍ସ



**ମହାରାଷ୍ଟ୍ର ରାଜନୀତିରେ ନୂଆ ସମୀକରଣ ସମ୍ଭାବନା**

**ମୁମ୍ବାଇ,୫/୭/ଏଜେନ୍ସି:** ଶନିବାର ମହାରାଷ୍ଟ୍ର ରାଜନୀତିରେ ଏକ ଐତିହାସିକ ମୁହୂର୍ତ୍ତ ଦେଖିବାକୁ ମିଳିଛି। ଗତ ଦୁଇ ଦଶନ୍ଧି ଧରି ପୃଥକ୍ ପଥ ଅନୁସରଣ କରୁଥିବା ଠାକ୍‌ରେ ବ୍ରଦର୍ସ (ଉଦ୍ଧବ ଠାକ୍‌ରେ ଏବଂ ରାଜ୍ ଠାକ୍‌ରେ)ଙ୍କୁ ପ୍ରଥମ ଥର ଗୋଟିଏ ମଞ୍ଚରେ ଏକାଠି ଦେଖିବାକୁ ମିଳିଛି। ମଞ୍ଚ ଉପରେ ଏହି ଦୁଇ ସମ୍ପର୍କୀୟ ଭାଇ ପରସ୍ପରକୁ ଆଲିଙ୍ଗନ କରିବା ଏବଂ ଅଭିନନ୍ଦନ ଜଣାଇବା ଦେଖିବାକୁ ମିଳିଛି। ମହାରାଷ୍ଟ୍ରରେ ଜୋର ଧରିଥିବା ଭାଷା ବିବାଦ ମଧ୍ୟରେ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଏବଂ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ମୁଖ୍ୟ ରାଜ୍ ଏକଜୁଟ୍ ହୋଇଛନ୍ତି। ମଞ୍ଚରେ ଉଭୟ ଉଦ୍ଧବ ଠାକରେ ଓ ରାଜ ଠାକରେ କେବଳ ଏକତ୍ର ହୋଇନାହାନ୍ତି ବରଂ ବିପକ୍ଷ ବିଜେପିକୁ ଏକ କଡ଼ା ବାର୍ତ୍ତା ମଧ୍ୟ ଦେଇଛନ୍ତି। ରାଜ୍ ଠାକରେ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ, ସେ ସବୁବେଳେ ନିଜ ରାଜ୍ୟ ମହାରାଷ୍ଟ୍ରକୁ ସର୍ବପ୍ରଥମ ମାନନ୍ତି ଏବଂ ଏଥିପାଇଁ ଯେକୌଣସି ରାଜନୀତି ଏବଂ ଲଢ଼େଇ ମଧ୍ୟ ତାଙ୍କ ପାଇଁ ଅତ୍ୟନ୍ତ ଛୋଟ। ଆଜି ଯେତେବେଳେ ରାଜ୍ୟର ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ସେତେବେଳେ ଦୀର୍ଘ ୨୦ବର୍ଷ ପରେ, ସେ ଏବଂ ଉଦ୍ଧବ ଏକାଠି ହୋଇଛନ୍ତି। ଆମ ଦୁଇ ଭାଇଙ୍କୁ ଏକାଠି କରିବାର କାମ' ଯାହାକୁ ବାଲାସାହେବ ମଧ୍ୟ କରିପାରିନଥିଲେ, ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭୀସ ତାହା କରିଦେଖାଇଛନ୍ତି। ରାଜ୍ କହିଥିଲେ ଯେ, ସେ ହିନ୍ଦୀ ଭାଷା ବିରୋଧରେ ନୁହଁନ୍ତି, କିନ୍ତୁ ଜନସାଧାରଣଙ୍କ ଉପରେ କୌଣସି ଭାଷା ଲଦିବା ଠିକ ନୁହେଁ। ଯେତେବେଳେ ମହାରାଷ୍ଟ୍ର ଏକ ହୁଏ, ଏହାର ପ୍ରଭାବ ସାରା ଦେଶରେ ଦୃଶ୍ୟମାନ ହୁଏ। କିଏ କେଉଁ ଭାଷା ଶିଖିବା ଉଚିତ, ଏହା ଲୋକଙ୍କ ଅଧିକାର, ଏହାକୁ ବଳପୂର୍ବକ ଲଦି ଦିଆଯାଇପାରିବ ନାହିଁ। ସେହିପରି ଉଦ୍ଧବ ଠାକରେ ମଧ୍ୟ କହିଛନ୍ତି, ବହୁ ବର୍ଷ ପରେ, ରାଜ୍ ଠାକରେ ଏବଂ ସେ ଗୋଟିଏ ମଞ୍ଚରେ ଅଛନ୍ତି। ସେମାନଙ୍କ ପାଇଁ ଭାଷଣ ଅପେକ୍ଷା ଏକାଠି ଦେଖାଯିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏବେ ସେମାନେ ଏକ ହୋଇଛନ୍ତି, ଆଗକୁ ଏକାଠି ରହିବେ।

ରାଜ୍ୟରେ ଭାଷା ବିବାଦ ଆରମ୍ଭ ହେବା ପରେ ପରେ ଏମାନଙ୍କ ଏକଜୁଟ୍ ହେବାକୁ ନେଇ ଦୀର୍ଘ ଦିନରୁ ଚର୍ଚ୍ଚା ହୋଇଆସୁଥିଲା। ତେବେ ଶନିବାର ଉଭୟ କାନ୍ଧକୁ କାନ୍ଧ ମିଶାଇ ଏକତାର ବାର୍ତ୍ତା ଦେଇଛନ୍ତି। ରିପୋର୍ଟ ଅନୁସାରେ ମହାରାଷ୍ଟ୍ରରେ ତ୍ରିଭାଷା ସୂତ୍ର ଲାଗୁ କରିବାକୁ ନେଇ ବିଜେପି ନେତୃତ୍ୱାଧୀନ ରାଜ୍ୟ ସରକାର ଆଣିଥିବା ପ୍ରସ୍ତାବକୁ ଉଭୟ ରାଜ୍ ଠାକରେ ଓ ଉଦ୍ଧବ ଠାକରେ କଡା ବିରୋଧ କରୁଛନ୍ତି। ରାଜ୍ୟ ସରକାର ପରିସ୍ଥିତିକୁ ଦୃଷ୍ଟିରେ ରଖି ଯଦିଓ ଏହି ଆଇନକୁ ବର୍ତ୍ତମାନ ସ୍ଥଗିତ ରଖିଛନ୍ତି, କିନ୍ତୁ ଉଭୟ ରାଜ ଏବଂ ଉଦ୍ଧବ ଏହାକୁ ମରାଠୀମାନଙ୍କ ବିଜୟ ବୋଲି କହିଛନ୍ତି। ଉଭୟ ଠାକରେ ଭାଇ ଏହି ନିଷ୍ପତ୍ତିକୁ ଭାଷାଗତ ସ୍ୱାଭିମାନର ବିଜୟ ବୋଲି କହିଛନ୍ତି। ଏହାକୁ ଏକ ଉତ୍ସବ ଭାବେ ପାଳନ କରାଯାଉଥିବା ବେଳେ ଏହି ପରିପ୍ରେକ୍ଷୀରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହିଠାରେ ହିଁ ଉଭୟ ଭାଇ ଏକାଠି ହୋଇଛନ୍ତି। ତେବେ ୨୦ବର୍ଷ ପରେ ଉଦ୍ଧବ ଓ ରାଜ ଠାକରେ ଏକାଠି ହୋଇଥିବା ବେଳେ ଆଗକୁ ମୁମ୍ବାଇ ମହାନଗରପାଳିକା ନିର୍ବାଚନ ରହିଛି। ପ୍ରକାଶ, ମରାଠୀ ଭାଷା ପ୍ରତି ପ୍ରେମ ଉଭୟ ଭାଇଙ୍କୁ ପୁଣି ଥରେ ଏକ ମଞ୍ଚରେ ଏକାଠି ହେବାର ସୁଯୋଗ ଦେଇଛି। ଏହା ପୂର୍ବରୁ, ନିର୍ବାଚନ ପ୍ରଚାର ସମୟରେ ଉଭୟଙ୍କୁ ଶେଷ ଥର ପାଇଁ ୨୦୦୫ ମସିହାରେ ଏକ ମଞ୍ଚରେ ଏକାଠି ଦେଖାଯାଇଥିଲା। ଏହା ପରେ, ସେହି ବର୍ଷ ରାଜ ଠାକରେ ଶିବସେନାରୁ ଇସ୍ତଫା ଦେଇଥିଲେ ଏବଂ ପରବର୍ତ୍ତୀ ସମୟରେ ଏମ୍‌ଏନ୍‌ଏସ୍ ନାମରେ ନିଜର ଏକ ଦଳ ଗଠନ କରିଥିଲେ।

# ଆମେରିକାରେ ଭୀଷଣ ବନ୍ୟା; ୨୪ ମୃତ



**ୱାଶିଂଟନ୍,୫/୭/ଏଜେନ୍ସି:** ଆମେରିକାର ଦକ୍ଷିଣ ମଧ୍ୟ କ୍ଷେତ୍ରରେ ସ୍ଥିତ ଟେକ୍ସାସ ଏବଂ କେର୍ବିଲ୍ ରାଜ୍ୟରେ ପ୍ରବଳ ବର୍ଷା କାରଣରୁ ସୃଷ୍ଟି ହୋଇଥିବା ବନ୍ୟା ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। ଏପର୍ଯ୍ୟନ୍ତ ପ୍ରାୟ ୨୪ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଥିବା ସ୍ଥଳେ ଅନେକ ଲୋକ ନିଖୋଜ ଅଛନ୍ତି। ଫଳରେ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଲୋକଙ୍କୁ ଜଳବନ୍ଦୀ ଅଞ୍ଚଳରୁ ରକ୍ଷା କରିବାକୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଡଙ୍ଗା ଠାରୁ ଆରମ୍ଭ କରି ହେଲିକପ୍ଟର ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟରେ ବ୍ୟବହାର କରାଯାଉଛି। ଗ୍ୱାଡାଲୁପ୍ ନଦୀରେ ବନ୍ୟାଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ମାତ୍ର ୯୦ ମିନିଟ୍‌ରେ ଏହି ନଦୀର ଜଳ ୨୦ ଫୁଟ ଯାଏଁ ବୃଦ୍ଧି ପାଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଟେକ୍ସାସରେ ଆସିଥିବା ବନ୍ୟାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି।

# ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସର 'ନୂଓ୍ୱା କଲେକସନ୍' ଶୁଭାରମ୍ଭ




**ଭୁବନେଶ୍ୱର, ୫/୭/ଏଜେନ୍ସି:** ବିଶ୍ୱର ସର୍ବବୃହତ୍ ଏବଂ ବିଶ୍ୱସ୍ତ ସୁନା ଏବଂ ହୀରା ଅଳଙ୍କାର ଖୁଚୁରା ବ୍ୟବସାୟୀ ଏବଂ ଦାୟିତ୍ୱବାନ ଅଳଙ୍କାର ବିକ୍ରେତା ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ଏହାର ନୂତନତମ ଉତ୍କୃଷ୍ଟ ପ୍ରାକୃତିକ ହୀରା ଅଳଙ୍କାର ସଂଗ୍ରହ 'ନୂଓ୍ୱା ବାଇ ମାଇନ୍ ଡାଇମଣ୍ଡସ୍' ଲଞ୍ଚ କରିଛି। ଆବଷ୍ଟ୍ରାକ୍ଟ ପ୍ୟାଟର୍ଣ୍ଣ ଏବଂ ଆଧୁନିକ ରୂପ ଦ୍ୱାରା ଅନୁପ୍ରାଣିତ ହୋଇ, ଏହି ସଂଗ୍ରହ ଏବେ ବିଭିନ୍ନ ପ୍ରକାରର ଚମତ୍କାର ଡିଜାଇନ୍ ଆଣିଛି ଯାହା ସର୍ବନିମ୍ନ ବିଳାସକୁ ପ୍ରତିଫଳିତ କରେ। ଆବଷ୍ଟ୍ରାକ୍ଟ ସିଲୁଏଟ୍ ସହିତ ସମସାମୟିକ ଧାରଣାକୁ ଗ୍ରହଣ କରି, ପ୍ରତ୍ୟେକ ଗହଣା ଏକ ନିର୍ଭୀକ ପ୍ରକାଶନର ସଙ୍କେତ। 'ନୂଓ୍ୱା କଲେକ୍‌ସନ୍' ଉନ୍ମୋଚନ ଅବସରରେ, ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ଏକ ଡାଇମଣ୍ଡ ଶୋ' ଉପସ୍ଥାପନ କରିଛି ଯାହାକି କାଳଜୟୀ ସୁନ୍ଦରତା ଏବଂ କାରିଗରିର ଏକ ଚମତ୍କାର ମିଶ୍ରଣ ସାଜିପାରିଛି। ଏହି ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ଏବେ ଶହୀଦନଗର ରୂପାଲି ଛକ ଠାରେ ଅବସ୍ଥିତ ଭୁବନେଶ୍ୱର ଷ୍ଟୋରରେ ଲାଇଭ୍ ହେଉଛି।

ଦୁବାଇରେ ଅନୁଷ୍ଠିତ ମିସେସ୍ ଇଣ୍ଡିଆ ୱାର୍ଲ୍ଡୱାଇଡ୍ ୨୦୨୫ ଟାଇଟଲ୍ ବିଜୟିନୀ ସୁଶ୍ରୀ ସଙ୍ଗୀତା ନାୟକ ଏବଂ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ର ସମସ୍ତ ପରିଚାଳନା କର୍ମଚାରୀଙ୍କ ଦ୍ୱାରା ଏହି ଡାଇମଣ୍ଡ ଶୋ'ର ଶୁଭାରମ୍ଭ କରାଯାଇଥିଲା। ଏହି ହୀରା ପ୍ରଦର୍ଶନୀ ପ୍ରକୃତରେ ଏକ ନିବିଡ଼ ଅନୁଭୂତି ପ୍ରଦାନ କରେ, ହୀରା ଅଳଙ୍କାରର ସର୍ବୋତ୍ତମ ସୃଷ୍ଟି ପ୍ରଦର୍ଶନ କରେ, ଯାହା ମାଲାବାରର ଅତୁଳନୀୟ କଳାକୃତି ଏବଂ ଉତ୍କର୍ଷତାକୁ ପ୍ରତିଫଳିତ କରେ। କମ୍ପାନୀ ପକ୍ଷରୁ ୧୩ ଜୁଲାଇ ପର୍ଯ୍ୟନ୍ତ ବୈଧ ସ୍ୱତନ୍ତ୍ର ଉତ୍ସବ ଅଫରର ମଜା ନେବାକୁ ଗ୍ରାହକଙ୍କୁ ସୂଚୀତ କରାଯାଉଛି। ଏହି ଅଫରସୀମା ମଧ୍ୟରେ ସମସ୍ତ ସୁନା, କଟାଯାଇନଥିବା ଏବଂ ରତ୍ନପଥର ଅଳଙ୍କାରର ମେକିଂ ଚାର୍ଜ ଉପରେ ଫ୍ଲାଟ୍ ୩୦% ରିହାତି ସହ ହୀରା ମୂଲ୍ୟ ଉପରେ ୩୦% ପର୍ଯ୍ୟନ୍ତ ରିହାତି ମଧ୍ୟ ମିଳିପାରିବ। ଏହା ବ୍ୟତୀତ, ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ଏକ ଆଗୁଆ ବୁକିଂ ସୁବିଧା ପ୍ରଦାନ କରେ, ଯାହା ଅଧୀନରେ ଗ୍ରାହକମାନେ ସର୍ବନିମ୍ନ ୧୦% ଅଗ୍ରିମ ଦେୟ କରି ଅଳଙ୍କାର ବୁକ୍ କରିପାରିବେ ଏବଂ ବୁକ୍ ହୋଇଥିବା ଦର କିମ୍ବା ପ୍ରଚଳିତ ଦରରେ, ଯାହା କମ୍ ଥାଏ, ଅଳଙ୍କାର ଗ୍ରହଣ କରିପାରିବେ। ବଲିଉଡ୍ ଆଇକନ୍ ଏବଂ ବ୍ରାଣ୍ଡ ଆମ୍ବାସାଡର କରୀନା କପୁର ଖାନଙ୍କୁ ନେଇ ନୂତନତମ ନୂଓ୍ୱା କଲେକ୍‌ସନ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ସହିତ, ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ଆଧୁନିକ ମହିଳାମାନଙ୍କର ସୌନ୍ଦର୍ଯ୍ୟ, ସାହସିକ ବ୍ୟକ୍ତିତ୍ୱ, ବହୁମୁଖୀତା, ଶକ୍ତି ଏବଂ ଅନୁଗ୍ରହକୁ ପାଳନ କରୁଛି। ନୂଓ୍ୱା କଲେକ୍‌ସନ୍ ଶୁଭାରମ୍ଭ ବିଷୟରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମପି ଅହମ୍ମଦ କହିଛନ୍ତି, "ଆବଷ୍ଟ୍ରାକ୍ଟ ଏବଂ ସମସାମୟିକ ରୂପ ଏବଂ ଆଧୁନିକ ମହିଳାଙ୍କ ସ୍ଥିରତା ଉପରେ ଆଧାରିତ, ଆମର ନବୀନତମ ନୁଭା କଲେକ୍‌ସନ୍ ପ୍ରତ୍ୟେକ ମନୋଭାବ, ଅବସର ଏବଂ ପୋଷାକ ସହିତ ମେଳ ଖାଉଥିବା ବହୁମୁଖୀତାକୁ ପୁନଃପରିଭାଷିତ କରେ, ଏବଂ ବିଳାସପୂର୍ଣ୍ଣତାକୁ ପୁନଃପରିଭାଷିତ କରେ - ଡିଜାଇନରେ ମହାନ, ତଥାପି ଅନୁଭବରେ ହାଲୁକା।" ନୂତନତମ ସଂଗ୍ରହ ହେଉଛି ଆଧୁନିକ ଶୈଳୀ, ସ୍ମାର୍ଟ ଡିଜାଇନ୍ ଏବଂ ପରିଧାନଶୀଳତାର ଏକ ଉତ୍ତମ ମିଶ୍ରଣ। ଆମେ ସମସ୍ତ ଅଳଙ୍କାର ଉତ୍ସାହୀମାନଙ୍କୁ ଆମର ଶୋ'ରୁମ୍‌ରେ ନୂତନତମ ନୂଓ୍ୱା କଲେକ୍‌ସନର ଅନୁଭବ ନେବା ପାଇଁ ଆମନ୍ତ୍ରଣ କରୁଛୁ ବୋଲି ଶ୍ରୀ ଅହମ୍ମଦ କହିଛନ୍ତି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra